

ସୁନେଲିତା ଟପ୍ପୋଙ୍କ ମୁଣ୍ଡରେ ସୁନା କଳସ
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 203 | ଭାଗ ୩୨ | ସଂଖ୍ୟା ୨୦୩ | Bhubaneswar | Thursday 17 October 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୧୭ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଚାଷୀ ଓ କର୍ମଚାରୀଙ୍କୁ ଦୀପାବଳି ଭେଟି

## ରବି ଫସଲର ଏମ୍‌ଏସ୍‌ପି ବୃଦ୍ଧି



**ନୂଆଦିଲ୍ଲୀ, ୧୬।୧୦:** ଚାଷୀ ଓ କେନ୍ଦ୍ର କର୍ମଚାରୀଙ୍କୁ ଦୀପାବଳୀ ଭେଟି ଦେଇଛନ୍ତି ମୋଦି ସରକାର। ଚାଷୀଙ୍କ ଆୟ ବୃଦ୍ଧି ପାଇଁ ରବି ଋତୁରେ ଉତ୍ପାଦିତ ୬ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଚାଷୀଙ୍କୁ ଫସଲର ଉପଯୁକ୍ତ ମୂଲ୍ୟ ପ୍ରଦାନ ପାଇଁ କେନ୍ଦ୍ର ସରକାର ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ସେହିପରି ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ୩ ପ୍ରତିଶତ ବୃଦ୍ଧି କରାଯାଇଛି। ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଦେଶର ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ରବି ଫସଲଗୁଡ଼ିକ ସର୍ବନିମ୍ନ ସହାୟକ ମୂଲ୍ୟ ବା



**କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି**

ଏମଏସ୍‌ପି ବୃଦ୍ଧି ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଆସନ୍ତା ୨୦୨୫-୨୬ ସିଜିନ ପାଇଁ ବିଭିନ୍ନ ପ୍ରକାରର ରବି ଫସଲର ଏମଏସ୍‌ପି ବୃଦ୍ଧି କରାଯାଇଛି। ଚାଷୀଙ୍କ ଆୟବୃଦ୍ଧି ଓ ରବି ଋତୁରେ ଫସଲ ଉତ୍ପାଦନ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଚାଷୀମାନେ ନିଜ ଉତ୍ପାଦ ଉପରେ ଯେମିତି ଉପଯୁକ୍ତ ଦାମ ପାଇ ପାରିବେ, ତା'କୁ ପୃଷ୍ଠା-୬

## ୩% ବଢ଼ିଲା ଡିଏ

**ନୂଆଦିଲ୍ଲୀ, ୧୬।୧୦:** କେନ୍ଦ୍ର କର୍ମଚାରୀଙ୍କୁ ଦୀପାବଳି ଭେଟି। କେନ୍ଦ୍ର ସରକାର ମହଙ୍ଗା ଭତ୍ତା (ଡିଏ) ୩% ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ୩ ପ୍ରତିଶତ ମହଙ୍ଗା ଭତ୍ତା ପାଇବେ। ଏହି ବୃଦ୍ଧି ସହ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭର୍ତ୍ତା ୫୩%କୁ ବୃଦ୍ଧି ହୋଇଛି। ଏହା ପିଛିଲା ଭାବେ ୨୦୨୪ ଜୁଲାଇ ପହିଲାରୁ ଲାଗୁହେବ।

କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ପେନସନଧାରୀଙ୍କୁ ମିଶାଇ ମୋଟ ୧ କୋଟି ୧୫ ଲକ୍ଷ ଉପକୃତ ହେବେ । ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅଧିକ ୯୪୪୮ କୋଟି ପୃଷ୍ଠା-୬

# ବିଜେଡିର ନୂଆ ଯୋଗୀ ଜୋରରେ ପିଟୁଛନ୍ତି ଥାଳ





**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ ଓ ବରିଷ୍ଠ ନେତାମାନଙ୍କୁ ଦଳରୁ ତଡିବାପାଇଁ ଯେଭଳି ଦଳର ନୂଆ ନେତାମାନଙ୍କୁ ମାମଲତକାରମାନେ କାମରେ ଲଗାଇଛନ୍ତି ଓ ରାଜନୀତିର 'ର' ଅକ୍ଷର ଜାଣିନଥିବା ଏହି ନୂଆ ନେତାମାନେ ଯେଭଳି ବଡ ପାଟିରେ ଗାଳିମନ୍ଦ କରୁଛନ୍ତି ତାକୁ ଦେଖିଲାପରେ ଖୋଦ୍ ବିଜେଡିର କିଛି ନେତା ଏମାନଙ୍କୁ 'ନୂଆ ଯୋଗୀ ଜୋରରେ ଥାଳ ପିଟୁଥିବା' କହୁଛନ୍ତି । ତେବେ ବିଜେଡିରେ ଏଭଳି ଯୋଗୀଙ୍କ ତାଲିକା ଧିରେ ଧିରେ ଲମ୍ବିବାରେ ଲାଗିଛି ।

ନୂଆ ଯୋଗୀଙ୍କର ଏହି ଥାଳପିଟା ତାଲିକାରେ ସଦ୍ୟ ଯୋଡି ହୋଇଛନ୍ତି କର୍ପୋରେଟ ଚାକିରି ଛାଡି ନିର୍ବାଚନର ଅଳ୍ପ କେଇଦିନ ପୂର୍ବରୁ ଶାଗୁଆ ଗାମୁଛା ପକାଇଥିବା ସଂତୃପ୍ତ ମିଶ୍ର । ମାମଲତକାରମାନେ ବିଜେଡିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଭର୍ତ୍ତୃହରିଙ୍କୁ ତଡି ତାଙ୍କ ସ୍ଥାନରେ ସଂତୃପ୍ତଙ୍କୁ ଆଣି ଥୋଇଲେ । ସଂତୃପ୍ତଙ୍କ ଅବସ୍ଥା କ'ଣ ହେଲା ତାହା ସମସ୍ତେ ଦେଖିଲେ । ଏବେ ବିଜେଡି ବିଦ୍ୟାଳୟର ଏହି ନୂଆ ଛାତ୍ର ବରିଷ୍ଠ ନେତାଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ବଡ ପାଟିରେ କହିବା ଆରମ୍ଭ କରିଛନ୍ତି । ଏପରିକି ଦଳର ଦୁଇ ସାଂସଦ ବିଜେପି ଖୁଆଡକୁ ଯିବାପରେ ବି ବିଜେପି ନେତାଙ୍କ ଉକ୍ତିକୁ ଫାଲତୁ କଥା ବୋଲି କହିବାକୁ ସଂତୃପ୍ତ ପଛାଉ ନାହାନ୍ତି । ତାଙ୍କର ଏଭଳି ହାବଭାବ ଦେଖିଲା ପରେ ବିଜେଡିର ଗୋଟିଏ ଗୋଷ୍ଠି ତାଙ୍କୁ ଥାଳ ବାଡିଆରେ ପ୍ରଥମ ପୁରସ୍କାର ମିଳିବ ବୋଲି କହିଲେଣି ।

ପୂର୍ବରୁ ଆଉଜଣେ ଯୋଗୀ ଏଭଳି ଥାଳ ବାଡଉଥିଲେ । ସିଏ ହେଲେ ଘଣ୍ଟାଏ ଭିତରେ ବିଜେଡିରେ ଯୋଗଦେଇ ସାଂସଦ ଟିକଟ ହାତେଇ ନେଇଥିବା ମନ୍ମଥ ରାଉତରାୟ । ସଂତୃପ୍ତଙ୍କ ଭଳି ସିଏ ମଧ୍ୟ ନିର୍ବାଚନ ହାରିଲେ । ପାଇଲଟ ଚାକିରି ଛାଡି ରାଜନୀତିରେ ଯୋଗ ଦେଇଥିବା ବିଜେଡିର ଏହି ନବାଗତ ନେତା ଏବେ ନିଜ ଥାଳକୁ ଏଭଳି ପିଟୁଛନ୍ତି ଯେ ତାଙ୍କ ବିଜେଡି କର୍ମୀମାନେ ନିଶୁଆ ଯୋଗୀ ବୋଲି କହି ବ୍ୟଙ୍ଗ କରୁଛନ୍ତି । ମନ୍ମଥ ଶଙ୍ଖଭବନରେ ଦଳର ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ କଟାକ୍ଷ କରିବାପରେ ଚାରିଆଡୁ ସମାଲୋଚନାର ଶିକାର ହୋଇ ତୁନି ପଡିଥିଲେ । ହେଲେ ଏବେ ପୁଣି କେତେକ ଘଟଣାରେ ଗଣମାଧ୍ୟମ ଆଗରେ ଆସି ଥାଳ ପିଟିଲେଣି ।

ସେହିଭଳି ନିର୍ବାଚନ ରାଜନୀତିର ଧାର ଧାରି ନଥିବା ବିଜେଡିର ପୃଷ୍ଠା-୬

# ବିବାଦ ପାଇଁ ଦାୟୀ ବୁନୁ ଓ 'ପୁତୁରା'

**ବାଇଁଆ, ଲିଟୁଙ୍କ ସ୍ପଷ୍ଟୀକରଣ ଆଣିବ ବିସ୍ଫୋରଣ**




**ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ):** ବିଜେଡିର ଦୁଇ ବିବାଦୀୟ କର୍ପୋରେଟରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ଏବେ ବିଜେଡି ପାଇଁ ବିସ୍ଫୋରକ ହେବାକୁ ଯାଉଛି। ଏହି ଅମରେଶ ଜେନା (ବାଇଁଆ) ଓ ବିରଂଚି ମହାସୁପାକାର (ଲିଟୁ) କାରଣ ଦର୍ଶାଅ ନୋଟିସର ଉତ୍ତର ଦେବାକୁ ଯାଇ ଭୁବନେଶ୍ୱର ବିଜେଡିର ସବୁ ଗୋହି ଖୋଲିଦେଇଥିବା ଜଣାପଡିଛି। ସଂଚାରକୁ ମିଳିଥିବା ସୂଚନା ଅନୁଯାୟୀ ଦୁଇ ଜଣଯାକ ଭୁବନେଶ୍ୱର ସାଂଗଠନିକ ଜିଲ୍ଲାରେ ସବୁ ବିବାଦ ଓ କନ୍ଦଳ ପାଇଁ ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ତଥା କଥିତ ପୁତୁରାଙ୍କୁ ଦାୟୀ କରିଛନ୍ତି। କାରଣ ଉତ୍ତର-ଭୁବନେଶ୍ୱରର ପୂର୍ବତନ ବିଧାୟକ ଅଶୋକ ପଣ୍ଡା ଓ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ଏହି ଦୁଇ କର୍ପୋରେଟରଙ୍କ କଳି ବାବଦରେ ସବୁ ଜାଣି ମଧ୍ୟ ଅଜଣା ରହୁଥିଲେ ପୁରୁତା।

ଏବେ ମଧ୍ୟ ସେଇ ବଚସ୍କରଙ୍କ ପାଇଁ ଏହି ଦୁଇ କର୍ପୋରେଟରଙ୍କ ସ୍ପଷ୍ଟୀକରଣ ଡଷ୍ଟବିନ୍କୁ ଯିବା ଥୟ। ଆଉ ଏହା ମଧ୍ୟ ନିଶ୍ଚିତ ଯେ, ଦିନେ ଦୁଇ ଦିନ ମଧ୍ୟରେ ସେମାନଙ୍କୁ ଦଳରୁ ନିଲମ୍ବନ କିମ୍ବା ବହିସ୍କାର କରାଯିବ। ତାପରେ ଯେଉଁ ରାଜନୈତିକ ବିସ୍ଫୋରଣ ହେବ ସେଥିପାଇଁ କିଏ ଦାୟୀ ହେବେ? ବବି ଦାସ, ଅଶୋକ ପଣ୍ଡା, ଅନନ୍ତ ଜେନା ନା ନିଜେ ସନ୍ୟାସୀ ? କାରଣ କାର୍ଯ୍ୟାନୁଷ୍ଠାନ ପରେ ଏହି ଦୁଇ ଅସନ୍ତୁଷ୍ଟ କର୍ପୋରେଟର ପୁରୁତା ଓ ଅନ୍ୟ ଦୁଇ ନେତାଙ୍କ ସବୁ ପୋଲ ଖୋଲି ବିଜେଡିକୁ ରାଜରାସ୍ତାରେ ଲଙ୍ଗଳା କରିବେ ଏଥିରେ ସନ୍ଦେହ ନାହିଁ। ଗତ ୨୪ ବର୍ଷ ଧରି ବିଭିନ୍ନ ପଦପଦବୀରେ ରହି ବିଜେଡି ପାଇଁ କାମ କରୁଥିବା ଏହି ଦୁଇ ନେତା ଅଶୋକ ପଣ୍ଡା ଓ ଅନନ୍ତ ଜେନାଙ୍କ ସବୁ ଗୁମର ଜାଣିଛନ୍ତି ଏବଂ ନିଜ ନିଜ ସ୍ପଷ୍ଟୀକରଣରେ ମଧ୍ୟ ସେମାନେ ତାହା ଦଳର ସଭାପତିଙ୍କୁ ଲିକ୍ଷିତ ଭାବେ ଜଣାଛନ୍ତି। ବିଲଡରଙ୍କ ଠାରୁ ଡାନ୍ସ ବାର ମାଲିକଙ୍କ ସହ ସମ୍ପର୍କ ସବୁ କଳା ଚିଠା ଏହି କର୍ପୋରେଟରଙ୍କ ପାଖରେ ଅଛି। ତେବେ ଏହି ସ୍ପଷ୍ଟୀକରଣ ନବୀନଙ୍କ ପାଖରେ ପହଁଚିବ ନା ବାଟରୁ ସନ୍ୟାସୀ ଓ ପୁତୁରା ତାକୁ ପଢ଼ି ଚିରିଦେବେ ସେକଥା କହିହେବନି।

୨୦୦୪ କର୍ପୋରେସନ ନିର୍ବାଚନ ଠାରୁ ଆରମ୍ଭ କରି ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବାଇଁଆ ଓ ଲିଟୁ କେମିତି ଚକ୍ରାନ୍ତର ଶିକାର ହେଉଥିଲେ ଆଉ ଦଳୀୟ ନିର୍ଯାତନା ସହିବାକୁ ବାଧ୍ୟ ହେଉଥିଲେ ସେସବୁ ଅତ୍ୟନ୍ତ ସ୍ପଷ୍ଟ ଭାବେ ଲେଖିଛନ୍ତି। ମେୟର ଆଶାୟୀ ଦୌଡରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ପ୍ରତିଯୋଗିତା ପର୍ଯ୍ୟନ୍ତ ସବୁଠି କେମିତି ତଥାକଥିତ ପୁତୁରା ସେମାନଙ୍କୁ କେମିତି ସଭାପତିଙ୍କ ନାଁରେ ଧମକ ଦେଇ କାମ କରାଉଥିଲେ ସେସବୁ ବି ସେମାନେ ନିଜ ସ୍ପଷ୍ଟୀକରଣରେ ଲେଖିଛନ୍ତି। କେତେବେଳେ ସେମାନଙ୍କ ନାଁରେ ପୃଷ୍ଠା-୬

# ନ୍ୟାୟ ଦେବୀଙ୍କ ଆଖିରୁ ହଟିଲା ପଟି



**ନୂଆଦିଲ୍ଲୀ, ୧୬।୧୦(ଏଜେନ୍ସି) :** ଭାରତୀୟ ଆଇନ ଅନ୍ଧ ନୁହେଁ। ନ୍ୟାୟ ଦେବୀ ସମସ୍ତଙ୍କ ବିଚାର ଠିକ ଭାବେ କରନ୍ତି। ଏହି ବାର୍ତ୍ତା ଏଣିକି ଲୋକଙ୍କ ପାଖରେ ପହଞ୍ଚିବ। ଭାରତୀୟ ଆଇନ ଅନ୍ଧ ବୋଲି ଯେଉଁ ଧାରଣା ଥିଲା, ତାହା ବଦଳିବ। କୋର୍ଟ ରୁମ୍‌ରେ ରହୁଥିବା ନ୍ୟାୟ ଦେବୀଙ୍କ ଆଖିରେ ଲାଗିଥିବା କଳା ପଟିକୁ ହଟାଇ ଦିଆଯାଇଛି। ପୂର୍ବରୁ ନ୍ୟାୟଦେବୀ ହାତରେ ଖଣ୍ଡା ଧରିଥିବା ବେଳେ ଏବେ ସମ୍ବିଧାନ ଧରିଛନ୍ତି। ପୃଷ୍ଠା-୬

# ସାଇବର ସୈତାନଙ୍କ ସେଫ୍ ସିଟି ଏବେ ଭୁବନେଶ୍ୱର

**ଭୁବନେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ):** ଦିନ ଥିଲା ଯମତରା ଭଳି ଗ୍ୟାଙ୍ଗ କୁ ଧରିବା ପାଇଁ ଓଡ଼ିଶା ପୋଲିସ ରାଜ୍ୟ ବାହାରକୁ ଯାଉଥିଲା । ଏବେ କିନ୍ତୁ ସାଇବର ଅପରାଧର ଚେର ଭୁବନେଶ୍ୱରରୁ ଲମ୍ବୁଥିବା ଦେଖାଯାଉଛି। କିଛି ଦିନ ତଳେ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା ସିମ ବକ୍ସ । ରାଜ୍ୟ ଓ ରାଜ୍ୟ ବାହାରେ ଭୁବନେଶ୍ୱର ର ନାଁ ଖରାପ ହୋଇଥିଲା । କାରଣ ଭୁବନେଶ୍ୱର ର ଛାତି ଉପରେ ଘର ଭଡା ନେଇ ଦୁର୍ବୃତ୍ତ ଚଳାଇଥିଲେ ଆତଙ୍କ କାରବାର। ଏବେ ପୁଣି ଫେକ କଲ ସେଣ୍ଟର ଠାବ । ଭାରତୀୟ ଦୂତାବାସର ତାଗିଦ ପରେ ଅଭିଯୁକ୍ତ ଧରାହେଇଛନ୍ତି ସତ ହେଲେ ଏବେ ବି ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତେବେ ଆସନ୍ତୁ ଜାଣିବା କଣ' ଥିଲା ପୋଲିସର ପୁରା ଅପରେସନ ।

ବୁଧବାର ସମୟ ସକାଳ ୯ ଟା। ସ୍ଥାନ ଏୟାରଫିଲଡ଼ ଥାନା ଅନ୍ତର୍ଗତ ସୁନ୍ଦରପଦା ନିକଟରେ ଥିବା କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟର ବ୍ଲକ ଏ ଫ୍ଲାଟ ନମ୍ବର ୨୦୫ । ନକଲି କଲ ସେଣ୍ଟର ଚାଲିଥିବା ଖବର ପାଇ ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ଚଢ଼ାଉ କରିଥିଲା ପୋଲିସ ଟିମ । ଆଉ ଚଢ଼ାଉ ପରେ ଭିତରୁ ମିଳିଥିଲା ଏକାଧିକ ଲାପଟପ, ମୋବାଇଲ ଓ ପୁଳା ପୁଳା ଡିଜିଟାଲ ଡିଭାଇସ । ପଶ୍ଚିମବଙ୍ଗର ୬ ଯୁବକ ଗତ ୪ ମାସ ତଳେ ଏହି ଘର ଭଡା ନେଇ ଚଳାଇଥିଲେ ସାଇବର ଠକେଇ। ଡକ୍ୟୁମେଣ୍ଟ ବିହୀନ ସିମ ଜରିଆରେ ବିଦେଶରେ ରହୁଥିବା ଭାରତୀୟ ଙ୍କୁ ଟାର୍ଗେଟ କରୁଥିଲେ ଠକ । ଟେକ୍ନିକାଲ ଓ ସାଇବର ଏକ୍ସପର୍ଟଙ୍କ ଛାନଭିନ ବେଳେ ସିମ ବକ୍ସ ଭଳି ଦେଖାଯାଉଥିବା କିଛି ଡିଭାଇସ ମଧ୍ୟ ଜବତ କରାଯାଇଛି । ଅଟକ ଯୁବକଙ୍କ ବ୍ୟାକଗ୍ରାଉଣ୍ଡ, କ୍ରାଇମ ହିଷ୍ଟ୍ରି, ଟ୍ରାକ ରେକର୍ଡ ସବୁର ଛାନଭିନ ଚାଲିଥିବା ବେଳେ ସେମାନଙ୍କ ଆତଙ୍କ ଲିଙ୍କ ନେଇ ମଧ୍ୟ ଆରମ୍ଭ ହୋଇଛି ଖୋଳତାଡ଼। ନିଜେ ଡିସିପି ପିନାକ ମିଶ୍ର ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତଙ୍କୁ ଜେରା କରିବା ସହ ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ କରିଛନ୍ତି। ସେପଟେ ଆପାର୍ଟମେଣ୍ଟ ର ସିକ୍ୟୁରୀଟି ରୁମରେ ଥିବା ଏହି ରେଜିଷ୍ଟର ପୋଲିସ ପୃଷ୍ଠା-୬



## ଟ୍ରେଣ୍ଡିଂ ନ୍ୟୁଜ୍

- ବୋମା ଧମକ ପରେ ଇଣ୍ଡିଆନ୍ ଏୟାରଲାଇନ୍ସର ୧୨ ବିମାନ ଚଳାଚଳ ପ୍ରଭାବିତ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ବ୍ୟାପକ ଆଲୋଚନା। କିଛି ଗୁଜବକାରୀଙ୍କୁ ଚିହ୍ନଟ କରାଯାଇଥିବା ସୂଚନା।
- ବ୍ରହ୍ମପୁର: ଅବକାରୀ କନେଷ୍ଟବଳଙ୍କୁ ଆକ୍ରମଣ ମାମଲାରେ ୬ ଗିରଫ।
- ଜମି ବିବାଦ ମଧ୍ୟରେ ମହୀଶୂର ସହରାଞ୍ଚଳ ବିକାଶ ପ୍ରାଧିକରଣ (ମୁଦା)ର ମୁଖ୍ୟ ଏମକେ ମାରିଗୌଡ଼ା ଅଚାନକ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅତ୍ୟନ୍ତ ଘନିଷ୍ଠ ମାରିଗୌଡ଼ା ସ୍ୱାସ୍ଥ୍ୟଗତ କାରଣରୁ ମୁଦା ମୁଖ୍ୟରୁ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି।
- କୋରାପୁଟ ଜିଲ୍ଲା ମାଛକୁଣ୍ଡ ଡି. ଡ୍ୟାମ୍ ନିକଟ ବୁରଡେଲ ମନ୍ଦିର ସମ୍ମୁଖରେ ଜିପ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ପର୍ଯ୍ୟଟକ ଆହତ।ସେମାନଙ୍କ ମଧ୍ୟରୁ ଜଣେ ମହିଳା ଗୁରୁତର।
- ଖଲିସ୍ତାନୀ ଆତଙ୍କୀ ନିଜ୍ଜର ହତ୍ୟା ମାମଲାର ତଦନ୍ତରେ କାନାଡ଼ାକୁ ସହଯୋଗ କରିବା ପାଇଁ ଭାରତକୁ ଆମେରିକାର ପରାମର୍ଶ।
- ଯାନ୍ତ୍ରିକ ତ୍ରୁଟି କାରଣରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଅଟକି ରହିଥିବା ସୁନୀତା ୱିଲୟମ୍ସ ଓ ବ୍ୟାରି ୱିଲମୋର୍ ୨୦୨୫ ପ୍ରାରମ୍ଭରେ ପୃଥିବୀକୁ ଫେରିବେ ବୋଲି ନାସା ପକ୍ଷରୁ ସୂଚନା।
- ସୌର୍ଯ୍ୟ ଚକ୍ର ପୁରସ୍କାରପ୍ରାପ୍ତ ବଲୱିନ୍ଦର ସିଂହ ସାନ୍ଧୁଙ୍କ ହତ୍ୟାକାଣ୍ଡରେ କାନାଡ଼ାରେ ଥିବା ଖଲିସ୍ତାନ ଲିବରେସନ୍ ଫୋର୍ସର ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ଜଡ଼ିତ ଥିବା ଏନ୍‌ଆଇଏ ସୁପ୍ରିମକୋର୍ଟଙ୍କୁ ଅବଗତ କଲା।

# ଖୁବ୍‌ଶୀଘ୍ର ଲ-ରିଭିଜନ୍ କମିଶନ




**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଖୁବ୍‌ଶୀଘ୍ର ଲ-ରିଭିଜନ କମିଶନ ଗଠନ କରିବେ। କମିଶନ ଗଠନ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଅପ୍ରାସଙ୍ଗିକ ଓ ଅଦରକାରୀ ଆଇନର ପରିବର୍ତ୍ତନ ଆବଶ୍ୟକ ଅଛି ଓ ମାସେ ଦେଢ଼ ମାସ ଭିତରେ ଏହା ଗଠନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ସୂଚନା ଅଧିକାର କର୍ମୀଙ୍କ ବିରୋଧରେ ଥିବା ମାମଲାର ସମାଧାନ ହେବ। ତର୍ଜମା କରି ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି ଆଇନମନ୍ତ୍ରୀ। ସେମାନଙ୍କୁ ଡରାଇବା କି ଧମକାଇବୁ ସରକାର ସହ୍ୟ କରିବେନି। ଆର୍‌ଟିଆଇ ଆକ୍ଟରେ ଯାହା ସଂଶୋଧନ ଆବଶ୍ୟକ, ତର୍ଜମା କରି ପରିବର୍ତ୍ତନ ପାଇଁ ଉଦ୍ୟମ କରାଯିବ।

# ନବୀନଙ୍କ ହାତରୁ ଖସିଯିବ କି ଗଞ୍ଜାମ ସଂଗଠନ

- ଗଣମାଧ୍ୟମରେ ମୁହାଁମୁହିଁ ହେଲେ ଲତିକା ଓ ରଂଜିତା
- ବିଭୀଷଣ ହୋଇ ବିଜେଡିକୁ ହରାଇଛନ୍ତି ରଞ୍ଜିତା : ଲତିକା
- ଦଳ କଥା ସୁପ୍ରିମୋ ବିଚାର କରିବେ : ରଂଜିତା




**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ଦାଣ୍ଡରେ ପଡ଼ି ହାଟରେ ଗଡୁଛି ବିଜେଡି କଳି। ପରାଜୟକୁ ନେଇ ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠ ସମସ୍ତେ ମୁହଁ ଖୋଲୁଛନ୍ତି। ଶେଷରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିଜ ଜିଲ୍ଲା ଗଂଜାମ ସଂଗଠନରେ ବି ବିଦ୍ରୋହର ନିଆଁ। ନେତାଙ୍କୁ ନ କହି ସାଂସଦ ପ୍ରାର୍ଥୀଙ୍କ ବିରୋଧରେ ଗଣମାଧ୍ୟମରେ ବିଷ ଓଗାଳିଛନ୍ତି କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ। ସେ ଆସିକା ସଂସଦୀୟ କ୍ଷେତ୍ରରେ ବିଜେଡିର ପରାଜୟ ପାଇଁ ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଦାୟୀ କରିଛନ୍ତି। ତାଙ୍କୁ ଗଂଜାମ ବିଜେଡିର ବିଭିଷଣ ବୋଲି କହିଛନ୍ତି।

ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ବିଭୀଷଣ ବୋଲି କହିଛନ୍ତି। ନିର୍ବାଚନ ସମୟରେ ବିଭୀଷଣ ସାଜି ରଂଜିତା ଦଳୀୟ ପ୍ରାର୍ଥୀଙ୍କୁ ହରାଇଛନ୍ତି ବୋଲି ନବୀନଙ୍କୁ ଅବଗତ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ପୃଷ୍ଠା-୬

# ଓପିଜିସି ବୁଡ଼ାଇଦେବାକୁ ବଡ଼ ଷଡ଼ଯନ୍ତ୍ର

- ନାହାନ୍ତି ନିୟମିତ ଏମ୍‌ଡି, ଏଚ୍‌ଆର
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରିୟଦର୍ଶୀ

**ଭୁବନେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କର ଅନ୍ୟତମ ଲାଭଜନକ ସଂସ୍ଥା ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି)କୁ ବୁଡାଇ ଦେବାକୁ ବଡ ଷଡଯନ୍ତ୍ର ଚାଲିଛି । କିଛି ବ୍ୟକ୍ତିଙ୍କ ସ୍ୱାର୍ଥ ପାଇଁ ଏଭଳି ଲାଭଜନକ ସଂସ୍ଥାରେ ନିୟମିତ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଓ ମାନବ ସମ୍ବଳ ଅଧିକାରୀ (ଏଚ୍‌ଆର) ନିଯୁକ୍ତ କରାଯାଉ ନାହିଁ। ତିନି ବର୍ଷ ପରେ ଅର୍ଥ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଯୋଗ୍ୟତାକୁ ନେଇ ବି ପ୍ରଶ୍ନ ଉଠିଛି । ଏଭଳି ସଙ୍ଗୀନ ଅଭିଯୋଗ ପହଞ୍ଚିଛି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ।

ପୂର୍ବତନ ବିଜେଡି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓପିଜିସିରେ ଚାଲିଥିବା ଅନିୟମିତତା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ଏଥିରୁ ଜଣା ।ଯାଇଛି ଯେ ଓପିଜିସିରେ ନିୟମିତ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରାଯାଉ ନାହିଁ। ଅପରେସନ ନିର୍ଦ୍ଦେଶକ ପ୍ରାୟ ବର୍ଷେ ହେଲା ଅତିରିକ୍ତ ଭାବେ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳୁଛନ୍ତି । ତାଙ୍କ କାର୍ଯ୍ୟକାଳକୁ ବାରମ୍ବାର ବୃଦ୍ଧି କରାଯାଉଛି । ଏହି ଅଧିକାରୀ ମଧ୍ୟ ଓପିଜିସିରୁ ଅବସର ନେବାପରେ ସେଠାରେ ଠିକାରେ କାର୍ଯ୍ୟରତ। ସେହିଭଳି ମାନବ ସମ୍ବଳ ନିର୍ଦ୍ଦେଶକ ପଦରେ ଜଣେ କନସଲ୍ୟୁଟାଣ୍ଟ କାର୍ଯ୍ୟ କରୁଛନ୍ତି। ସେଠାରେ ବି ନିୟମିତ ନିଯୁକ୍ତି ଦିଆଯାଉ ନାହିଁ । ମାସକୁ ୩ଲକ୍ଷ ଟଙ୍କା ଏକ ପ୍ରକାର ପାଣିରେ ପଡୁଛି ।

ତିନି ବର୍ଷ ପରେ ଓପିଜିସିରେ ଅର୍ଥ ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି। ଏହି ଅଧିକାରୀ ଜଣେ କଷ୍ଟ ଆକାଉଣ୍ଟାଣ୍ଟ । କିଛି କର୍ମଚାରୀଙ୍କ ମତ ହେଲା ପୂର୍ବରୁ ଏହି ପଦବୀରେ ଆଇଆରଏସ୍ ଅଧିକାରୀମାନେ କାର୍ଯ୍ୟ କରୁଥିବାବେଳେ ଏବେ କିଛି ଅଧିକାରୀ ଜାଣିଶୁଣି ଏଠାରେ କଷ୍ଟ ଆକାଉଣ୍ଟାଣ୍ଟଙ୍କୁ ବସାଇଛନ୍ତି । ତାଙ୍କ ତଳେ କାର୍ଯ୍ୟରତ ଦୁଇ ଅଧିକାରୀ ତାଙ୍କ ଠାରୁ ବରିଷ୍ଠ। ତେଣୁ ଏଠାରେ କାର୍ଯ୍ୟ କିଭଳି ହେବ ତାହାକୁ ନେଇ କିଛି କର୍ମଚାରୀ ଆଶଙ୍କାରେ ରହିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ହୋଇଥିବା ସବୁଠାରୁ ବଡ ଅଭିଯୋଗଟି ହେଉଛି ଯେ ଗତବର୍ଷ ଡିସେମ୍ବର ମାସରେ ଓପିଜିସିର ପାଉଁଶ ପୋଖରୀ ଭୁଷୁଡିଥିଲା। ଏଥିଯୋଗୁଁ ଓପିଜିସିର ପ୍ରାୟ ୫୦୦ କୋଟି ଟଙ୍କାର କ୍ଷତି ହୋଇଥିଲା। ହେଲେ ଏ ନେଇ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ପାଉଁଶ ପୋଖରୀ ଲିକେଜ୍ ନେଇ ଛଅମାସ ପୂର୍ବରୁ ସୂଚନା ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା। ସେତେବେଳେ ପାଉଁଶ ପୋଖରୀ ଭାଙ୍ଗିବା ନେଇ ଯାହାଙ୍କ ଉପରକୁ ଅଙ୍ଗୁଳି ଉଠିଥିଲା ସିଏ ଏବେ ଓପିଜିସିର ପରିଚାଳନା ନିର୍ଦ୍ଦେଶକ ପଦବୀରେ ।

ଓଜିସିସିରେ ଉଚ୍ଚ ସ୍ତରରେ ନିୟମିତ ଅଧିକାରୀ ନିଯୁକ୍ତ ହେଉନଥିବାରୁ ଏହି ସରକାରୀ ସଂସ୍ଥାରେ ଏବେ ଅରାଜକତା ସୃଷ୍ଟି ହୋଇଥିବା ଶ୍ରୀ ମିଶ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିବା ସହିତ ଏହାର ବିଧିବଦ୍ଧ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ତେବେ ନୂଆ ସରକାର ଏହା ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ଓପିଜିସିର ଅଧିକାରୀ ଓ କର୍ମଚାରୀମାନେ ଚାହିଁଛନ୍ତି ।



# ଅସ୍ତରଙ୍ଗରେ ଲକ୍ଷ୍ମୀପୂଜା ଆରମ୍ଭ

**ଅସ୍ତରଙ୍ଗ, ୧୬।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମା ଲକ୍ଷ୍ମୀ କ୍ଲବ୍ ପକ୍ଷରୁ ୪୪ତମ ମା ଗଜଲକ୍ଷ୍ମୀ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ କ୍ଲବର ସାଂସ୍କୃତିକ ସଂପାଦକ ଦେବାଶିଷ ବାରିକ୍ ସୂଚନା ଦେଇଛନ୍ତି। ଏଥି ସହିତ ୨୭ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ମିଳିଥିବା ଖବର ଅନୁସାରେ ୧୫ ତାରିଖରେ ଅଧିବାସ ଜଳଯାତ୍ରା, ୧୬ ତାରିଖରେ ପୂଜା ଅନୁଷ୍ଠିତ ହୋଇଛି। ୧୯ ତାରିଖ ମା ଲକ୍ଷ୍ମୀ ନାଟ୍ୟ ସଂସଦ ପକ୍ଷରୁ ରେ ନୂଆ ରାମାୟଣ କାହାଣୀ ଶୁଣ, ୨୦ ତାରିଖରେ ଇଶାନେଶ୍ୱର ନାଟ୍ୟ ସଂସଦ ବାଙ୍କୀ କଟକ ପକ୍ଷରୁ ଭୁଲ ତୋର ଭୋଗୁଛି ମୁଁ, ୨୧ ତାରିଖରେ ମା ମଙ୍ଗଳା ପପିୟଙ୍ଗ ଷ୍ଟାର ଗୋବିନ୍ଦପୁର ପାରାଦୀପ ପକ୍ଷରୁ କୃଷ୍ଣ ନାମ ଧରି ଯାଉ ଜୀବନ, ୨୨ ତାରିଖ ରେ ଓମ୍ ସାଇ ଶକ୍ତି ନାଟ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ଗୁମୁରୀ ଗୁମୁରୀ କାହାଣୀ କାନ୍ଦେ, ୨୩ ତାରିଖ ରେ ଆରିୟାନ କ୍ଲବ୍ ପକ୍ଷରୁ ଭୁବନେଶ୍ୱର ପକ୍ଷରୁ କାନ୍ଦେନା ଲୁହ ସରିଯିବ ନାଟକ ପ୍ରତିଯୋଗିତା କରାଯିବ। ଶ୍ରେଷ୍ଠ ନାଟକ ପରିବେଷିତ କରିଥିବା ଅନୁଷ୍ଠାନ କୁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ଦାସ, ସଭାପତି ତରୁଣ ତପନ ସ୍ୱାଇଁ, ଉପସଭାପତି ହରିହର ମହାନ୍ତି, ସଂପାଦକ ପବିତ୍ର କୁମାର କାଣ୍ଡି, ଦିଲିପ କୁମାର ଦାସ, ମନୋଜ ବିଶ୍ୱାଳ, ଅଶୋକ ବେହେରା, କୃଷ୍ଣଚନ୍ଦ୍ର ନାୟକ, ସମୀର ରଞ୍ଜନ କର, ପ୍ରତାପ ବିଶ୍ୱାଳ, ଚିତ୍ରସେନ ପ୍ରଧାନ,ନିରଞ୍ଜନ ଦାସ,ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ଚୌଦ୍ୱାରରେ କୁମାରୋତ୍ସବ ଓ ମହାଲକ୍ଷ୍ମୀ ପୂଜା

**ଟାଙ୍ଗୀ-ଚୌଦ୍ୱାର, ୧୬।୧୦ (ସଂଚାର ବ୍ୟୁରୋ):** ମହାଲକ୍ଷ୍ମୀଙ୍କୁ ଆବାହନ ସହିତ ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରାର ଶୁଭାରମ୍ଭ ହୋଇଛି। ପ୍ରଭାତରୁ କୁଆଁରୀମାନେ ନଦୀ ଓ ପୋଖରୀ କୂଳରେ ବାଲୁକା ଶଯ୍ୟା ନିର୍ମାଣ କରି ପୂଜାର୍ଚ୍ଚନା କରିବା ସହିତ ସଂଧ୍ୟାରେ ଚାନ୍ଦ ବନ୍ଦନା ଓ ଆଞ୍ଜୁଳା ଟେକିଥିଲେ। ବିଭିନ୍ନ ସାହି ବସ୍ତିରେ ପୁଚିଖେଳ ସହିତ କୁଆଁର ପୂର୍ଣ୍ଣିମା ଗୀତର ତାଳେତାଳେ କୁଆଁରୀ ଝିଅମାନେ ନାଚ କରୁଥିବା ଦୃଶ୍ୟ ବେଶ ମନୋରମ ହୋଇଥିଲା।

କୁମାର ପୂର୍ଣ୍ଣିମା ଦିନ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ନିର୍ମିତ ମହାଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମା ପୂଜା ଆଧ୍ୟାତ୍ମିକ ପରିବେଶରେ ରୀତି ନୀତିରେ କରାଯାଇଛି। ବ୍ରାହ୍ମଣ ସାହି, ଗାନ୍ଧୀଛକ, କଳିଙ୍ଗ ଛକ, ଗଜଲକ୍ଷ୍ମୀ ସାହି, ବନିକା ଆଦି ସାହିର ମଣ୍ଡପରେ ମା' ଲକ୍ଷ୍ମୀଙ୍କ ପ୍ରତିମା ନିର୍ମିତ ହୋଇଥିବା ବେଳେ ଚୌଦ୍ୱାର ସହରାଞ୍ଚଳର ବିଭିନ୍ନ ବଜାର ଓ ସାହିରେ ଅନ୍ୟ ୩୭ଟି ମଣ୍ଡପରେ ଦୁର୍ଗା, ହର ପାର୍ବତୀ, ମହାଦେବ, ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ, ହନୁମାନ ଆଦି ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ କୁମାର ପୂର୍ଣ୍ଣିମା ତିଥିରେ ପୂଜା କରାଯାଇଛି। ଏହି ପ୍ରସିଦ୍ଧ ଉତ୍ସବ ପାଇଁ ସମଗ୍ର ଚୌଦ୍ୱାର ଅଞ୍ଚଳକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବିରାଟବଜାର,



ଗାନ୍ଧୀଛକ, ବିରୂପା ଗଡ଼ା, ବେଉରା ସହି, ଯାତ୍ରା ପଡ଼ିଆ ଆଦି ସ୍ଥାନରେ ସୁଉଚ୍ଚ ଆଲୋକ ତୋରଣମାନ ପ୍ରତିଷ୍ଠା କରାଯାଇଛି। ବିରାଟ ବଜାର, କଳିଙ୍ଗ ଛକ, କପାଳେଶ୍ୱର, ଓଟିଏମ୍ ହନୁମାନ ବଜାର, ବଡ଼ ବଜାର, ନୂଆସାହି ଆଦି ମଣ୍ଡପରେ ସଂଧ୍ୟାରେ ଆୟୋଜିତ ନୃତ୍ୟ ଓ ସଙ୍ଗୀତ ବିଚିତ୍ରା ଆଦି କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।

ମଣ୍ଡପ ଗୁଡ଼ିକରେ ୩ ଦିନଧରି ସାଂସ୍କୃତିକ ଉତ୍ସବ ଆୟୋଜନ ସହିତ ପରମ୍ପରା ଅନୁଯାୟୀ ୧୯ତାରିଖ ଦିନ ୪୩ଟି ପୂଜା ମଣ୍ଡପରେ ନିର୍ମିତ ବିଭିନ୍ନ ଦେବାଦେବୀଙ୍କ ମେଢ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି ତିନିକୋଣିଆସ୍ଥିତ ରୂପଯାତ୍ରା ପଡ଼ିଆରେ ମେଲଣ କରିବେ। ୨୦ତାରିଖ ସକାଳରୁ ମେଢ ଗୁଡିକ ମେଲଣ ପଡ଼ିଆରୁ ବାହାରି ଭସାଣ ନିମନ୍ତେ ବିରୂପାନଦୀ କୂଳରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଖରୀକୁ ଯିବେବୋଲି ରୂପଯାତ୍ରା କମିଟି ସୂତ୍ରରୁ ପ୍ରକାଶ। ଯାତ୍ରାକୁ ସରସ ସୁନ୍ଦର ଓ ଶୃଂଖଳିତ କରିବାପାଇଁ ବିଦ୍ୟୁତ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ ଆଦି ବିଭାଗ, ପୌରପାଳିକା, ପୋଲିସ ଆଦି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।



# ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଅନନ୍ତ ବେଶ

**କେନ୍ଦ୍ରାପଡ଼ା, ୧୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଅନନ୍ତ ବେଶ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଯାଇଛି। ଜୀଉମାନଙ୍କ ସଂନ୍ଧ୍ୟା ନୀତି ପୂଜା ସମ୍ପନ୍ନ ପରେ ବେଶ ଆରମ୍ଭ କରାଯାଇ ଆଳତୀ କରା ଯାଇଥାଏ। ପରେ ସାହାଣ ମେଲା କରାଯାଇ ସର୍ବ ସାଧାରଣ ଦର୍ଶନ ପାଇଁ ପହଡ ଖୋଲା ଯାଇଥାଏ। ତେବେ ଆଜି ପହଡ ଖୋଲା ହେବା ମାତ୍ରେ ପୁଜ୍ୟ ପୂଜକ ବାବା ବଳିଆ ପ୍ରଥମେ ଜୀଉମାନଙ୍କୁ ଦର୍ଶନ କରି ଜଗତର କଲ୍ୟାଣ କାମନା କରିଥିଲେ। ଭଜନ, କୀର୍ତ୍ତନ ସହ ମନ୍ଦିର ପରିସର ହଜାର ହଜାର ସଂଖ୍ୟକ ଭକ୍ତ ମାନଙ୍କ ଗହଳିରେ ଉଛୁଳି ପଡ଼ିଥିଲା। ପୂର୍ବରୁ ଏଥିପାଇଁ ବାବା ବଳିଆଙ୍କ ପକ୍ଷରୁ ସମସ୍ତ ସେବକ ବ୍ରାହ୍ମଣ ମାନଙ୍କୁ ବସ୍ତ୍ର, ଭୋଜନ ଓ ଦକ୍ଷିଣା ପ୍ରଦାନ କରାଯାଇ ଥିଲା। ସଂନ୍ଧ୍ୟା ସମୟରେ ଶ୍ରୀ ବଳଦେବ ତତ୍ତ୍ୱ ଉପରେ ବାବା ବଳିଆ ପ୍ରବଚନ ପ୍ରଦାନ କରିଥିଲେ।

# ରାଜନଗରରେ ବେପାର ପାଲଟିଛି ରୋଗୀ ଚିକିତ୍ସା

## ଏପଟେ ଡାକ୍ତର ଅଭାବରୁ ରୋଗୀ ହନ୍ତସନ୍ତ ସେପଟେ ୨ ଶହ ଟଙ୍କାରେ ରୋଗୀ ସେବା

**ରାଜନଗର, ୧୬।୧୦ (ସଂଚାର ବ୍ୟୁରୋ):** ସରକାରଙ୍କ ମୌଳିକ ଲୋକ ସେବା ମଧ୍ୟରେ ସ୍ୱାସ୍ଥ୍ୟ ସେବା ଅନ୍ୟତମ କିନ୍ତୁ ଆଜି ଏହି ସେବା ଡାକ୍ତରଙ୍କ ହାତରେ ବିକ୍ରି ହେଉଛି। ସରକାରୀ ଡାକ୍ତରମାନେ ସରକାରୀ ଡାକ୍ତରଖାନା ଠାରୁ ବାହାରେ ରୋଗୀ ଦେଖିବାକୁ ବେଶ୍ ଖୁସି ପାଉଛନ୍ତି କାରଣ ସରକାରୀ ଡାକ୍ତରଖାନା ଠାରୁ ବାହାରେ ରୋଗୀମାନଙ୍କ ପାଖରୁ ଭଲ ପଇସା ମିଳୁଛି, ସେଥିପାଇଁ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଡାକ୍ତରମାନେ ଭଲ ସେବା ଦେବାକୁ ଚାହୁଁ ନାହାଁନ୍ତି। ଯେଉଁଥିପାଇଁ ସରକାରୀ ଡାକ୍ତରଖାନା ଉପରେ ସାଧାରଣ ଲୋକମାନଙ୍କ ବିଶ୍ୱାସ ତୁଟିବାରେ ଲାଗୁଛି,ଯାହାର ନିଚ୍ଛକ ଉଦାହରଣ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି।

ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ରାଜନଗର ବ୍ଲକର ୨୯ ପଞ୍ଚାୟତ ସହିତ ପଟ୍ଟାମୁଣ୍ଡାଇ ବ୍ଲକର ୫ ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ପ୍ରତ୍ୟକ ଦିନ ଡାକ୍ତରଙ୍କୁ ରୋଗ ଦେଖାଇବା ଲାଗି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଓପିଡି ଠାରେ ରାତି ପାହାନ୍ତା ଠାରୁ ଶତାଧିକ ରୋଗୀମାନଙ୍କ ଲମ୍ବା ଲାଇନ ଲାଗୁଛି ନମ୍ବର କରିବା ପାଇଁ। କାରଣ ଅନେକ ଦିନ ହେବ ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ହେତୁ ଯେତିକି ଡାକ୍ତର ଅଛନ୍ତି ତାହା ରୋଗୀ ଚିକିତ୍ସା ପାଇଁ ଯଥେଷ୍ଟ ନୁହେଁ। ଯେଉଁଥିପାଇଁ ରୋଗୀମାନଙ୍କ ଭିଡ଼ ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ



ଅଧିକ ଦେଖିବାକୁ ମିଳିଛି କିନ୍ତୁ ଅନ୍ୟପଟେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବାହାରେ ବିଭିନ୍ନ ବେସରକାରୀ କ୍ଲିନିକ ଠାରେ ତାରିଖ ବଦଳାଇ ସରକାରୀ ଡାକ୍ତର ଆଶୁତୋଷ ବାରିକ ରୋଗୀ ମାନଙ୍କ ଠାରୁ ୨ ଶହ ଟଙ୍କା ନେଇ ଉତ୍ତମ ରୋଗୀ ସେବା ଦେଉଛନ୍ତି ଯାହା ଦ୍ୱାରା ରୋଗୀ ସରକାରୀ ଡାକ୍ତରଖାନା ଛାଡି ବେସରକାରୀ କ୍ଲିନିକ ଠାରେ ଲମ୍ବା ଲାଇନ ଲଗାଉଛନ୍ତି। ଏହା ଦ୍ୱାରା ସରକାରୀ ଡାକ୍ତରଖାନା ଉପରେ କୁପ୍ରଭାବ ପଡିବା ସହିତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।

ପୂର୍ବରୁ ଡାକ୍ତର ଆଶୁତୋଷ ବାରିକ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ କେବଳ ରାତ୍ରି କାଳୀନ ଡିୟୁଟି କରୁଥିଲେ ଏବଂ ଦିନରେ ଫିସ ନେଇ ରୋଗୀ ଦେଖୁଥିଲେ। ଆଉଟଡୋର ସେବା ଅବହେଳା ହେତୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡାକ୍ତର ରଶ୍ମି ରଞ୍ଜନ ମାହାନ୍ତି ତାଙ୍କୁ ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି କରିଥିଲେ। ବର୍ତ୍ତମାନ ଡାକ୍ତର ଆଶୁତୋଷ ବାରିକ ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ କାର୍ଯ୍ୟରତ ଥାଇ ସେଠାରେ ରାତ୍ରିକାଳୀନ ଡିୟୁଟି କରି ପ୍ରତ୍ୟେକ ଦିନ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଦୁଇ ଦୁଇଟି ବେସରକାରୀ କ୍ଲିନିକରେ ପ୍ରତି ରୋଗୀ ପିଛା ୨ ଶହ ଟଙ୍କା ନେଇ ରୋଗୀ ଚିକିତ୍ସା କରୁଛନ୍ତି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଆଶୁତୋଷ ବାରିକ ଅଧିକ ସମୟ ଜାଣିଶୁଣି ରାତ୍ର ଡିୟୁଟି କରିବା ଓ ଦିନରେ ପୁରା ସମୟ ରାଜନଗରରେ ଦିନ କଟିବା ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅବଗତ ଅଛନ୍ତି କି ନାହିଁ ତାହା ଏବେ ବଡ଼ ଚର୍ଚ୍ଚା ହେଉଛି।

ତେବେ ଏଠି ପ୍ରଶ୍ନ ସୃଷ୍ଟି ହେଉଛି ଯେତେବେଳେ ରାଜନଗର ସରକାରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଡାକ୍ତର ଅଭାବ ହେତୁ ଦୀର୍ଘ ଦିନ ହେବ ରୋଗୀ ହତସନ୍ତ ହେଉଛନ୍ତି ଠିକ ସେତିକି ବେଳେ ବେସରକାରୀ କ୍ଲିନିକ ଠାରେ ସରକାରୀ ଡାକ୍ତର ରୋଗୀ ଚିକିତ୍ସା କରିବା ଦ୍ୱାରା ସରକାରୀ ଡାକ୍ତରଖାନା ଉପରେ ରୋଗୀ ମାନଙ୍କ ଭରସା ହରାଉଛନ୍ତି। ଫଳରେ ସରକାରୀ ଡାକ୍ତର ମାନଙ୍କୁ ଟଙ୍କା ଦେଇ ବେସରକାରୀ କ୍ଲିନିକରେ ଚିକିତ୍ସା ହେଉଛନ୍ତି। ତେବେ ଏଠି ସରକାରୀ ଡାକ୍ତରଖାନାରେ ସରକାର ଚିକିତ୍ସାକୁ ନିଶୁଳ୍କ କରିବାର ମାନେ କଣ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତାହା ସହିତ ରାଜନଗରରେ ସ୍ୱାସ୍ଥ୍ୟ ସେବା ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ କରିଛନ୍ତି। ତେବେ ସରକାର ଏହା ଉପରେ ତର୍ଜମା କରିବାର ଆବଶ୍ୟତା ଅଛି ବୋଲି ବୁଦ୍ଧିଜୀବୀ କହିଛନ୍ତି।

## ଡାକ୍ତର ସ୍ୱାମୀଙ୍କ ନାଁରେ ଅଭିଯୋଗ ଆଣିଲେ ପତ୍ନୀ

# ଯୌତୁକ ପାଇଁ ଦେଉଥିଲେ ନିର୍ଯାତନା



**କେନ୍ଦ୍ରାପଡ଼ା, ୧୬।୧୦ (ସଂଚାର ବ୍ୟୁରୋ):** ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଡାକ୍ତରୀ ଝିଅ ଦେବସ୍ମିତା ଶର୍ମା ଡାକ୍ତର ସ୍ୱାମୀ ରାହୁଲ ପ୍ରତାପ ରାୟ ଓ ତାଙ୍କ ପରିବାର ଉପରେ ଆଣିଲେ ଯୌତୁକ ନିର୍ଯାତନା ଅଭଯୋଗ। ଡାକ୍ତର ଶର୍ମା ଅଭିଯୋଗ ଆଣିଛନ୍ତି ୨୦୨୨ମସିହାରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଡାକ୍ତର ରାହୁଲ ପ୍ରତାପ ରାୟଙ୍କ ବୈଦିକ ରୀତି ଅନୁସାରେ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ ପରେ ଶାଶୁଘର କଟକ ସ୍ଥିତ ବକ୍ସିବଜାର ପେଟିନ ସାହି ଶାନ୍ତି କୁଟୀର ନିବାସୀ ଅମରେନ୍ଦ୍ର ପ୍ରସାଦ ରାୟ ଙ୍କ ବଡ଼ପୁଅ ରାହୁଲ ପ୍ରତାପ ରାୟଙ୍କ ସହ ୨୦୨୨ଡିସେମ୍ବର ୧୪ତାରିଖରେ ତାଙ୍କର ବିବାହ ମଧ୍ୟ ହୋଇଥିଲା । ବିବାହର ୨୫ଦିନ ପରେ ସ୍ୱାମୀ, ଶଶୁର, ପିଉସା ଶଶୁର, ପିଉସୀ ଶାଶୁ ସମସ୍ତେ ମିଶି ତାଙ୍କୁ ଅଧିକ ଯୌତୁକ ଆଣିବାକୁ କହି ନିର୍ଯାତନା ଦିଆଯାଉଥିବା ନେଇ ଡାକ୍ତର ଶର୍ମା ଆଳି ଥାନରେ ଅଭିଯୋଗ କରିଛନ୍ତି। ଶର୍ମାଙ୍କୁ ତାଙ୍କ ବାପାଙ୍କ ଠୁ ୫୦ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରୁଥିଲେ ପରିବାର ଲୋକେ । ତାଙ୍କ ସ୍ୱାମୀ ଙ୍କ ସହିତ ମଦ ପିଇବାକୁ ବାଧ୍ୟ କରାଯାଉଥିଲା । ପ୍ରତିବାଦ କରିବାରୁ ସିଗାରେଟ ଚେଙ୍କ ଦିଆଯାଉଥିଲା । ତାଙ୍କ ସ୍ୱାମୀ ଯୌତୁକ ଦାବୀ କରି ତାଙ୍କ ମୁହଁରେ ତକିଆ ପକାଇ ଶ୍ୱାସ ରୁଦ୍ଧ କରି ମାରିବା ପାଇଁ ଉଦ୍ୟମ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିବା ସହିତ ଅଭିଯୋଗ କରିଥିବା ମହିଳାଙ୍କ ବୟାନ ରେକର୍ଡ ମଧ୍ୟ କରିଥିବା ଜାଣିବାକୁ ମିଳିଛି କିନ୍ତୁ ଏନେଇ ଅଭିଯୋଗ କାରି ଓ ତାଙ୍କ ଶାଶୁ ଘର ଲୋକଙ୍କ ପତିକ୍ରିୟା ମିଳି ପାରିନାହିଁ ।



# ବୈଜୟନ୍ତ ପଣ୍ଡା ଦିଲ୍ଲୀ ବିଜେପି ପ୍ରଭାରୀ

**ପଟ୍ଟାମୁଣ୍ଡାଇ, ୧୬।୧୦ (ସଂଚାର ବ୍ୟୁରୋ):** ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ଦଳର ବିପୁଳ ବିଜୟ ପାଇଁ କେନ୍ଦ୍ରୀୟ ବିଜେପି ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି । ରାଷ୍ଟ୍ରୀୟ ବିଜେପି ସଭାପତି ଜେ ପି ନଡ୍ଡା ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦିଲ୍ଲୀ ବିଜେପି ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି । ଶ୍ରୀପଣ୍ଡା ଦିଲ୍ଲୀରେ ବିଜେପି ସଂଗଠନକୁ ଅଧିକ ମଜଭୁତ କରି ଆସନ୍ତା ବିଧାନସଭା ନିର୍ବାଚନରେ ଦଳକୁ ବିପୁଳ ବିଜୟ ଆଣିଦେବେ ବୋଲି କେନ୍ଦ୍ରୀୟ ନେତୃତ୍ୱ ଆଶା ପୋଷଣ କରିଛନ୍ତି। ସାଂସଦ ଶ୍ରୀପଣ୍ଡା ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କୁ ପଟ୍ଟାମୁଣ୍ଡାଇ ନଗର ବିଜେପି ପ୍ରଭାରୀ ସୁଶୀଲ ପରିଡା, ଆଡ଼ଭୋକେଟ ଭାରତ ଭୂଷଣ ଦାସ,କାଉନସିଲର ବିଦ୍ୟାଧର ସେଠୀ ଚନ୍ଦନ ପାତ୍ର ଓ ପରେଶ ସାହୁ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଥାନା ବୈଠକକୁ ପୂଜା କମିଟିର ବର୍ଜନ

**ଯାଜପୁର, ୧୬।୧୦ (ସଂଚାର ବ୍ୟୁରୋ):** ଯାଜପୁରର ଗଣପର୍ବ ମା' ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜାକୁ ଆଉ ଅଳ୍ପଦିନ ଥିବା ବେଳେ ସୃଷ୍ଟି ହୋଇଛି ବିବାଦ । ତେବେ ଶାନ୍ତି କମିଟି ଗଠନକୁ ନେଇ ସୃଷ୍ଟି ହୋଇଥିବା ଜଣାପଡିଛି। ପ୍ରତିବର୍ଷ ପରି ଚଳିତ ବର୍ଷ କାଳୀପୂଜାକୁ ଶାନ୍ତି ଶୃଙ୍ଖଳା ସହିତ ଶେଷ କରିବା ନିମନ୍ତେ ଥାନା ପରିସରରେ ଏକ ବୈଠକ ଡକାଯାଇଥିଲା । ଏହି ବୈଠକରେ ସମସ୍ତ ପୂଜା କମିଟି ଓ ଶାନ୍ତି କମିଟିକୁ ଯାଜପୁର ଟାଉନ ଥାନା ପକ୍ଷରୁ ଡକାଯାଇଥିଲା । କିନ୍ତୁ ବିଡ଼ମ୍ବନାର ଘଟଣା ଏହି ବୈଠକରେ ବହୁ ପୂଜା କମିଟିର କର୍ମକର୍ତ୍ତା ଓ ଶାନ୍ତି କମିଟିର ଅନେକ ସଦସ୍ୟ ଯୋଗ ଦେଇନଥିଲେ । ପୂର୍ବରୁ ଶାନ୍ତି କମିଟିରେ ୧୨ଜଣ ସଦସ୍ୟ ଥିବା ବେଳେ ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟିରେ ଆଉ ୫ଜଣଙ୍କୁ ସାମିଲ କରାଯାଇଥିଲା। ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି ।

ଯଦି ୫ଜଣଙ୍କୁ ଶାନ୍ତି କମିଟିରେ ସାମିଲ କରାଗଲା ତେବେ ପୂର୍ବରୁ ଥିବା ଶାନ୍ତି କମିଟି ସହିତ ଜିଲ୍ଲା ପ୍ରଶାସନ ଆଲୋଚନା କରିବାର ଆବଶ୍ୟକତା ଥିଲା ବୋଲି ପ୍ରଶ୍ନ ଉଠିଛି । ସେହିପରି ଅନୁଷ୍ଠିତ ବୈଠକରେ ଭସାଣରେ ସାମିଲ ହେଉଥିବା ୩୬ଟି ପୂଜା କମିଟିରୁ ମାତ୍ର ୩/୪ ଟି ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନ୍‌ଗୋ, ଯାଜପୁର



ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ପୂଜା କମିଟି ମାନଙ୍କର ଭସାଣ ସମ୍ପର୍କରେ ଆଲୋକପାତ କରିଥିଲେ । ଯାଜପୁରର ଗଣ ପର୍ବ କାଳୀପୂଜା ପୂଜାକୁ ବହୁ ଶ୍ରଦ୍ଧାଳୁ ଓ ଦର୍ଶକ ଯାଜପୁରପୁ ଛୁଟି ଆସିଥାନ୍ତି । ଯାହାଫଳରେ ଯାଜପୁରରେ ଜନ ସମାଗମ ବୃଦ୍ଧି ଘଟିଥାଏ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ ହୋଇଥାନ୍ତି । ସମସ୍ତ ପୂଜା କମିଟି ଓ ସହରବାସୀଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା ଓ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଯାଜପୁର ଏକ ଭାଇଚାରାର ସହର ହୋଇଥିବାରୁ ପୁଲିସ ପ୍ରଶାସନକୁ ସହରବାସୀ ଓ ପୂଜା କମିଟିର କର୍ମକର୍ତ୍ତା ଅକୁଣ୍ଠ ସହଯୋଗ ଯୋଗାଇ ଦେଇଥାନ୍ତି ବୋଲି ବୈଠକରେ ପୁଲିସ ବରିଷ୍ଠ ଅଧିକାରୀଗଣ ମତ ଦେଇଥିଲେ । ଯାହା ମତଭେଦ ଅଛି ତାହା ଖୁବଶୀଘ୍ର ଦୂର ହୋଇଯିବ ବୋଲି ପୁଲିସ ଅଧିକାରୀ ମତବ୍ୟକ୍ତ କରିଥିଲେ ।

## 'ମାସ୍ ଇଭେଣ୍ଟସ୍' ତରଫରୁ ତୃତୀୟ ମୋସନ ପିକ୍‌ଚର ଆୱାର୍ଡ

# ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** 'ମାସ ଇଭେଣ୍ଟସ୍' ତରଫରୁ "ତୃତୀୟ ମୋସନ୍ ପିକ୍‌ଚର ଆୱାର୍ଡ ଉତ୍ସବ" ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ମୀର ଅହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ସଂଳାପକାର ଡ. ରଜନୀ ରଞ୍ଜନ, ସମାଜସେବୀ ଓ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଅଭିନେତ୍ରୀ ସୋଫିଆ ଆଲମ୍ ଓ ଯୁବନେତା ଶକ୍ତିପ୍ରକାଶ ପତି ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ୧୮ ବର୍ଗରେ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦ ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରର



ଅଭିନୟ କରିଥିବା କିମ୍ବଦନ୍ତୀ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ନାୟକ ଭାବେ ମହର୍ଷି ଚଳଚ୍ଚିତ୍ର ପାଇଁ ଅଭିନେତା ଚନ୍ଦନ କର ଓ ଅପରେସନ୍ ୧୨/୧୭ ଚଳଚ୍ଚିତ୍ର ପାଇଁ ଅଭିନେତ୍ରୀ ଭୂମିକା ଦାସଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଥିଲା।

ଏହାବ୍ୟତୀତ ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ସହଅଭିନେତା ଶକ୍ତି ବରାଳ, ସହଅଭିନେତ୍ରୀ ପୁଷ୍ପା ପଣ୍ଡା ସହିତ ଖଳ ଅଭିନେତା ଭାବେ ହର ରଥଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅନୁପମ ପଟ୍ଟନାୟକ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରଶାନ୍ତ ପାଢ଼ୀ, ନବାଗତ ଅଭିନେତ୍ରୀ ଭାବେ ଦୀପା ମିଶ୍ର, ଶ୍ରେଷ୍ଠ ଲେଖକ ପ୍ରିୟବ୍ରତ ପଣ୍ଡାଙ୍କ ସହିତ ଚଳଚ୍ଚିତ୍ର ସାମ୍ବାଦିକ ଭାବେ ଶ୍ରୀରାମ ରାୟ ଓ ସିନେ ସମୀକ୍ଷକ ଗୁରୁପଦ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ଚଳଚ୍ଚିତ୍ର ଆସକ୍ତ ପାଇଁ ସୁରଭୀ ପ୍ରିୟଦର୍ଶନୀଙ୍କୁ ସ୍ୱତନ୍ତ୍ର ଜୁରୀ ଆୱାର୍ଡ, ଶ୍ରେଷ୍ଠ ସିନେମା ଅଟୋଗ୍ରାଫି ଭାବେ ପ୍ରତାପ ରାଉତ, ଉଦୀୟମାନ ନିର୍ଦ୍ଦେଶକ ଭାବେ ତ୍ରିପତି ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଚଳଚ୍ଚିତ୍ର ଶିଳ୍ପ ଗୌରବ ଭାବେ ଅଭିନେତା ଚୌଧୁରୀ ବିକାଶ ଦାସ ଓ ଜୁରୀ ଆୱାର୍ଡ ରୂପେ ଦୁଷ୍ମନ୍ତ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା।

## ଲୁଟେରାଙ୍କୁ ଗିରଫ କରିବାରେ ବିଳମ୍ବ

# ପୋଲିସ୍‌କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ

**ସୁବର୍ଣ୍ଣପୁର, ୧୬।୧୦ (ସଂଚାର ବ୍ୟୁରୋ):** ଧରାପଡ଼ିଥିବା ଲୁଟେରାମାନଙ୍କୁ ଗିରଫ କରିବାରେ ବିଳମ୍ବକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ଗ୍ରାମବାସୀ ପୁଲିସକୁ ଗାଁ ଦାଣ୍ଡରେ ଗୋଡ଼ାଇଗୋଡ଼ାଇ ପିଟିବା ସଙ୍ଗେ ସଙ୍ଗେ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଆକ୍ରମଣରେ ୨ ଏଏସ୍‌ଆଇ ଓ ୩ ଲୁଟେରା ଆହତ ହୋଇଥିବା ବେଳେ ଗାଁରେ ଫୋର୍ସ ମୁତୟନ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଆନନ୍ଦନଗର ଗାଁରେ ଏପରି ଘଟଣା ଘଟିଛି। ଫୋର୍ସ ପହଞ୍ଚି ଲାଠି ଚାର୍ଜ କରି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ୩ ଲୁଟେରା, ଆହତ ଦୁଇ ଏଏସ୍‌ଆଇ ଏବଂ ଅନ୍ୟ ପୁଲିସ୍ କର୍ମଚାରୀଙ୍କୁ ଉଦ୍ଧାର କରିଛନ୍ତି।

ଗାଁ ଲୋକଙ୍କ କହିବା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ୩ ନାବାଳକ ଏକ ବାଇକ୍‌ରେ ଆସି ଆନନ୍ଦନଗର ଗାଁ ପାଖ ଦେଇ ଯାଇଥିବା ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ସେହି ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ହଇରାଣ କରିବା ସହ ଅନ୍ଧାରର ସୁଯୋଗ ନେଇ ଭୟଭୀତ କରି ଟଙ୍କା ଓ ମୋବାଇଲ୍ ଲୁଟିଥିଲେ। ଗାଁ ଲୋକେ ଏ ସମ୍ପର୍କରେ ଜାଣିପାରି ୩ ଲୁଟେରାଙ୍କୁ କାବୁ କରି ନିର୍ଘୁମ ପିଟିଥିଲେ। ସେମାନଙ୍କୁ କ୍ଲବ ଘରେ ପୂରାଇ ତାଲା ପକାଇ ଦେଇଥିଲେ। ଏ ନେଇ ବିନିକା ଥାନାକୁ ଖବର ଦେଇଥିଲେ। ହେଲେ ରାତିରେ ପୁଲିସ୍ ଆସିଲା ନାହିଁ। ବୁଧବାର ସକାଳ ପ୍ରାୟ ୭ଟା ବେଳେ ଏଏସଆଇ ତ୍ରିନାଥ ସାହୁ, ସୁଜାତା ବୁଡେକ ଓ ରଞ୍ଜନ ନାୟକ ସଦଳବଳେ ଗାଁକୁ ଯାଇ ଅଟକ ଥିବା ୩ ଲୁଟେରାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଲୋକେ ବିରୋଧ କରିଥିଲେ।

ଗାଁ ଲୋକଙ୍କ ସହିତ ପୁଲିସ୍ ଆଲୋଚନା କରୁଥିବା ବେଳେ ଜଣେ ଲୁଟେରାର ମାଆ ସମସ୍ତଙ୍କୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ହୋ-ହଲ୍ଲା ଓ ଠେଲାପେଲା। ପୁଲିସ୍ କର୍ମଚାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ ଗ୍ରାମବାସୀ। ମାଡ଼ରେ ଏଏସ୍‌ଆଇ ତ୍ରିନାଥ ସାହୁ ଓ ସୁଜାତା ବୁଡେକଙ୍କ ସମେତ ଆଉ କିଛି ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଏକ ପ୍ଲାଟୁନ୍ ଫୋର୍ସ ଧରି ଗାଁରେ ପହଞ୍ଚି ସ୍ଥିତି ଅଣାୟତ୍ତ ହୋଇଥିବା ଦେଖି ଲାଠି ଚାର୍ଜ କରିବା ସହ ଆହତ ୩ ଲୁଟେରା ଓ ପୁଲିସ କର୍ମଚାରୀମାନଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଗାଁରେ ଏବେ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।

# ବଢୁଛି ବେଆଇନ ଅର୍ଥ ଲଗାଣକାରୀ ସଂସ୍ଥାର ଆତଙ୍କରାଜ

## ଋଣ ଆଣି ନିର୍ଯାତନାର ଶିକାର ହେଉଛନ୍ତି ନିରୀହ ମହିଳା, ଥାନାରେ ମାମଲା

**ଜଗତସିଂହପୁର, ୧୬।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ରହିଥିଲେ ମଧ୍ୟ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ରାସ୍ତାରେ କଣ୍ଟା ସାଜୁଛନ୍ତି କିଛି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଏମାନଙ୍କ ପ୍ରଲୋଭନରେ ଛନ୍ଦି ହେଉଛନ୍ତି ଶହଶହ ନିରୀହ ମହିଳାମାନେ ଋଣ ନେଇ ପରିଶୋଧ କରିବା ପରେ ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ୍‌ରେ ଫସି ଯାଉଛନ୍ତି ।

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସାଁପୁର ପଞ୍ଚାୟତର ମଜୁରାଇ ଗ୍ରାମର ମଦନ ବେହେରାଙ୍କ ଝିଅ ରୁନିଆ ବେହେରା ଋଣର ଶିକାର ହୋଇ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଶ୍ରୀମତୀ ବେହେରାଙ୍କ କିଛି ଅର୍ଥ ଆବଶ୍ୟକତା ପଡିବାରୁ ଅଳସୁଧା ଗ୍ରାମର ପରିଚିତ ଲକ୍ଷ୍ମୀପ୍ରିୟା ବେହେରା ସ୍ୱାମୀ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ସହିତ ଯୋଗାଯୋଗ ହୋଇଥିଲା। ଲକ୍ଷ୍ମୀପ୍ରିୟା ମୋତେ ଋଣ କରାଇ ଦେବାକୁ କହି ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରତିଶୃତି ଦେଇଥିଲେ । ଲକ୍ଷ୍ମୀପ୍ରିୟା ରୁନିଆ ବେହେରାଙ୍କୁ ନେଇ ଜଗତସିଂହପୁର ସାନବଜାର ସ୍ଥିତ ମୋନାଲିସା ପ୍ଲାଜାର ମାଲିକ ବିପୁଲ ସାହୁଙ୍କ ଦେଖାକରାଇ ପୂର୍ବ ଯୋଜନା ମୁତାବକ ୧ ଲକ୍ଷ ଟଙ୍କା ଦେବାପାଇଁ ରାଜିହୋଇଥିଲେ। ୨୪/୧୧/୨୦୨୩ ମସିହାରେ ଉକ୍ତ ଦୁଇଜଣ ଲକ୍ଷ୍ମୀପ୍ରିୟା ଓ ବିପୁଲ ସାହୁ କୋର୍ଟ ପେପର ଓ ଷ୍ଟାମ୍ପ ପେପରରେ ୬ରୁ ସାତ ଟଙ୍କା ସୁଧରେ ଜୋର ଜବରଦସ୍ତ ଦସ୍ତଖତ କରାଇନେଇଥିଲେ। ବନ୍ଧନ ବ୍ୟାଙ୍କରୁ ଅନିଚ୍ଛା ସ୍ୱତେ ୮ଟି ଚେକ ଦସ୍ତଖତ କରାଇ ନେଇଥିଲେ । ଚୁକ୍ତି ମୁତାବକ ମୁଁ ସମସ୍ତ ଅର୍ଥ ଠିକ ସମୟ ମଧ୍ୟରେ ଋଣ ମୂଳ ସହିତ ସୁଧ ଫେରସ୍ତ ପରେ ମଧ୍ୟ ବିପୁଲ ସାହୁ ଆହୁରି ଅଧିକ ଅର୍ଥ ମାଗୁଛନ୍ତି। ଦେବାକୁ ମନାକରିବାରୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଦେବା ସହିତ ଜାତିଆଣ ଆକ୍ଷେପ କରି ଧମକ ଚମକ ଦେଉଛନ୍ତି।

ଏହି ସମସ୍ୟା ସମ୍ପର୍କରେ ଜଗତସିଂହପୁର ଥାନାରେ ରୁନିଆ ବେହେରା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାପରେ ୧୦୦୬/୨୪ ମାମଲା ରୁଜୁ କରିବା ସହ ଜିଲ୍ଲାରେ ବେଆଇନ ଅର୍ଥ ଲଗାଣକାରୀ ସଂସ୍ଥାଙ୍କ ଆତଙ୍କରାଜ ଦିନକୁ ଦିନ ବଢିବା ସହ ଅର୍ଥ ଲଗାଣକାରୀ ସଂସ୍ଥା ଦ୍ୱାରା ନିରୀହ ମହିଳା ମାନେ ନିର୍ଯ୍ୟାତନାର ଶିକାର ହେଉଥିବା ମହିଳା ଜିଲ୍ଲାରେ ମାତ୍ରାଧିକ ବୃଦ୍ଧି ପାଇବାକୁ ଲାଗିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଆଗକୁ ବଡ଼ ପରୀକ୍ଷା

ଲୋକସଭା ନିର୍ବାଚନ ପରେ ପୁଣିଥରେ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ଉତ୍ତର ପ୍ରଦେଶ ପରେ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମହାରାଷ୍ଟ୍ର ସହିତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଘୋଷଣା ହୋଇଛି। ଏହା ସହିତ ୨ଟି ଲୋକସଭା ଏବଂ ୪୮ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ମଧ୍ୟ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଲୋକସଭା ନିର୍ବାଚନ ପରେ ପ୍ରଥମ ପରୀକ୍ଷା ଥିଲା ହରିୟାନା ଓ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ। ହରିୟାନାରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ ବିଜୟ ହାସଲ କରି କ୍ଷମତା ଦଖଲ କରିଛି। ଜାମ୍ମୁ-କାଶ୍ମୀରରେ ନ୍ୟାସନାଲ କନଫରେନ୍ସ ବିଜୟୀ ହୋଇଛି। ସେଠାରେ ବିଜେପି ୨୯ଟି ଆସନ ସହ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। କଂଗ୍ରେସ ମାତ୍ର ୬ଟି ଆସନ ସହ ବହୁ ପଛରେ ପଡ଼ିଛି। ମୋଟାମୋଟି ଭାବେ ହରିୟନା ଓ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ବିଜେପି ଭଲ ପ୍ରଦର୍ଶନ କରିଛି ଏବଂ ଦଳର ସ୍ଥିତି ମଜବୁତ ହୋଇଛି। ଏବେ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହୋଇଛି। ଝାଡ଼ଖଣ୍ଡରେ ନଭେମ୍ବର ୧୩ ଓ ୨୦ରେ ଦୁଇଟି ପର୍ଯ୍ୟାୟରେ ଏବଂ ମହାରାଷ୍ଟ୍ରରେ ନଭେମ୍ବର ୨୦ରେ ଗୋଟିଏ ଦିନରେ ସମସ୍ତ ୨୮୮ ଆସନ ଲାଗି ଭୋଟ ଗ୍ରହଣ କରାଯିବ। ଉଭୟ ରାଜ୍ୟର ଭୋଟ ଗଣତି ଏକସଙ୍ଗେ ନଭେମ୍ବର ୨୩ରେ ହେବ ଏବଂ ସେହିଦିନ ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ କିଏ ଆଗାମୀ ୫ ବର୍ଷ ପାଇଁ ରାଜ୍ୟରେ କ୍ଷମତା ଦଖଲ କରିବ। ଝାଡ଼ଖଣ୍ଡ ଏକ ଅପେକ୍ଷାକୃତ ଛୋଟ ରାଜ୍ୟ ହୋଇଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଏଠାରେ ଦୁଇଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଯାଉଛି। ଏହି ଦୁଇ ରାଜ୍ୟ ବିଧାନସଭା ନିର୍ବାଚନ ସହିତ ୨ ଟି ଲୋକସଭା ଏବଂ ବିଭିନ୍ନ ରାଜ୍ୟର ୪୮ଟି ବିଧାନସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଘୋଷଣା କରାଯାଇଛି। ୪୮ଟି ବିଧାନସଭା ଆସନ ମଧ୍ୟରେ ରହିଛି ୟୁପିର ୧୦ଟି ବିଧାନସଭା ଆସନ। ସେହିପରି କେରଳର ୱାୟନାଡ଼ ଲୋକସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଘୋଷଣା କରାଯାଇଛି। ଏହି ଆସନରୁ ଗତ ନିର୍ବାଚନରେ ବିଜୟ ହାସଲ କରିଥିବା ରାହୁଲ ଗାନ୍ଧି ଏଠାରୁ ଇସ୍ତଫା ଦେବା ପରେ ଏଥିଲାଗି ଉପନିର୍ବାଚନର ଆବଶ୍ୟକତା ପଡ଼ିଲା। ଏଠାରେ କଂଗ୍ରେସ ପକ୍ଷରୁ ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରାର୍ଥୀ ହେବେ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ଏ ସମ୍ପର୍କରେ ସଙ୍କେତ ମଧ୍ୟ ମିଳିଥିଲା। ୱାୟନାଡ଼ କଂଗ୍ରେସ ପାଇଁ ଏକ ସୁରକ୍ଷିତ ଆସନ। ଏଠାରେ କଂଗ୍ରେସର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ହେଲା ସିପିଏମ। ବିଜେପିର ସ୍ଥିତି ଏଠାରେ ଅତ୍ୟନ୍ତ ଦୁର୍ବଳ। ତେଣୁ ପ୍ରିୟଙ୍କା ଅକ୍ଳେଶରେ ଏଠାରୁ ବିଜୟୀ ହେବେ ବୋଲି ଆଶା। ୨୦୧୯ରେ ରାହୁଲ ନିଜ ପାରମ୍ପରିକ ଆସନ ଆମେଥି ସହ ୱାୟନାଡ଼ରୁ ମଧ୍ୟ ପ୍ରାର୍ଥୀ ହୋଇଥିଲେ। ଆମେଥିରୁ ସେ ପରାଜିତ ହୋଇଥିଲେ। ୱାୟନାଡ଼ ଆସନ ବଜାୟ ରଖିଥିଲେ। ୨୦୨୪ରେ ମଧ୍ୟ ସେ ଉଭୟ ରାୟବରେଲୀ ଏବଂ ୱାୟନାଡ଼ ଆସନରୁ ପ୍ରାର୍ଥୀ ହୋଇ ଉଭୟ ଆସନରୁ ବିଜୟୀ ହୋଇଥିଲେ। ଏଥର ସେ ଉତ୍ତରପ୍ରଦେଶର ରାୟବରେଲି ଆସନକୁ ରଖି ୱାୟନାଡ଼ରୁ ଇସ୍ତଫା ଦେଲେ। ପ୍ରିୟଙ୍କା ଏଥର ପ୍ରଥମ ଥର ଲାଗି ନିର୍ବାଚନ ରାଜନୀତିକୁ ଓହ୍ଲାଇଛନ୍ତି। ଏବେ କଂଗ୍ରେସରେ ଆଉ ଜଣେ ଗାନ୍ଧି ଆଗକୁ ଆସିଛନ୍ତି। ସମ୍ଭବତଃ ସେ ଭବିଷ୍ୟତରେ କଂଗ୍ରେସର ନେତୃତ୍ୱ ନେବେ ଏବଂ ରାହୁଲଙ୍କ ପରିବର୍ତ୍ତେ ସେ କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ଜାତୀୟ ରାଜନୀତିରେ ଏହା ଏକ ବଡ଼ ଘଟଣା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ। ଝାଡ଼ଖଣ୍ଡରେ ଏବେ ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟ ସରକାର ଚାଲିଛି। ଜେଏମଏମ ନେତା ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ବିଜେପି ମୁଖ୍ୟ ବିରୋଧୀ ଦଳ। ୨୦୧୯ରେ ବିଜେପିକୁ ପରାଜିତ କରି ଜେଏମଏମ କ୍ଷମତା ହାସଲ କରିଥିଲା। କିନ୍ତୁ ଗତ ୫ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ଆସିଛି। ନିଜେ ହେମନ୍ତ ସୋରେନ ଜମି ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଏବେ ବେଲରେ ଆସିଛନ୍ତି। ତେଣୁ ଏଥର ଜନମତ ଶାସକ ଦଳ ବିରୋଧରେ ଯାଇପାରେ। ଝାଡ଼ଖଣ୍ଡରେ ବିଜେପି ପାଇଁ ୫ ବର୍ଷ ବ୍ୟବଧାନରେ କ୍ଷମତାକୁ ଫେରିବା ସୁଯୋଗ ରହିଛି। ତେବେ ବିଜେପି ଯଦି ଏଥିଲାଗି ନିଶ୍ଚିନ୍ତ ହୋଇଗଲେ ହରିୟନାରେ କଂଗ୍ରେସର ଅବସ୍ଥା ଭୋଗିବ। ଝାଡ଼ଖଣ୍ଡରେ ଜିତିବାକୁ ହେଲେ ବିଜେପିକୁ ସୁଚିନ୍ତିତ ରଣକୌଶଳ ଆପଣାଇବାକୁ ପଡ଼ିବ। ଏହା ସହିତ ସହଯୋଗୀ ଦଳ ସହ ଉତ୍ତମ ବୁଝାମଣା ଏବଂ ଉପଯୁକ୍ତ ପ୍ରାର୍ଥୀ ଚୟନର ଆବଶ୍ୟକତା ରହିଛି। ଝାଡ଼ଖଣ୍ଡରେ ବିଜେପି ସଫଳ ହେଲେ ଏହାର ପ୍ରଭାବ ପଡ଼ୋଶୀ ବିହାର ରାଜନୀତି ଉପରେ ପଡ଼ିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ। ଏଠାରେ ବିଜେପି ନେତୃତ୍ୱାଧିନ ଏନଡିଏ ଓ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ମଧ୍ୟରେ ସିଧାସଳଖ ମୁକାବିଲା ହେବ। ମହାରାଷ୍ଟ୍ରରେ ବିଜେପି-ଶିବସେନା (ସିନ୍ଦେ ଗୋଷ୍ଠୀ) ଓ ଏନସିପି ( ଅଜିତ ପାୱାର ଗୋଷ୍ଠୀ) ମେଣ୍ଟ କ୍ଷମତାରେ ରହିଛି। ୨୦୧୯ରେ ବିଜେପି-ଶିବସେନା ମେଣ୍ଟ ମହାରାଷ୍ଟ୍ରରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ପରେ ଶିବସେନା ବିଜେପିର ହାତ ଛାଡ଼ି କଂଗ୍ରେସ ଓ ଏନସିପି ସମର୍ଥନରେ ସରକାର ଗଠନ କରିଥିଲା। କ୍ଷମତା ପାଇଁ ଏହା ଥିଲା ଶିବସେନାର ଚରମ ସାଲିସ ଏବଂ ସୁବିଧାବାଦୀ ରାଜନୀତି। ଯେଉଁ କଂଗ୍ରେସ ବିରୋଧରେ ଲଢ଼େଇ କରି ଶିବସେନା ଗଠନ ହୋଇଥିଲା ସେହି କଂଗ୍ରେସ ଆଗରେ ଉର୍ଦ୍ଧବ ଠାକରେ ମୁଣ୍ଡ ନୁଆଁଇଲେ। ଏହା ଥିଲା ଜନମତର ବିରୁଦ୍ଧାଚରଣ। ପରେ ଅବଶ୍ୟ ଏହି ସରକାର ଭାଙ୍ଗିଗଲା ଏବଂ ଏନସିପି ଓ ଶିବସେନାରେ ବିଭାଜନ ଘଟିଲା। ଦୁଇ ଦଳର ବିଭାଜିତ ଗୋଷ୍ଠୀ ଏନଡିଏରେ ସାମିଲ ହୋଇ ରାଜ୍ୟରେ କ୍ଷମତାର ଅଂଶୀଦାର ହୋଇଛନ୍ତି। ଏକନାଥ ସିନ୍ଦେ ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ଗତ ବିଧାନସଭା ନିର୍ବାଚନରେ ବିଜେପି ୧୦୦ରୁ ଅଧିକ ଆସନ ପାଇ ବୃହତ୍ତମ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ବିଜେପି ମୁଖ୍ୟମନ୍ତ୍ରୀ ପଦ ହାସଲ କରିପାରିଲା ନାହିଁ। ଏବେ ପୁଣି ବିଜେପି ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଏଥର ବିଧାନସଭା ନିର୍ବାଚନ ଭିନ୍ନ ପ୍ରସଙ୍ଗ ଆଧାରିତ ହେବ। ବିଜେପି ସପକ୍ଷରେ ରାଜ୍ୟରେ ଜନମତ ରହିଛି। କିନ୍ତୁ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓ ଅଜିତ ପାୱାରଙ୍କ ଏନସିପି ଭଲ ସ୍ଥିତିରେ ନାହାଁନ୍ତି। ଆସନ ବୁଝାମଣା ନେଇ ତିନି ଦଳ ମଧ୍ୟରେ ବିବାଦ ରହିଛି। ଅଜିତ ପାୱାରଙ୍କ ଉପରେ ଭରସା ନାହିଁ। ସେ ଜଣେ ସୁବିଧାବାଦୀ ନେତା। କ୍ଷମତା ପାଇଁ ସେ କେତେବେଳେ ପକ୍ଷ ପରିବର୍ତ୍ତନ କରିବେ ସେଥିରେ ଠିକଣା ନାହିଁ। ତେଣୁ ବିଜେପି ଏଥର ସତର୍କତାର ସହ ଗୋଟିଚାଳନା କରିବ। ଅଜିତ ପାୱାରଙ୍କୁ ବାଦ ଦେଇ କିପରି ସରକାର ଗଠନ କରାଯାଇପାରିବ ସେଥିଲାଗି ବିଜେପି ପ୍ରୟାସ କରିବ। ବିଜେପି ଯଦି ୧୨୦ ଆସନ ପାଇପାରିବ ତେବେ କ୍ଷମତା ଦଖଲ ସହଜ ହେବ। ନଚେତ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଦଳକୁ ବିରୋଧୀ ଆସନରେ ବସିବାକୁ ପଡ଼ିବ। ତେବେ ମହାରାଷ୍ଟ୍ର ଭଳି ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପି ଜିତିବା ଲାଗି ସବୁ ପ୍ରକାର ଉଦ୍ୟମ କରିବ। ବିଜେପି ଭାବୁଛି ଯେ ହରିୟାନା ନିର୍ବାଚନର ପୁନରାବୃତ୍ତି ମହାରାଷ୍ଟ୍ରରେ ହେବ। କିନ୍ତୁ ହରିୟାନା ଓ ମହାରାଷ୍ଟ୍ର ମଧ୍ୟରେ ଅନେକ ଫରକ ରହିଛି। ମହାରାଷ୍ଟ୍ର ଭୋଟରମାନେ ବେଶ ସଚେତନ ଏବଂ ସତର୍କ। ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଦେଇ ହେବ ନାହିଁ। ଏଥିପାଇଁ ଉଭୟ ପକ୍ଷଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

## ସମ୍ପାଦକଙ୍କୁ ପତ୍ର

### ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି

*ମହାଶୟ,*

ବର୍ତ୍ତମାନ ସମୟ ହେଉଛି ସ୍ମାର୍ଟ ଫୋନର ଯୁଗ। ପ୍ରତି ମୁହୂର୍ତ୍ତରେ ଏହାର ଆବଶ୍ୟକତା ଅନୁଭବ କରାଯାଉଛି। ଅନଲାଇନରେ ପାଠପଢ଼ା ହେଉଛି, ପରୀକ୍ଷା ବି ହେଉଛି। ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଅପରିହାର୍ଯ୍ୟ ସାମଗ୍ରୀ ହୋଇଛି। ଯେ କୌଣସି ସରକାରୀ ଯୋଜନା ହେଉ, ହିତାଧିକାରୀଙ୍କୁ ସବୁ ମେସେଜ ମୋବାଇଲ ଫୋନ ମାଧ୍ୟରେ ଦିଆଯାଉଛି। ଆଧାର କାର୍ଡ ସହିତ ମୋବାଇଲ ନମ୍ବର ଯୋଡ଼ିବା ନିହାତି ଆବଶ୍ୟକ। ବ୍ୟାଙ୍କ ଆକାଉଣ୍ଟ ସହିତ ମୋବାଇଲ ନମ୍ବର ସଂଯୋଗ ନିହାତି ଜରୁରୀ। ବିନା ମୋବାଇଲରେ ଜୀବନ ଦୁର୍ବିସହ। ଅନେକ କ୍ଷେତ୍ରରେ ଆପଣ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହେବେ। କିନ୍ତୁ ମୋବାଇଲ କିଛି କମ ମୂଲ୍ୟରେ ମିଳୁନି। ଏଥିରେ ନିୟମିତ ରିଚାର୍ଜ କରିବା ମଧ୍ୟ ବେଶ ଖର୍ଚ୍ଚ ସାପେକ୍ଷ। ଜଣେ ଗରିବ ଲୋକ ଏହାକୁ ସବୁ ବେଳେ ବଜାୟ ରଖିବା କଷ୍ଟକର। ମୋବାଇଲ ରଖିବାକୁ ସେ ବାଧ୍ୟ ନୁହେଁ। କିନ୍ତୁ ବିନା ମୋବାଇଲରେ ସେ ଅନେକ ଯୋଜନାରୁ ବଞ୍ଚିତ ହେବ। ଏହା ଜଣେ ନାଗରିକର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ମୋ ଇଚ୍ଛା ମୁ ମୋବାଇଲ ରଖିଲେ ରଖିବି ନହେଲେ ନାହିଁ। ମତେ ସରକାର ଏଥିପାଇଁ ବାଧ୍ୟ କରିପାରିବେ ନାହିଁ। ମୋବାଇଲ ବା ସ୍ମାର୍ଟ ଫୋନ ନଥିଲେ ଯଦି ମୋତେ ମୌଳିକ ଅଧିକାରରୁ ବଞ୍ଚିତ ହେବାକୁ ପଡୁଛି ତେବେ ଏହା ମୋ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି।

ରମେଶ ଚନ୍ଦ୍ର ଧଳ, ପାଣିକୋଇଲି, ଯାଜପୁର

# ପ୍ରଭାବଶାଳୀ ପ୍ରଶାସନ ଓ ଦିଗ୍‌ଦର୍ଶୀ ନେତୃତ୍ୱର ସମାବେଶୀ ବ୍ୟକ୍ତିତ୍ୱ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ

"ରାଜନୀତି ବୃତ୍ତି ନୁହେଁ, ରାଜନୀତି ଜନସେବାର ଏକ ମାଧ୍ୟମ"। ଏହି ଉକ୍ତିର ଆଧୁନିକ ରାଜନୀତିରେ ଯଦି କୌଣସି ଜୀବନ୍ତ ଉଦାହରଣ ଥାଏ, ସେ ନାମଟି ହେଲା, 'ନବୀନ ପଟ୍ଟନାୟକ'। କ୍ରମାଗତ ପାଞ୍ଚଥର ପାଇଁ, ଦୀର୍ଘ ଚବିଶ ବର୍ଷ ଧରି ଶାସନ କ୍ଷମତାରେ ଆସୀନ ହୋଇ ଲୋକଙ୍କ ବିଶ୍ୱାସଭାଜନ ହେବା ସାଂପ୍ରତିକ ରାଜନୀତିରେ ବିରଳ। ଏତେ ଲମ୍ବା ସମୟ ଧରି ନିରବଚ୍ଛିନ୍ନ ଭାବେ ବାରମ୍ବାର ଲୋକଙ୍କ ସମର୍ଥନ ପାଇବା କୌଣସି ଚମତ୍କାରଠୁ କମ୍ ନୁହେଁ, କାରଣ ୧୯୯୦ ଦଶନ୍ଧିରୁ ଭାରତୀୟ ରାଜନୀତିରେ ଗଠବନ୍ଧନ ସରକାରର ଅଭ୍ୟୁଦୟ ହୋଇଥିଲା ଯାହା ଆଜିପର୍ଯ୍ୟନ୍ତ ଚାଲୁରହିଛି।

ଏତେ ଲମ୍ବା ସମୟ ଧରି ନିରବଚ୍ଛିନ୍ନ ଭାବେ ଲୋକଙ୍କ ବିଶ୍ୱାସଭାଜନ ହେବା ଏକ ଶୋଧର ଆବଶ୍ୟକତା ଅଛି। କିନ୍ତୁ, ରାଜନୈତିକ ଦୃଷ୍ଟିକୋଣରୁ ବିଚାରକଲେ କେବଳ ଦୁଇଟି କାରଣ ପ୍ରତୀୟମାନ ହୁଏ। ପ୍ରଥମଟି ହେଉଛି ସଂପୂର୍ଣ୍ଣ ଭାବେ ନିର୍ମଳ ଓ ସ୍ୱଚ୍ଛ ବ୍ୟକ୍ତିଗତ ଭାବମୂର୍ତ୍ତି ଏବଂ ଦ୍ୱିତୀୟଟି ହେଉଛି ପ୍ରଭାବୀ ପ୍ରଶାସନ। ନବୀନ ପଟନାୟକ କେଉଁ ପ୍ରକାର ପରିସ୍ଥିତିରେ ରାଜନୈତିକ ଚିତ୍ରପଟକୁ ଆସିଥିଲେ, ସର୍ବଜନବିଦିତ। ତେଣୁ ତାହାର ପୁନରାବୃତ୍ତି କରିବା ଅନାବଶ୍ୟକ। ୨୦୦୦ ମସିହା ପରେ ସେ ଯେତେବେଳେ ରାଜ୍ୟର ଶାସନ କ୍ଷମତାକୁ ସମ୍ଭାଳିଥିଲେ ଏବଂ କିପରି ଭାବେ ଏକ ଦରିଦ୍ର, ପଛୁଆ ଏବଂ ଅର୍ଥନୈତିକ ଭାବେ ଦେବାଳିଆ ରାଜ୍ୟକୁ ଖୁବ କମ୍ ସମୟ ଭିତରେ ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ଭିତରେ ସ୍ଥାନ ଦେଇଥିଲେ, ତାହା ଯେତିକି ପ୍ରଶଂସନୀୟ, ସେତିକି ଆଶ୍ଚର୍ଯ୍ୟମୟ ମଧ୍ୟ।

ଯେତେବେଳେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମେ ୨୦୦୦ ମସିହାରେ ଶପଥ ଗ୍ରହଣ କରିଥିଲେ ସେତେବେଳେ ଅଧା ଓଡିଶା ମହାବାତ୍ୟାର ପ୍ରକୋପରୁ ଛିନଭିନ୍ନ ହୋଇଯାଇଥିଲା। ଗୋଟିଏ ପଟେ ଉପକୂଳ ଓଡିଶାର ପୁନଃନିର୍ମାଣ ଏବଂ ଅନ୍ୟପଟେ ରାଜ୍ୟ ଚଳାଇବାକୁ ଶୂନ୍ୟ ରାଜକୋଷ। ସରକାରୀ କର୍ମଚାରୀଙ୍କ ଦରମା ଓ ପେନସନ ପାଇଁ ସରକାରଙ୍କ ପାଖରେ ପଇସା ନ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତିଦିନିଆ ଋଣରେ ସରକାର ଚାଲୁଥିଲା। ଏପରି ପରିସ୍ଥିତିରେ ନବୀନ ପଟ୍ଟନାୟକ ଠିକ ଭାବେ ହୃଦୟଙ୍ଗମ କରିଥିଲେ ଯେ ପ୍ରଶାସନିକ ସଂସ୍କାରବିନା ସ୍ଥିତି ସମ୍ଭାଳିବା କାଠିକର ହୋଇଯିବ। ଯେ କୌଣସି ସଂସ୍କାରକୁ ବିଭିନ୍ନ ସ୍ତରରେ ସେତେବେଳେ ବିରୋଧ କରାଯିବା ମଧ୍ୟ ସ୍ୱାଭାବିକ ଥିଲା।

କିନ୍ତୁ, ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପିତା ଔଷଧର ଉପଚାରର ଆବଶ୍ୟକତା ଥିଲା ଏବଂ ତାହାହିଁ ହେଲା। ଆଉ ଏକ ବଡ ପ୍ରତିବନ୍ଧକ ଥିଲା ସର୍ବୋଚ୍ଚ ସ୍ତରରେ ଦୁର୍ନୀତି। ଶାସନ ଆରମ୍ଭରୁ ଦୁର୍ନୀତି ପ୍ରତି 'ଶୂନ୍ୟ ସହନଶୀଳତା' ନୀତି ଯୋଗୁଁ, ନିଜ ଦଳ ତଥା ସହଯୋଗୀ ଦଳର ଅନେକ ଅତ୍ୟନ୍ତ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ବିଦା କରିଥିଲେ। ଏପରି କାର୍ଯ୍ୟାନୁଷ୍ଠାନ ଏକ ମିଳିତ ସରକାରରେ ଅକଳ୍ପନୀୟ ଥିଲା। କିନ୍ତୁ, ତାଙ୍କର ଦୃଢ ଇଚ୍ଛାଶକ୍ତି ବଳରେ କେବଳ ରାଜନେତା ନୁହେଁ, ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିଲା। ୨୦୦୦ ପୂର୍ବବର୍ତ୍ତୀ ସରକାର ଅମଳରେ ରାଜ୍ୟବାସୀ ସବୁ ସ୍ତରରେ ଦୁର୍ନୀତି ପାଇଁ ତ୍ରାହି ତ୍ରାହି ଡାକୁଥିଲେ। କିନ୍ତୁ, ନବୀନବାବୁଙ୍କ କଡା ନିର୍ଦ୍ଦେଶ ଏବଂ ଦୃଢ ଶାସନ ଫଳରେ ପୁଣିଥରେ ଲୋକଙ୍କ ବିଶ୍ୱାସ ଫେରିଥିଲା ପ୍ରଶାସନ ଉପରେ।

ଦ୍ୱିତୀୟ କାରଣଟି ହେଉଛି, ବିକାଶ। 'ବିକାଶ' ଏପରି ଏକ ଶବ୍ଦ ଯାହା ରାଜନୀତିରେ ସବୁ ରାଜନୈତିକ ଦଳ ଚତୁରତାର ସହିତ ନିଜକୁ ଅନୁକୂଳ କରିବା ପାଇଁ ବ୍ୟବହାର ବା ଅପବ୍ୟବହାର କରିଥାଆନ୍ତି। ଉଦାହରଣସ୍ୱରୂପ, ୨୦୦୪ ମସିହାରେ 'ଇଣ୍ଡିଆ ସାଇନିଙ୍ଗ' କେବଳ ଏକ ସ୍ଲୋଗାନ ଥିଲା, ବାସ୍ତବରେ ଏହା ଲୋକଙ୍କ ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣିନଥିଲା, ଯାହାଫଳରେ ଅଟଳ ବିହାରୀ ବାଜପେୟୀଙ୍କ ପରି ନେତାଙ୍କୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଥିଲେ।

ତେଣୁ, ମୁଖ୍ୟମନ୍ତ୍ରୀ ଭାବେ ଓଡିଶାକୁ ବିକାଶର ରାଜରାସ୍ତାରେ ଦଉଡାଇବା ଏକ କଠିନ ବ୍ୟାପାର ଥିଲା। କାରଣ, ସେ ସମୟରେ ଓଡିଶାର ଅର୍ଥନୈତିକ ସ୍ଥିତି ଥିଲା ଅତ୍ୟନ୍ତ ସଙ୍ଗିନ। ରାଜ୍ୟର ୬୩ ପ୍ରତିଶତରୁ ବି ଅଧିକ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ



ରହୁଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସବୁ କ୍ଷେତ୍ରରେ ଓଡିଶା ଥିଲା ପଛୁଆ ଏବଂ ଦେଶରେ ଏହାକୁ 'ବିମାରୁ' ରାଜ୍ୟ ଭାବେ ଅଭିହିତ କରାଯାଉଥିଲା।

କିନ୍ତୁ, କଥାରେ କୁହାଯାଏ, 'ମାନବର ଚରିତ୍ର ପ୍ରତିପାଦିତ ହୁଏ ପ୍ରତିକୂଳ ପରିସ୍ଥିତିରେ'। ଏହି ସବୁ ସମସ୍ୟାକୁ ସମାଧାନ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି, ଲୋକାଭିମୁଖୀ ଯୋଜନାର ପରିକଳ୍ପନା ଏବଂ କାର୍ଯ୍ୟାନୁୟାନ ଏବଂ ଦିଗଦର୍ଶନର ଆବଶ୍ୟକତା ଥିଲା। ଆରମ୍ଭ ହେଲା ବିକଶିତ ଓଡିଶା ଗଢିବା ପାଇଁ ସଂକଳ୍ପ। ଫଳସ୍ୱରୂପ ପ୍ରାୟ ଦଶ ବର୍ଷରେ ଓଡିଶା ଏକ ନିଅଣ୍ଟିଆ ରାଜ୍ୟରୁ ବଳକା ଚାଉଳ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହେଲା। କ୍ଷୁଧାକୁ ଦୂର କରିବା ପାଇଁ ବୈପ୍ଳବିକ 'ଟଙ୍କିକିଆ ଚାଉଳ' ଯୋଜନାର ଶୁଭାରମ୍ଭ କରଯାଇଥିଲା, ଯାହା ଫଳରେ ଓଡିଶାରୁ ଅନାହାର ଇତିହାସରେ ପରିଣତ ହୋଇଯାଇଥିଲା।

ସବୁ କ୍ଷେତ୍ରରେ ବିକାଶର ସ୍ୱାକ୍ଷର ଲୋକେ ଦେଖିବାକୁ ପାଇଲେ। ଗାଁ କୁ ଗାଁ ରାସ୍ତା, ଗ୍ରାମାଞ୍ଚଳରେ ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି, ରୋଜଗାରର ନୂଆ ମାଧ୍ୟମ, ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ଲୋକେ ବିକାଶରେ ଭାଗୀଦାରୀ ହୋଇପାରିଲେ। ରାଜ୍ୟରେ ଗୋଟିଏ ମାତ୍ର ଇସ୍ପାତ କାରଖାନାରୁ ଆଜି ଓଡ଼ିଶାକୁ ଦେଶର ଇସ୍ପାତ ରାଜଧାନୀ କୁହାଯାଉଛି। ଏହି ୨୪ ବର୍ଷ ଭିତରେ ୪୦ରୁ ଅଧିକ ବୃହତ ଇସ୍ପାତ କାରଖାନା ସ୍ଥାପିତ ହୋଇଛି। ଠିକ ସେହିପରି ସ୍ୱାଧୀନତାର ପ୍ରଥମ ପଚାଶ ବର୍ଷ ଭିତରେ ଯେତିକି ଜମିକୁ ଜଳସେଚନ ସୁବିଧା ଥିଲା, ମାତ୍ର ୨୪ ବର୍ଷରେ ଏହା ଦୁଇଗୁଣ ହୋଇପାରିଥିଲା। 'ଜମିକୁ ଜଳ, ଚାଷିକୁ ବଳ' ନ୍ୟାୟରେ କୃଷକମାନେ ନିଜ ଫସଲ ସୁରକ୍ଷିତ କରିବାକୁ ଆତ୍ମବିଶ୍ୱାସ ଲାଭକଲେ। କୃଷି ଠାରୁ ଆରମ୍ଭ କରି ଶିଳ୍ପସଂସଦ ପର୍ଯ୍ୟନ୍ତ ସବୁଠି ବିକାଶର ଜୟଯାତ୍ରାର ଛାପ ଦେଖିବାକୁ ମିଳିଲା।

ଯେତେବଳେ ବି ନବୀନ ପଟ୍ଟନାୟକଙ୍କ ଉପଲବ୍ଧି ବିଷୟରେ ଆଲୋଚନା ହେବ, 'ମହିଳା ସଶକ୍ତିକରଣ' ବିନା ଏହି ଆଲୋଚନା ସଂପୂର୍ଣ୍ଣ ହୋଇପାରିବ ନାହିଁ। ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସ୍ତରରେ ମହିଳାଙ୍କ ପାଇଁ ଯଦି ଭାରତବର୍ଷରେ କେହି ନିରବଚ୍ଛିନ୍ନ ଭାବେ କାର୍ଯ୍ୟକରିଥାଆନ୍ତି, ତେବେ ସେ ହେଲେ ନବୀନ ପଟ୍ଟନାୟକ। ତଥାକଥିତ 'ମହିଳା ବନ୍ଦନ ଅଧିନିୟମ' ସଂସଦରେ ପାରିତ ହେବା ବହୁ ପୂର୍ବରୁ ବିଜୁ ଜନତା ଦଳର ସଭାପତି ଭାବେ ସେ ୨୦୧୯ ମସିହାରେସାଂସଦ ପ୍ରାର୍ଥୀ ଭାବେ ଏକ ତୃତୀୟାଂଶ ମହିଳାଙ୍କୁ ଦଳର ଟିକେଟ ଦେଇଥିଲେ। ଗତ ପଞ୍ଚାୟତ ନିର୍ବାଚନପରେ ୨୧ ଗୋଟି ଜିଲ୍ଲା ପରିଷଦରେ ମହିଳାଙ୍କୁ ସଭାପତିଭାବେ ଦାୟିତ୍ୱ ତୁଲାଇବାକୁ ସୁଯୋଗ ଦେଇଥିଲେ। ମହିଳା ସଶକ୍ତିକରଣ ଦିଗରେ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ସାରା ଦେଶରେ ମଡେଲ ଭାବେ ବିବେଚିତ ହୁଏ।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ନବୀନ ପଟନାୟକ ଯେଉଁ ଉଚ୍ଚ ମାନଦଣ୍ଡ ନିର୍ଦ୍ଧାରଣ କରିଯାଇଛନ୍ତି, ତାହାଦ୍ୱାରା ଅନେକ ଧନ ଜୀବନ ରକ୍ଷା ପାଇଛି ବିଗତ ଦିନରେ। ସାମୁଦ୍ରିକ ବାତ୍ୟା ଉପକୂଳ ଓଡିଶାର ଦୁଃଖ ଓ ଆତଙ୍କ ଭାବେ ସବୁବେଳେ ରହିଆସିଛି ଏବଂ ଏହାର ପ୍ରଭାବରୁ ଧନଜୀବନ ହାନି ଏକ ସାଧାରଣ କଥାଥିଲା। ୧୯୯୯ର ମହାବାତ୍ୟା ଏହାର ଜ୍ୱଳନ୍ତ ଉଦାହରଣ। କିନ୍ତୁ, ଏକ ଦିଗଦର୍ଶୀ ନେତୃତ୍ୱ ଭାବେ ସେ 'ଜିରୋକାଜୁଆଲିଟି' ନୀତିର ସଂରଚନା କରିଥିଲେ, ଅର୍ଥାତ ଏହିସବୁ ବିଭୀଷିକା ହେଲେ ଜଣେ ହେଲେ ବି ମୃତ୍ୟୁମୁଖରେ ପଡ଼ିବେ ନାହିଁ। ଏହାର ଫଳ ସ୍ୱରୂପ ମହାବାତ୍ୟା ପରେ ବାତ୍ୟା ଓ ବନ୍ୟାଜନିତ ମୃତ୍ୟୁକୁ ପ୍ରାୟ ସମ୍ପୂର୍ଣ୍ଣ ଭାବେ ରୋକା ଯାଇପାରିଛି। ଏହି ଅଭୂତପୂର୍ବ ବାତ୍ୟା ପରିଚାଳନା ଦକ୍ଷତା ଯୋଗୁଁ ସେ ଯେ କେବଳ ବିଶ୍ୱରେ ପ୍ରଶଂସିତ ହୋଇନାହାନ୍ତି, ତାହା ନୁହେଁ, ଜାତିସଂଘ ମଧ୍ୟ ବିପର୍ଯ୍ୟୟ ପରିଚାଳନାରେ 'ଓଡିଶାମଡେଲ' କୁ ଅନ୍ୟ ଦେଶ ଅନୁକରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ବିକାଶ ସହିତ ଖେଳକୁଦ, ଓଡିଶାର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ପାଇଁ ତାଙ୍କ ଶାସନ କାଳରେ ଅଭୂତପୂର୍ବ କାର୍ଯ୍ୟ ହୋଇଥିଲା। ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ବିଦେଶରେ ପରିଚିତ କରିବା ପାଇଁ ତାଙ୍କର ଅବଦାନ ରାଜ୍ୟବାସୀ ନିଶ୍ଚିତ ଭାବେ ମନେ ରଖିବେ।

ନବୀନ ପଟ୍ଟନାୟକଙ୍କ ଆଉ ଏକ ବିଶେଷତ୍ୱ ଥିଲା ସମାବେଶୀ ଏବଂ ସର୍ବସମ୍ମତି ରାଜନୈତିକ ଶୈଳୀ। ଏହି ୨୪ ବର୍ଷରେ ସେ ଉଭୟ କଂଗ୍ରେସ ଏବଂ ଭାରତୀୟ ଜନତା ପାର୍ଟି ପରିଚାଳିତ କେନ୍ଦ୍ର ସରକାରଙ୍କ ସହିତ କାର୍ଯ୍ୟ କରିଛନ୍ତି। କିନ୍ତୁ, ଏମିତି କୌଣସି ଗୋଟିଏ ବି ଉଦାହରଣ ନାହିଁ, ଯେଉଁଠି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ହୋଇଥିଲା। ପ୍ରଚଣ୍ଡ ଜନସମର୍ଥନ ଏବଂ ଅଭୂତପୂର୍ବ ବିଧାୟକଙ୍କ ଶକ୍ତି ଥିଲେ ମଧ୍ୟ ସେ ସବୁବେଳେ ରାଜ୍ୟର ସ୍ୱାର୍ଥପାଇଁ କେନ୍ଦ୍ର ସହ କାର୍ଯ୍ୟ କରୁଥିଲେ, ଏବଂ ଆବଶ୍ୟକ ହେଲେ ଓଡିଶାର ନ୍ୟାର୍ଯ୍ୟ ଦାବୀକୁ ଦିଲ୍ଲୀ ଦରବାରରେ ଉପସ୍ଥାପନ କରିବା ପାଇଁ କୁଣ୍ଠାବୋଧ କରୁନଥିଲେ।

ତେଣୁ ନିଃସନ୍ଦେହରେ କୁହାଯାଇ ପାରିବ ଯେ ନବୀନ ପଟନାୟକଙ୍କ ପାଇଁ ରାଜନୀତି ଥିଲା ଜନ ସେବାର ଏକ ମାଧ୍ୟମ ମାତ୍ର, ବୃତ୍ତି ନୁହେଁ।ଏପରି ଜଣେ ଆଦର୍ଶ ଜନନାୟକଙ୍କ ୭୮ତମ ଜନ୍ମଦିନରେ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା।

ବିଧାୟକ, ଆଠଗଡ଼

# ଗଣ ମାନସର କବି ଗଣକବି ବୈଷ୍ଣବ ପାଣି



ଶାରଦା ପ୍ରସାଦ ପ୍ରଧାନ

ଓଡ଼ିଶାର ପ୍ରତିଭାଶାଳୀ କାଳଜୟୀ କୃତୀ ସନ୍ତାନମାନଙ୍କ ମଧ୍ୟରେ ଗଣକବି ବୈଷ୍ଣବ ପାଣି ହେଉଛନ୍ତି ଅନ୍ୟତମ ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ। ଯାହାଙ୍କର ନିଷ୍ଠାପର ସାରସ୍ୱତ ସାଧନାରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ସୁସମୃଦ୍ଧ। କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତିର ପ୍ରାଣକେନ୍ଦ୍ର ମହାଙ୍ଗା ଥାନାର କୋଠପଦା ଗ୍ରାମରେ ଗଣକବି ବୈଷ୍ଣବ ପାଣି ଜନ୍ମ ନିଅନ୍ତି ୧୮୮୨ ମସିହା କୁମାର ପୂର୍ଣ୍ଣିମା ଗୁରୁବାର ଦିନ। ତାଙ୍କ ପିତୃଦ ନାମ ଶତ୍ରୁଘ୍ନ। ଶୈଶବ ଅବସ୍ଥାରେ ରୁଗ୍ଣ ସ୍ୱାସ୍ଥ୍ୟ ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦ ଦେବୀ ତାଙ୍କୁ ଶ୍ରୀଜଗନ୍ନାଥଙ୍କ ବଡ଼ଛତା ତଳେ ବୈଷ୍ଣବ କରି ଟେକିଦେଲେ। ସେହିଦିନୁ ଲୋକମାନେ ତାଙ୍କୁ ଶତ୍ରୁଘ୍ନ ପରିବର୍ତ୍ତେ ବୈଷ୍ଣବ ନାମରେ ଡାକିବାକୁ ଲାଗିଲେ। ପରିବାରର ଦାରିଦ୍ର୍ୟ ଅବସ୍ଥା ହେତୁ ପିତା ତାଙ୍କୁ କୋଠପଦା ମଠରେ ଶ୍ରୀ ରଘୁନାଥ ଜୀଉଙ୍କ ପୂଜା ପାଇଁ ଫୁଲତୋଳା କାର୍ଯ୍ୟରେ ନିଯୁକ୍ତ କରିଦେଲେ। ପରେ ତାଙ୍କୁ ଗୋ-ରକ୍ଷକର କାର୍ଯ୍ୟ ମଧ୍ୟ କରିବାକୁ ପଡ଼ିଥିଲା।

ନାଟ୍ୟପ୍ରାଣ ବୈଷ୍ଣବଙ୍କ ମନ ଆବାଲ୍ୟରୁ ଥିଲା କଳା ନୃତ୍ୟ ସଙ୍ଗୀତ ଅନୁଗତ। ତତ୍କାଳୀନ କୋଠପଦାର ମଠ ଧୀଶ ମହନ୍ତ ତପୋନିଧି ରଘୁନାଥପୁରୀ ଗୋସ୍ୱାମୀଙ୍କ ସଦୟ କୃପାଦୃଷ୍ଟି ଫଳରେ ବୈଷ୍ଣବ ନୃତ୍ୟଗୀତାଦି ଶିକ୍ଷା କରି ପାରିଥିଲେ। ଏହା ସହିତ ତାଙ୍କୁ ସ୍କୁଲର ହଷ୍ଟେଲରେ ପାଚକ କାର୍ଯ୍ୟ ମଧ୍ୟ କରିବାକୁ ପଡୁଥିଲା। ସ୍କୁଲରେ ପାଚକ କାର୍ଯ୍ୟ କରୁଥିବା ବୈଷ୍ଣବ ଯେ ପରବର୍ତ୍ତୀ ସମୟରେ ଗଣ ହୃଦୟ କେଦାରରେ ସୁନାର ଫସଲ ଫଳାଇ ପାରନ୍ତି, ତାହା ବିଶ୍ୱାସ କରିହୁଏ ନାହିଁ। ସାଧାରଣ ଦରିଦ୍ର ବ୍ରାହ୍ମଣ ପରିବାରରେ ଅନଟନ ଓ ଅଭାବର ତୀବ୍ର ଆଘାତ ଏବଂ ପ୍ରତିକୂଳ ପରିସ୍ଥିତିରେ ବାଣୀ ସାଧନାରେ ଆତ୍ମନିବେଶ କରି ବୈଷ୍ଣବ ପାଣି ପାଲଟିଗଲେ ଗଣ ମାନସର ମୁକୁଟ ବିହୀନ ସମ୍ରାଟ। କବି ଔପନ୍ୟାସିକ, ନାଟ୍ୟକାର।

ଓଡ଼ିଆ ଯାତ୍ରା ପରମ୍ପରାରକ୍ରାନ୍ତିକାରୀ ସାରଥି ଭାବରେ ବୈଷ୍ଣବ ଲେଖନୀ ଚାଳନା କଲେ ଗୀତାଭିନୟ ଓ ଗୀତିନାଟ୍ୟ ରଚନାରେ। କାନ୍ତ କୋମଳ, ଶାନ୍ତ, ସରଳ ପଦ ସଂଯୋଜନାରେ କବି ନଜସ୍ୱ ସୃଷ୍ଟିରାଜିକୁ ଦେଇଗଲେ ଅନନ୍ୟ ରୂପ। ପଲ୍ଲୀ ଜୀବନର ହସକାନ୍ଦ, ବିରହ ବେଦନାକୁ କବି ଏକ ସାବଲୀଳ ଶୈଳୀ ଓ ସରଳ ଭାଷାର ସୁବାସିତ ମହକ ନେଇ କଲେ ବର୍ଣ୍ଣ ବିଭାବିମଣ୍ଡିତ। ଯେଉଁଥିପାଇଁ ଅଗଣିତ ଜନପଦ ଜନତା ମୁଖରୁ ସ୍ୱତଃପ୍ରବୃ ଭାବରେ ବାହାରି ଆସିଲା "ଗଣକବି" ପଦବୀ। ଗଣକବି ବୈଷ୍ଣବ ପାଣି ଥିଲେ ଏକାନ୍ତ ଭାବରେ ସମାଜ ଅନୁଗତ। ତାଙ୍କର ସାଧନାର ସମୟ ଥିଲା ଭାରତ ଇତିହାସରେ ଏକ ଅବକ୍ଷୟ ସମୟ। ବ୍ରିଟିଶ୍ ମାନଙ୍କର ନିର୍ମମ ଭ୍ରଷ୍ଟାଚାରୀ ଶାସନରେ ନିଷ୍ପେଷିତ ହୋଇ ଭାରତୀୟମାନେ କାଳାତିପାତ କରୁଥିବା ସମୟରେ କବି ବୈଷ୍ଣବ ପାଣି ଲେଖନୀଚାଳନା କରିଥିଲେ। ତତ୍କାଳୀନ ସାମାଜିକ ଜୀବନର ସ୍ପନ୍ଦନକୁ କବି ରୂପଦେଲେ ଅତୀବ କମନୀୟ କରି। ଯଦିଓ ତାଙ୍କର ସୃଷ୍ଟିର ଉପାଦାନ ଥିଲା ରାମାୟଣ, ମହାଭାରତ ଆଦି ପୌରାଣିକ ଆଖ୍ୟାନ ଉପରେ ପର୍ଯ୍ୟାବେସିତ। କିନ୍ତୁ, ଶୈଳୀ ଓ ଭାଷା ଥିଲା ଏକାନ୍ତ ଭାବରେ ଜନପ୍ରାଣ ସମରôଥିତ। ସଂସ୍କାର ପ୍ରାଣ କବିଙ୍କ ଦୃଷ୍ଟି ଥିଲା ସମାଜର କଳୁଷିତ ଦିଗ ପ୍ରତି ନିବଦ୍ଧ। ସମାଜର ଗଠନ କରିବା ପାଇଁ ଗଣକବି ଥିଲେ ସତତ ଚେଷ୍ଟିତ।

ବ୍ୟକ୍ତିଗତ ଜୀବନରେ ଗଣକବି ଥିଲେ ଜଣେ ସ୍ୱାଧୀନ ଯାଯାବର ମଣିଷ। ନାଟ୍ୟନଳମାନଙ୍କୁ ନେଇ ସେ ଓଡ଼ିଶା, ବଙ୍ଗ ଓ ବିହାର ଆଦି ରାଜ୍ୟରେ ନାଟ୍ୟ ଅଭିନୟ ମାଧ୍ୟମରେ ଅଫୁରନ୍ତ ଆନନ୍ଦରେ ଦର୍ଶକ ପ୍ରାଣକୁ ରସାସିକ୍ତ କରୁଥିଲେ। ଗଣକବିଙ୍କର ଲେଖନୀ ଥିଲା ତୀକ୍ଷ୍ଣ ଶାଣିତ ଓ ଚକଚକ। କ୍ଷମତା ଠାରୁ ଅଧିକ ଶକ୍ତିଶାଳୀ ତେଣୁ କବିଙ୍କ ଭାଷାରେ -

"ଅସୀମ କ୍ଷମତା ମସିର ଅଟଇଁ
ଅସି ବଳ ତହିଁ ତିଳେ ନ ଖଟଇଁ।"

ଗଣକବି ବୈଷ୍ଣବ ପାଣି ଥିଲେ ସମାଜର ଜାଗ୍ରତ ପ୍ରହରୀ। ତାଙ୍କ ଦୃଷ୍ଟି ପଥରୁ କୌଣସି ଦୁର୍ବଳ ଛିଦ୍ର ସ୍ଥାନ ବାଦ୍ ଯାଇନାହିଁ। ଜନଜୀବନ ଧାରାରେ ଥିବା ଯାବତୀୟ କଳୁଷିତ ଦିଗକୁ ସେ ଉଦ୍‌ଘାଟନ କଲେ। ଅତି ସରଳ ସାବଲୀଳ ଭାବରେ।



ଯୁଗେ ଯୁଗେ କବି କ୍ରାନ୍ତିଦର୍ଶୀ ଓ ବିପ୍ଳବୀ। ପାଣି କବି ମଧ୍ୟ ଏହି ଧାରାରୁ ବାଦ୍ ଯାଇନାହାଁନ୍ତି। ସଂସ୍କାର ପ୍ରାଣକବି ସ୍ୱକୀୟ ସୃଷ୍ଟି ବିଭବରେ ବାହିଛନ୍ତି ସଂସ୍କାର ଓ ସଚେତନତାର ଝଡ଼। ତେଣୁ ସଂସ୍କାର ମନୋବୃ ପ୍ରାଣୀ ପ୍ରତିଭାକୁ ଅଧିକ ଉଜ୍ଜ୍ୱଳ ଓ ଦୀପ୍ତିମନ୍ତ କରିଛି। ପାଣିକବି ସ୍ୱପ୍ନବିଳାସୀ କିମ୍ବା କଳ୍ପନାର କୁଞ୍ଜବନ ସନ୍ଧାନୀ ନଥିଲେ। ସେ ଥିଲେ ବାସ୍ତବ ଜନଜୀବନର ପ୍ରତିନିଧି ଶ୍ରେଣୀୟ କବି। ଲୋକଚରିତ୍ର ନୀତିନିଷ୍ଠ ଓ ସଂସ୍କାରିତ ନହେଲେ ସମାଜର ପ୍ରଗତି ଅସମ୍ଭବ। ଏହା ପାଣିକବି ମର୍ମେ ମର୍ମେ ଉପଲବôଧ କରିଥିଲେ। ତେଣୁ 'ରାମ ବନବାସ'ରେ ତାଙ୍କର ଶିକ୍ଷା ସମ୍ବନ୍ଧୀୟ ଅଭିବ୍ୟକ୍ତିଟି ଏକାନ୍ତ ହୃଦ୍ୟ। ଯଥା :-

"ଶିକ୍ଷାକର ପିତୃଭକ୍ତି ଦୀକ୍ଷା କର ଏହି ନୀତି
ଭିକ୍ଷା କର ପଛେ ସତ୍ୟ ପଥ ନଛାଡ଼
ଭାଇରେ ଭାଇରେ ସ୍ନେହ କେମନ୍ତ ଦେଖିଲ କହ
ବୃଥା ଅହଙ୍କାରେ ନର ଆଉ ନପଡ଼।"

ଭକ୍ତକବି ବୈଷ୍ଣବ ଆବାଲ୍ୟରୁ ଥିଲେ ଈଶ୍ୱର ବିଶ୍ୱାସୀ ଓ ଧର୍ମଗତ ପ୍ରାଣ। ଭକ୍ତିର ସ୍ୱଚ୍ଛଳ ଧାରାରେ ମଜ୍ଜି ରହି ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରି ହେବ ବୋଲି କବିଙ୍କର ଥିଲା ଦୃଢ଼ ବିଶ୍ୱାସ। ତେଣୁ ସେ ବାଛି ନେଇଥିଲେ ଆଧ୍ୟାତ୍ମିକ ସରଳ ଜୀବନ। ନିଜର ଆରାଧ୍ୟ ଦେବତାଙ୍କୁ ସେ ମନଭରି ଡାକୁଥିଲେ ବିନୟ ସହକାରେ। ପୁଣି ବେଳେବେଳେ ଦୁଃଖରେ ମ୍ରିୟମାଣ ହୋଇ ଗାଳି ଦେବାକୁ ମଧ୍ୟ ଭୁଲୁ ନଥିଲେ। ଯଥା-

"ଛାଡ଼ ମାଡ଼ଖିଆ ବୁଦ୍ଧି ହେ ବଡ଼ ଦେଉଳ ବଡ଼ ଗୋସାଇଁ
ଯେ' ମାଇଲା ମାଡ଼ ସେ ହୋଇଲା ବଡ଼ ବଡ଼ ଦେଲୁ ତାକୁ ତୁହିଁ"।

ବେଳେବେଳେ ଭଗବାନଙ୍କୁ କେଉଁ ନାମରେ ଡାକିବେ ବୋଲି ସ୍ଥିର କରିପାରି ନାହାଁନ୍ତି। ତେଣୁ କବି କୁହନ୍ତି ଯଥା -

"ତୋତେ ଡାକିବି କହ କେଉଁ ନାମରେ ଭବ ଧାମରେ
ଡାକଇଁ କେ ହରି କେ ଡାକେ ମୁରାରୀ
କେ ବୋଲଇଁ କୃଷ୍ଣ ରାମରେ।"

ହାସ୍ୟରସର ମାର୍ମିକ ଚିତ୍ରରେ ପାଣି ସାହିତ୍ୟ ଋଦ୍ଧିମନ୍ତ ହାସ୍ୟ ମାଧ୍ୟମରେ ସଂସ୍କାର ଆଣିବା ଓ ମନୋରଞ୍ଜନକୁ କବି ମୁଖ୍ୟ ସ୍ଥାନ ପ୍ରଦାନ କରିଛନ୍ତି। ଯଥା -

"ଭାଇ ମରୁନାହାଁନ୍ତି ଏ ପରଘର ବୁଢ଼ା
ପେସା କରିଅଛନ୍ତି ନିତି କଳିଯୋଡ଼ା।"

ଜାତୀୟତାର ଅଗ୍ନିଗର୍ଭ ବାଣୀରେ ପାଣିକବି ଆଙ୍କି ଦେଇଛନ୍ତି ଦେଶପ୍ରୀତିର ଝଙ୍କାର ଜାତୀୟତାର ଅମୀୟ ସୁଧା ଧାରାର ସ୍ୱାଦକୁ ଭାରତୀୟମାନଙ୍କୁ ଚଖାଇବା ପାଇଁ ସେ ମଧୁପାତ୍ର ପରଶି ଦେଇଛନ୍ତି। ଯଥା -

"ଭାରତ ବୀରେ ବୀରତ ନୁହଁ ତୁରିତେ ଭିଡ଼ ଆ
ଚିରତ ନୁହେଁ କାହାର ଏ ଦେହ ବଜାଅ ବିଜୟ ଘା।"

ସ୍ୱାଧୀନତା ସଂଗ୍ରାମର ବାଁକୁ ସେ ନଟନଟୀ ଦ୍ୱାରା ସୂତ୍ରଧର ଚରିତ୍ରମାନଙ୍କ ମାଧ୍ୟମରେ ଉପସ୍ଥାପିତ କରିଛନ୍ତି। ବିଦେଶୀ ସଭ୍ୟତାର ବୃଥା ଅହମିକା। ଆଭିଜାତ୍ୟ ଚାକଚକ୍ୟକୁ ଭୁଲିଯାଇ ସ୍ୱଦେଶ ଚିନ୍ତାଦର୍ଶରେ ଅନୁପ୍ରାଣିତ ହେବାପାଇଁ ଦେଶବାସୀଙ୍କୁ କବି ନିବେଦନ କରିଛନ୍ତି।

ରସିକ ପାଣିକବିଙ୍କ ସୃଷ୍ଟି ବିଭବକୁ ଅଧିକ ମଞ୍ଜୁଳ ଓ କମନୀୟ କରିବା ପାଇଁ କିବ ମାନସୀ ହରପ୍ରିୟା (ହର)ର ଭୂମିକା ଅନସ୍ୱୀକାର୍ଯ୍ୟ ରଜକିନୀ ହର ସାଜିଛି ପାଣି କବିଙ୍କ ଜୀବନର ପ୍ରେରଣାଦାତ୍ରୀ ଓ ସହଯାତ୍ରିଣୀ। ହରର ମଧୁର ସମ୍ପର୍କରେ ବାନ୍ଧିହୋଇ କବି ଜାତିପ୍ରଥାକୁ ପଦାଘାତ କରିଛନ୍ତି। ଆତ୍ମକୈନ୍ଦ୍ରିକ ମନୋବୃତି ନେଇ ଗଣକବି କବି କର୍ମରେ ହାତଦେଇ ନାହାଁନ୍ତି। ଜଗତର ଶାଶସ୍ୱତ ବାଣୀକୁ ସେ ଉଦ୍‌ଘାଟନ କରିବା ପାଇଁ ଚେଷ୍ଟା କରିଛନ୍ତି। କାଳକାଳକୁ ଯଶ ରଖିଯିବା ପାଇଁ ଯାହା ଦରକାର ତାହା ହିଁ ହୋଇଛି। ଗଣକବିଙ୍କ ଜୀବନର ଶେଷ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଯଥା -

"ଯାହା କରିଗଲେ ତୋତେ ଭାବିବ ଦୁନିଆଁ
ତାହା ଯାଉଥାଆ କରି
ମରିଯିବୁ ଯେବେ କାନ୍ଦିବେ ସରବେ ନୟନୁ ବୁହାଇ ବାରି।"

ଗଣହୃଦୟର ପ୍ରତିଟି ସ୍ପନ୍ଦନରେ ଅନୁରଣିତ ହେଉଥିବା ଭାବନାରେ ଯେଉଁ ସାହିତ୍ୟର ଭାବ ମିଶି ଏକାକାର ହୋଇଯାଏ। ସେ ଭାବ ହେଉଛି ପାଣିକବି ସାହିତ୍ୟର ଭାବ। ଜନପଦ ଠାରୁ ଆରମ୍ଭ କରି ସହରର ଅଗଣିତ ଜନତାକୁ ଯେ' ଏକ ସୂତ୍ରରେ ବାନ୍ଧିବାକୁ ପ୍ରୟାସ କରିଛନ୍ତି। ସେ ହେଉଛନ୍ତି ଗଣକବି ବୈଷ୍ଣବ ପାଣି। ତାଙ୍କ ସାହିତ୍ୟର ଅନନ୍ୟ ଝଙ୍କାର ଏବେ ମଧ୍ୟ କୋକିଳର କୁଜନ ନଦୀର କୁଳୁକୁଳୁ ନାଦରେ ନିନାଦିତ। ଗଣସାହିତ୍ୟର ଚେତନା ମଧ୍ୟ କେବଳ ଓଡ଼ିଶା ଭିତରେ ସୀମାୟିତ ହୋଇନାହିଁ। ତାହା ପ୍ରସରି ଯାଇଛି ବିଶ୍ୱ ସାହିତ୍ୟକୁ। ଗଣକବିଙ୍କ ସୃଷ୍ଟିରେ ଥିବା ଲୋକ ସାହିତ୍ୟର ଦୀପ୍ତି ସମଗ୍ର ବିଶ୍ୱକୁ ଏକ ପରିବାରରେ ଅନୁଭୁକ୍ତ କରିବା ପାଇଁ ମଧ୍ୟ କୌଣସି ଦୃଷ୍ଟିରୁ ନ୍ୟୁନ ନୁହେଁ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ପାଣି ସାହିତ୍ୟ ଅଧ୍ୟୟନରୁ ମିଳିଥାଏ। ତେଣୁ ପାଣି ସାହିତ୍ୟର ଦୀପ୍ତି ଅମଳିନ, ଏହାର ବିଲୋପ ନାହିଁ। ମୋ ମତରେ -

"ଯେତେ ଦିନ ଥିବ ରହି ଗଗନ ମଣ୍ଡଳେ
ସେତେ ଯାଏ ଗଣକବି ଥିବେ ମହୀତଳେ।"

ବିଧାୟକ, ମହାଙ୍ଗା

# ଗଙ୍ଗାରେ ନୂତନ ବ୍ରିଜ୍ ଓ ଦୀନଦୟାଲ ମଲ୍ଟିଟ୍ରାକିଂ ନିର୍ମାଣକୁ କ୍ୟାବିନେଟ୍ ମଞ୍ଜୁରି

**୧୦ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ**

**ବଢ଼ିବ ପରିବହନ ନେଟୱର୍କ** **ବ୍ୟୟ ହେବ ୨୬୪୨ କୋଟି**



**ନୂଆଦିଲ୍ଲୀ,୧୬।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ରେଳ ମନ୍ତ୍ରଣାଳୟର ମୋଟ ଆନୁମାନିକ ୨୬୪୨ କୋଟି ଟଙ୍କା ମୂଲ୍ୟର ଏକ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପ୍ରସ୍ତାବିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପରିଚାଳନାକୁ ସହଜ କରିବ ଏବଂ ଭିଡ଼ ହ୍ରାସ କରିବ ଏବଂ ଭାରତୀୟ ରେଳପଥର ବ୍ୟସ୍ତବହୁଳ ସେକ୍ସନ ଗୁଡ଼ିକରେ ଅତ୍ୟନ୍ତ ଆବଶ୍ୟକ ଭିତ୍ତିଭୂମି ବିକାଶ ପ୍ରଦାନ କରିବ। ଏହି ପ୍ରକଳ୍ପ ଉତ୍ତରପ୍ରଦେଶର ବାରଣାସୀ ଏବଂ ଚାନ୍ଦୌଲି ଜିଲ୍ଲା ଦେଇ ଗତି କରିବ।

ବାରାଣସୀ ରେଳ ଷ୍ଟେସନ, ଭାରତୀୟ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର, ପ୍ରମୁଖ ଜୋନଗୁଡ଼ିକୁ ସଂଯୋଗ କରେ ଏବଂ ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଏକ ପ୍ରବେଶ ପଥ ଭାବରେ କାର୍ଯ୍ୟ କରେ। ବାରଣାସୀ-ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ (ଡିଡିୟୁ) ଜଙ୍କସନ୍ ରୁଟ୍ ଉଭୟ ଯାତ୍ରୀ ଓ ମାଲ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କୋଇଲା, ସିମେଣ୍ଟ ଏବଂ ଖାଦ୍ୟଶସ୍ୟ ପରି ସାମଗ୍ରୀ ପରିବହନ ସହିତ ପର୍ଯ୍ୟଟନ ଏବଂ ଶିଳ୍ପ ଚାହିଦା ପୂରଣ କରିବାରେ ଏହାର ଭୂମିକା ହେତୁ ପ୍ରବଳ ଭିଡ଼ର ସମ୍ମୁଖୀନ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ଗଙ୍ଗା ନଦୀ ଉପରେ ଏକ ନୂତନ ରେଳ-ତଥା-ସଡକ ପୋଲ ଏବଂ ତୃତୀୟ ଓ ଚତୁର୍ଥ ରେଳଲାଇନ୍ ସମେତ ଭିତ୍ତିଭୂମିର ଉନ୍ନତିକରଣ ର ଆବଶ୍ୟକତା ରହିଛି। ଏହି ବୃଦ୍ଧିର ଲକ୍ଷ୍ୟ ହେଉଛି କ୍ଷମତା, ଦକ୍ଷତା ବୃଦ୍ଧି ଏବଂ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା। ଏହି ରାସ୍ତାରେ ଭିଡ଼ରୁ ଆଶ୍ୱସ୍ତି ବ୍ୟତୀତ, ପ୍ରସ୍ତାବିତ ରାସ୍ତାରେ ୨୭.୮୩ ଏମଟିପିଏ ମାଲ ପରିବହନ ଆଶା କରାଯାଉଛି।

ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ନୂତନ ଭାରତର ପରିକଳ୍ପନା ଅନୁଯାୟୀ ହୋଇଛି ଯାହା ଏହି ଅଞ୍ଚଳର ଲୋକମାନଙ୍କୁ ଏହି ଅଞ୍ଚଳର ବ୍ୟାପକ ବିକାଶ ମାଧ୍ୟମରେ 'ଆତ୍ମନିର୍ଭରଶୀଳ' କରିବ ଯାହା ସେମାନଙ୍କ ନିଯୁକ୍ତି / ସ୍ୱରୋଜଗାର ସୁଯୋଗ ବୃଦ୍ଧି କରିବ।

ଏହି ପ୍ରକଳ୍ପ ମଲ୍ଟି-ମୋଡାଲ୍ ସଂଯୋଗ ପାଇଁ ପିଏମ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଫଳାଫଳ ଯାହା ସମନ୍ୱିତ ଯୋଜନା ମାଧ୍ୟମରେ ସମ୍ଭବ ହୋଇଛି ଏବଂ ଯାତ୍ରୀ, ସାମଗ୍ରୀ ଏବଂ ସେବାଗୁଡ଼ିକର ପରିବହନ ପାଇଁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରିବ।

ଉତ୍ତର ପ୍ରଦେଶର ୨ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ଏହି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୩୦ କିଲୋମିଟର ବୃଦ୍ଧି କରିବ।

ରେଳବାଇ ପରିବେଶ ଅନୁକୂଳ ଏବଂ ଶକ୍ତି ଦକ୍ଷ ପରିବହନ ମାଧ୍ୟମ ହୋଇଥିବାରୁ ଉଭୟ ଜଳବାୟୁ ଲକ୍ଷ୍ୟ ହାସଲ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ କରିବା ରେ ସହାୟକ ହେବ ଏବଂ ୬ କୋଟି ବୃକ୍ଷରୋପଣ ସହିତ ସମାନ କାର୍ବନ ଉତ୍ସର୍ଗ ନିର୍ଗମନ (୧୪୯ କୋଟି କିଲୋଗ୍ରାମ) ହ୍ରାସ କରିବାରେ ସହାୟକ ହେବ।

# ମୁଡା ମୁଖ୍ୟଙ୍କ ଇସ୍ତଫା

**ବେଙ୍ଗାଲୁରୁ, ୧୬।୧୦:** ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥରିଟି (ମୁଡା) ମୁଖ୍ୟ ପଦରୁ କେ ମାରିଗୌଡା ଇସ୍ତଫା ଦେଇଛନ୍ତି। ତେବେ କୌଣସି ରାଜନୈତିକ ଚାପ ନୁହେଁ, ସ୍ୱାସ୍ଥ୍ୟଗତ କାରଣରୁ ସେ ତାଙ୍କ ପଦରୁ ଇସ୍ତଫା ଦେଉଥିବା କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ମୁଡା ସ୍କାମରେ ସମ୍ପୃକ୍ତି ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ କର୍ଣ୍ଣାଟକ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଆଧାର କରି ଲୋକପାଳ ପୋଲିସ ତାଙ୍କ ବିରୋଧରେ ଏତଲା ଦାୟର କରିଛି। ଏହା ଫଳରେ ମୁଡା କର୍ତ୍ତୃପକ୍ଷ ଏବେ ହରଡ଼ଘଣାରେ ପଡ଼ିଛନ୍ତି। କେ ମାରିଗୌଡ଼ା ହେଉଛନ୍ତି ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟାଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ଅନୁଗତ। ସିଦ୍ଧରାମେୟା ହିଁ ତାଙ୍କୁ ମୁଡା ମୁଖ୍ୟପଦରେ ନିଯୁକ୍ତି ପ୍ରଦାନ କରିଥିଲେ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ସେ ତାଙ୍କ ଇସ୍ତଫା ପତ୍ର ନଗର ଉନ୍ନୟନ ବିଭାଗ ସଚିବଙ୍କ ନିକଟକୁ ପଠାଇ ଦେଇଛନ୍ତି।



ତେବେ ଇସ୍ତଫା ସମ୍ପର୍କରେ ମାରିଗୌଡ଼ା କହିଛନ୍ତି, "ମୁଁ ମୋର ଇସ୍ତଫାପତ୍ର ନଗର ଉନ୍ନୟନ ବିଗାର ସଚିବଙ୍କ ପାଖକୁ ପଠାଇ ଦେଇଛି। ମୁଖ୍ୟମନ୍ତ୍ରୀ ମୋତେ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ମୁଁ ଇସ୍ତଫା ଦେଇଛି। ମୁଡା ପ୍ରସଙ୍ଗର ତଦନ୍ତ ଚାଲିଛି। ତଦନ୍ତ ଚାଲିବାକୁ ଦିଆଯାଉ। ତଦନ୍ତ ସବୁ କିଛିର ପର୍ଦ୍ଦାଫାସ କରିବ। ମୋ ଉପରେ କୌଣସି ଚାପ ନାହିଁ। ମୁଁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଇସ୍ତଫା ଦେଇଛି। ମୁଖ୍ୟମନ୍ତ୍ରୀ ମୋ ଉପରେ ଏନେଇ କୌଣସି ଚାପ ପକାଇ ନାହାନ୍ତି।" ମୁଡା ପକ୍ଷରୁ କ୍ଷତିପୂରଣ ବାବଦରେ ଦିଆଯାଇଥିବା ଜମିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ମୁଡା ମୁଖ୍ୟ ବିବାଦରେ ରହିଛନ୍ତି। ମୁଡା ପକ୍ଷରୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀଙ୍କୁ ତାଙ୍କ ଭାଇ ମଲ୍ଲିକାର୍ଜୁନ ସ୍ୱାମୀଙ୍କ ଜରିଆରେ ୩.୨ ଏକର ଜମି ଦିଆଯାଇଥିଲା। ମୁଡା ପ୍ରଥମେ ପାର୍ବତୀଙ୍କ ଗୋଟିଏ ଜମିକୁ ବିକାଶମୂଳକ କାର୍ଯ୍ୟ ପାଇଁ ଅଧିଗ୍ରହଣ କରିଥିଲା। ଏହାପରେ ପାର୍ବତୀ କ୍ଷତିପୂରଣ ମାଗିଥିଲେ। ତେଣୁ ତାଙ୍କୁ ୧୪ଟି ପ୍ଲଟ ଦିଆଯାଇଥିଲା। ବିରୋଧୀ ଅଭିଯୋଗ କରିଛନ୍ତି ଯେ ମୁଡା ପାର୍ବତୀଙ୍କ ଠାରୁ ଯେଉଁ ଜମି ନେଇଥିଲା, ତା' ଠାରୁ ଅଧିକ ମୂଲ୍ୟବାନ ପ୍ଲଟ ତାଙ୍କୁ ପ୍ରଦାନ କରିଛି। ଏହି ଜମି ନେଣଦେଣ ଯୋଗୁ ୩ ହଜାରୁ ୪ ହଜାର କୋଟି ଟଙ୍କା ଦୁର୍ନୀତି ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଭୂମିକା ଉପରେ ଅଙ୍ଗୁଳି ଉଠାଇ ତାଙ୍କୁ ଇସ୍ତଫା ଦେବାକୁ ଦାବି କରିଛନ୍ତି।



# ଆଜି ଶପଥ ନେବେ ସାଇନି

**ଚଣ୍ଡିଗଡ,୧୬।୧୦:** ଭାଜପା ହରିୟାଣାରେ ବିଧାୟକ ଦଳର ନେତା ଚୟନ କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ନାୟବ ସିଂ ସାଇନି ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅର୍ଥାତ୍ ଅକ୍ଟୋବର ୧୭ରେ ହରିୟାଣାରେ ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏବଂ ପୂର୍ବତନ ଗୃହମନ୍ତ୍ରୀ ଅନିଲ ବିଜ୍ ପରବର୍ତ୍ତୀ ସିଏମ ପାଇଁ ସାଇନିଙ୍କ ନାମ ପ୍ରସ୍ତାବ ଦେଇଥିଲେ। ହରିୟାଣାର ବିଧାୟକ ଦଳର ନେତା ଭାବରେ ସାଇନି ନିର୍ବାଚିତ ହେବା ପରେ ବର୍ତ୍ତମାନ ସରକାର ଭବନରେ ସରକାର ଗଠନ ଦାବି ଉପସ୍ଥାପନ କରାଯିବ ଏବଂ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହେବ। ଗୁରୁବାର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏହି ସମୟରେ ନାୟବ ସିଂ ସାଇନିଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ ହରିୟାଣାର ଲୋକମାନେ ପିଏମ ମୋଦିଙ୍କ ନୀତିକୁ ଅନୁମୋଦନ କରିଛନ୍ତି। ସାଇନି କହିଛନ୍ତି, ସେ ନିଜେ ରାଜ୍ୟପାଳଙ୍କ ସମ୍ମୁଖରେ ସରକାର ଗଠନ ପାଇଁ ନିଜର ଦାବି ଉପସ୍ଥାପନ କରିବେ। ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ସଂକଳ୍ପକୁ ଆଗକୁ ନେବାକୁ ସେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଓମାର ଅବଦୁଲ୍ଲାଙ୍କ ଶପଥ ଗ୍ରହଣ



**ସୁରିନ୍ଦର ସିଂହ ଚୌଧୁରୀ ଉପମୁଖ୍ୟମନ୍ତ୍ରୀ**

**ଶ୍ରୀନଗର, ୧୬।୧୦:** କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବାର ୬ ବର୍ଷ ପରେ ଜମ୍ମୁ-କଶ୍ମୀରକୁ ମିଳିଲା ପ୍ରଥମ ମୁଖ୍ୟମନ୍ତ୍ରୀ। ନ୍ୟାସନାଲ କନଫରେନ୍ସ (ଏନସି) ବିଧାୟକ ଓମାର ଅବଦୁଲ୍ଲା ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ ସୁରିନ୍ଦର ସିଂହ ଚୌଧୁରୀ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।

ଆଜି ଶ୍ରୀନଗରର ଶେର-ଇ-କଶ୍ମୀର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ ଶପଥ ଗ୍ରହଣ ସମାରୋହର ଆୟୋଜନ କରାଯାଇଥିଲା। ଉପରାଜ୍ୟପାଳ ମନୋଜ ସିହ୍ନା ଓମାର ଅବଦୁଲ୍ଲାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଓମାର ଅବଦୁଲ୍ଲାଙ୍କ ସମେତ ପାଞ୍ଚ ଜଣ ବିଧାୟକ ମଧ୍ୟ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାଧୀନ ବିଧାୟକ ସତୀଶ ଶର୍ମା ଏବଂ ଅନ୍ୟ ଚାରି ଜଣ ନ୍ୟାସନାଲ କନଫରେନ୍ସର ସାକିନୋ ଇତୋ, ଜାଭିଦ ଦାର୍, ସୁରିନ୍ଦର ସିଂହ ଚୌଧୁରୀ ଏବଂ ଜାଭିଦ ରାଣା ଶପଥ ନେଇଛନ୍ତି। କିନ୍ତୁ କଂଗ୍ରେସ ଏନସି ସହ ମେଣ୍ଟ ଭାବେ ସରକାର ଗଠନ କରିଥିଲେ ମଧ୍ୟ ଦଳର କୌଣସି ବିଧାୟକ ଶପଥ ନେଇନାହାନ୍ତି। ଏହି ସମାରୋହରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ସମେତ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପ୍ରିୟଙ୍କା ଗାନ୍ଧି, ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଭାବରେ ଏହା ଓମାର ଅବଦୁଲ୍ଲାଙ୍କ ଦ୍ୱିତୀୟ ଶପଥ ଗ୍ରହଣ। କିନ୍ତୁ ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ମିଳିବା ପରେ ସେ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ। ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହୋଇଥିଲା। ଏହାପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଗଣିତ ହୋଇଥିଲା। ଓମାର ଅବଦୁଲ୍ଲା ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହି ସମୟରେ ନ୍ୟାସନାଲ କନଫରେନ୍ସ ଏବଂ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଦୁଇ ଦଳ ଏକାଠି ଲଢ଼ିଥିଲେ ଏବଂ ମିଳିତ ଭାବେ ସରକାର ଗଠନ କରିଛନ୍ତି। କିନ୍ତୁ କଂଗ୍ରେସ ପକ୍ଷରୁ କୌଣସି ଜଣେ ହେଲେ ବିଧାୟକ ପ୍ରାଥମିକ ପର୍ଯ୍ୟାୟରେ ଶପଥ ନେଇନାହାନ୍ତି। ମନ୍ତ୍ରୀ ପଦ ବଣ୍ଟନକୁ ନେଇ ମେଣ୍ଟରେ ମତାନ୍ତର ଥିବା କୁହାଯାଉଛି। କଂଗ୍ରେସକୁ ଗୋଟିଏ ମନ୍ତ୍ରୀ ପଦ ଅଫର୍ ହୋଇଥିଲେ ମଧ୍ୟ ଦଳ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିବା ଚର୍ଚ୍ଚା ହେଉଛି। ସେପଟେ ଶପଥ ଗ୍ରହଣ ପୂର୍ବରୁ ଓମାର ଅବଦୁଲ୍ଲା କହିଥିଲେ ଯେ, ମନ୍ତ୍ରୀ ପଦ ଆବଣ୍ଟନ ନେଇ କଂଗ୍ରେସ ସହ ଆଲୋଚନା ଚାଲିଛି।

**କଂଗ୍ରେସର ଅଭିଯୋଗ ଉପରେ ଇସିଙ୍କ ମନ୍ତବ୍ୟ**

# ହେଜବୋଲ୍ଲାର ପେଜରଠାରୁ ଇଭିଏମ୍ ଅଧିକ ଶକ୍ତିଶାଳୀ

**ନୂଆଦିଲ୍ଲୀ,୧୬।୧୦:** ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ କଂଗ୍ରେସ ନେତା ରସିଦ ଅଲଭି ମଙ୍ଗଳବାର ବାଲାଟ ପେପର ମାଧ୍ୟମରେ ଭୋଟ ଦେବାକୁ ଦାବି କରିଛନ୍ତି। ସେ କହିଛନ୍ତି ଯେ ଯଦି ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ବ୍ୟବହାର କରାଯାଏ ତେବେ ଭାଜପା ସରକାର ଏବଂ ର୍ନିଚନ ଆୟୋଗ କିଛି ବି କରିପାରନ୍ତି। ରସିଦ ଅଲଭି ଆହୁରି କହିଛନ୍ତି ଯେ ଯଦି ଇସ୍ରାଏଲ ଏହାର ପେଜରକୁ ଏପଟ ସେପଟ କରି ଲୋକଙ୍କୁ ହତ୍ୟା କରିପାରେ, ତେବେ କିଛି ବି ହୋଇପାରେ। ରସିଦ ଏହା ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଇସ୍ରାଏଲ ସହ ବହୁତ ଭଲ ସମ୍ପର୍କ ରହିଛି। ନିର୍ବାଚନ କମିଶନ ମଙ୍ଗଳବାର ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି। ଏହି ତାରିଖ ଘୋଷଣା କରିବାବେଳେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଇଭିଏମର ବିଶ୍ୱସନୀୟତା ସମ୍ପର୍କରେ ନିଜର ମତ ରଖିଥିଲେ।

ସେ କହିଛନ୍ତି ଯେ ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ। କୁମାର କହିଛନ୍ତି ଯେ ଆଜିକାଲି ପ୍ରଶ୍ନ ଆସୁଛି ଯେ ଯେତେବେଳେ ପେଜର୍ ଉଡିପାରିବ ସେତେବେଳେ ଇଭିଏମ କିପରି ହ୍ୟାକ ହୋଇପାରିବ ନାହିଁ। ସେ କହିଛନ୍ତି ପେଜର୍ କନେକ୍ଟେଡ କିନ୍ତୁ ଇଭିଏମ ନୁହେଁ। ଇଭିଏମ ସହିତ ଜଡିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବାକୁ ଆମେ ପ୍ରସ୍ତୁତ ଏବଂ ଆମେ ଏହା ପୂର୍ବରୁ ମଧ୍ୟ ଉତ୍ତର ଦେଇଛୁ। କଂଗ୍ରେସର ରସିଦ ଅଲଭିଙ୍କ ଦାବି ଉପରେ ନିର୍ବାଚନ ଆୟୋଗ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଆମର 'ଇଭିଏମ ହେଜବୋଲ୍ଲାର ପେଜର୍ ଅପେକ୍ଷା ଅଧିକ ଶକ୍ତିଶାଳୀ', ଏହା ହେଉଛି ନିର୍ବାଚନ ଆୟୋଗର ପ୍ରତିକ୍ରିୟା, ଯାହା କଂଗ୍ରେସର ରସିଦ ଅଲଭିଙ୍କ ଦାବି ଉପରେ ଆଧାର କରି ଇସ୍ରାଏଲ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବନ୍ଧୁତା'କୁ ଦର୍ଶାଇ ସେ କହିଛନ୍ତି ଯେ ଲେବାନାନର ପେଜର୍ ପରି ଇଭିଏମ ମଧ୍ୟ ଏପଟ ସେପଟ କରାଯାଇପାରେ।



# ତୈଳ ଟ୍ୟାଙ୍କର ବିସ୍ଫୋରଣରେ ୯୪ ମୃତ

**ନାଇଜେରିଆ, ୧୬।୧୦:** ଉତ୍ତର ନାଇଜେରିଆରେ ଏକ ତେଲ ଟ୍ୟାଙ୍କର ବିସ୍ଫୋରଣ ହେତୁ ୯୪ଜଣ ପ୍ରାଣ ହରାଇବା ସହିତ ୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଉତ୍ତର ଜିଗାୱା ରାଜ୍ୟରେ ଏହି ଦୁର୍ଘଟଣା ଘଟିଛି। ତେଲ ଟ୍ୟାଙ୍କର ଏକ ଦୁର୍ଘଟଣାର ଶୀକାର ହେବା ପରେ ଏଥିରୁ ତେଲ ଲିକ ହେଉଥିଲା। ଲୋକେ ଏହାକୁ ସଂଗ୍ରହ କରିବା ବେଳେ ଏଥିରେ ବିସ୍ଫୋରଣ ହୋଇଥିଲା। ଏଥିରେ ଅନେକ ଜିଅନ୍ତା ଜଳି ଯାଇଥିଲେ। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ନାଇଜେରିଆର ମାଜିୟା ଗାଁରେ ଏତେ ବଡ଼ ଘଟଣା ଘଟିଛି। ତୈଳ ବୋଝେଇ ଟ୍ୟାଙ୍କର ଡ୍ରାଇଭର ଗାଡ଼ିକୁ ପୋରଥାରକୋର୍ଟରୁ ୟୋବେ ରାଜ୍ୟର ନଗୁରୁକୁ ନେଇ ଯାଇଥିଲେ। ତେବେ ସେ ବାଟ ବାଉଳା ହୋଇ ତାଉରା ଅଧୀନ ମାଜିୟା ଗାଁରେ ପହଞ୍ଚି ଯାଇଥିଲେ। ରାତି ୧୨.୩୦ରେ ସେ ଗାଁରେ ପହଞ୍ଚିବା ପରେ କେଉଁ ଆଡ଼େ ଯିବେ ଜାଣି ପାରି ନଥିଲେ। ସେ ଆଗକୁ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ଗାଁ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ତୈଳ ବୋଝେଇ ଟ୍ୟାଙ୍କରରେ ଭୟଙ୍କର ବିସ୍ଫୋରଣ ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହି ବିସ୍ଫୋରଣରେ ୯୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୫୦ ଜଣ ଆହତ ହୋଇଥିବା ଜିଗାୱା ପୁଲିସ ନିଶ୍ଚିତ କରିଛି। ପୁଲିସ୍‌ର କହିବା କଥା ଯେ ଗାଡ଼ିଟି ଓଲଟି ପଡ଼ିବା ପରେ ଟ୍ୟାଙ୍କରରେ ଥିବା ପେଟ୍ରୋଲ ଗାଁ ଭିତରେ ବହିବାରେ ଲାଗିଥିଲା। ଗାଁ ରାସ୍ତା ଠାରୁ ଆରମ୍ଭ କରି ଗଟର ଓ ଡ୍ରେନରେ ତେଲ ସବୁ ଭର୍ତ୍ତି ହୋଇଥିଲା। ଗାଁ ଲୋକମାନେ ଏହା ଦେଖି ତେଲ ବୋହିବା ଆରମ୍ଭ କରି ଦେଇଥିଲେ। ତେଲ ନେବାକୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଏହି ସମୟରେ ହଠାତ ନିଆଁ ଲାଗିଯାଇଥିଲା। ଚାରିଆଡ଼େ ତେଲ ପଡ଼ିଥିବାରୁ ନିଆଁ ଆଖି ପିଛୁଳାକେ ବ୍ୟାପିଯିବା ସହ ବିସ୍ଫୋରଣ ହୋଇଥିଲା

# 'ମସଜିଦରେ ଜୟ ଶ୍ରୀରାମ ଧ୍ୱନି ଅପରାଧ ନୁହେଁ'

**ବେଙ୍ଗାଲୁରୁ, ୧୬।୧୦:** ମସଜିଦରେ 'ଜୟ ଶ୍ରୀରାମ' ନାରା ଦେବା କୌଣସି ଅପରାଧ ନୁହେଁ ବୋଲି କହିଛନ୍ତି କର୍ଣ୍ଣାଟକ ହାଇକୋର୍ଟ। ଏଥିସହ "ଜୟ ଶ୍ରୀରାମ" ନାରା ଦେବାକୁ ନେଇ ଦୁଇ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଅପରାଧିକ ମାମଲାକୁ ଖଣ୍ଡନ କରିଛନ୍ତି। ଅଭିଯୋଗ ଅନୁସାରେ, କର୍ଣ୍ଣାଟକ ପୁଲିସ ଦୁଇ ଜଣ ବ୍ୟକ୍ତିଙ୍କୁ ମସଜିଦ ଭିତରେ ଜୟ ଶ୍ରୀରାମ ନାରା ଦେବାକୁ ନେଇ ଭିନ୍ନ ଦଫା ଲଗାଇବା ସହ ଗିରଫ କରିଥିଲା, ଯାହାକୁ ଭୁଲ୍ ଦର୍ଶାଇଛନ୍ତି କର୍ଣ୍ଣାଟକ ହାଇକୋର୍ଟ। ଏଥିସହ ସେମାନଙ୍କ ବିରୁଦ୍ଧରେ ପରବର୍ତ୍ତୀ ନ୍ୟାୟିକ ପ୍ରକ୍ରିୟାକୁ ମନା କରିଦେଇଛନ୍ତି।

ସୂଚନା ଅନୁସାରେ, କର୍ଣ୍ଣାଟକର ଦୁଇ ଜଣ ବ୍ୟକ୍ତି ଏକ ମସଜିଦ ଭିତରେ ଜୟ ଶ୍ରୀରାମ ନାରା ଦେଇଥିବା ଅଭିଯୋଗ ହୋଇଥିଲା। ଧାରା ୨୯୫ଏ (ଧାର୍ମିକ ଭାବନାକୁ ଆକ୍ଷେପ) ଅନୁସାରେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା। ଏଥିସହ ପୁଲିସ ସେମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଧାରା ୪୪୭ (ଅପରାଧିକ ଅନୁପ୍ରବେଶ), ୫୦୫ (ଜନସାଧାରଣଙ୍କ ଭୟଭୀତ କଲା ପରି ବିବୃତ୍ତି), ୫୦୬ (ଅପରାଧିକ ଧମକ ଦେବା), ୩୪ (ସାଧାରଣ ଉଦ୍ଦେଶ୍ୟ) ଆଧାରରେ ମାମଲା ରୁଜୁ କରିବା ସହ ଗିରଫ କରିଥିଲା। କିନ୍ତୁ ଅଭିଯୁକ୍ତ ଦର୍ଶାଯାଇଥିବା ଦୁଇ ଜଣ ବ୍ୟକ୍ତି ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆଜି ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଏମ ନାଗପ୍ରସନ୍ନଙ୍କୁ ନେଇ ଗଠିତ ଏକକ ବେଞ୍ଚ ଏ ଉପରେ ଶୁଣାଣି କରି ଏହି ମସଜିଦରେ ଜୟ ଶ୍ରୀରାମ ନାରା ଦେବା ଏକ ଅପରାଧ ନୁହେଁ ବୋଲି ଦର୍ଶାଇଛନ୍ତି। ଯଦି ମସଜିଦ ବାହାରେ କିମ୍ବା ଭିତରେ କେହି ଜୟ ଶ୍ରୀରାମ କୁହନ୍ତି, ତେବେ ଏହା କିପରି କାହାର ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଉଛି, ତାହା ବୁଝାପଡୁନାହିଁ ବୋଲି ଜଷ୍ଟିସ ନାଗପ୍ରସନ୍ନ କହିଛନ୍ତି।



ଏସ୍‌ସିଓ ସମ୍ମିଳନୀରେ ଜୟଶଙ୍କରଙ୍କ ମନ୍ତବ୍ୟ

# ଆତଙ୍କବାଦର ବିନାଶ ବିନା ବିକାଶ ଅସମ୍ଭବ

**ଇସ୍‌ଲାମାବାଦ୍, ୧୬।୧୦:** ପାକିସ୍ତାନରେ ଆୟୋଜିତ ସାଙ୍ଘାଇ କର୍ମୋପେସନ ଅର୍ଗାନାଇଜେନ (ଏସ୍‌ସିଓ) ବୈଠକରେ ନିଜ ଆନ୍ଦାଜ ଦେଖାଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର। ପାକିସ୍ତାନକୁ ଆକ୍ଷେପ କରି ଆତଙ୍କବାଦ କେବେ ହେଲେ ବାଣିଜ୍ୟ ଏବଂ ଯୋଗାଯୋଗ ବୃଦ୍ଧି କରିବ ନାହିଁ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, "ଯଦି ଦୁଇ ଦେଶର ସୀମାରେ ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦ ମନୋଭାବ ରହେ, ତେବେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ସମ୍ପର୍କକୁ ସହଯୋଗ କରିବା ସମ୍ଭବ ନୁହେଁ। ବିକାଶ ଏବଂ ଅଭିବୃଦ୍ଧି ସର୍ବଦା ଶାନ୍ତି ଏବଂ ସ୍ଥିରତା ଉପରେ ନିର୍ଭର କରେ। ଆତଙ୍କବାଦର ବିନାଶ ନ ହେଲେ, ବିକାଶ ହୋଇପାରିବ ନାହିଁ। ବର୍ତ୍ତମାନ ସମୟରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୋଧରେ ଲଢେଇ କରିବା SCOର ମୂଳ ଲକ୍ଷ୍ୟ। ଜଗତୀକରଣ ଏବଂ ପୁନଃ ସନ୍ତୁଳନ ବଜାୟ ରଖିବା ମୂଳ ମୁଦ୍ଧା, SCO ସଦସ୍ୟ ରାଷ୍ଟ୍ର ଏହାକୁ ଆଗକୁ ନେବାର ଆବଶ୍ୟକତା ରହିଛି।" ଏଥିପାଇଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଚ୍ଚୋଟ ବାର୍ତ୍ତାଳାପ, ବିଶ୍ୱାସ, ଉତ୍ତମ ସମ୍ପର୍କ ଏବଂ ଚାର୍ଟର ପ୍ରତି ପ୍ରତିବଦ୍ଧତା ଆବଶ୍ୟକ କରେ। ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ଭଳି ତିନି ଶତ୍ରୁକୁ ପ୍ରତିହତ କରିବା ପାଇଁ ଏସ୍‌ସିଓକୁ କୌଣସି ପ୍ରକାର ଆପୋଷ ବୁଝାମଣା କରିବା ଆବଶ୍ୟକ ନୁହେଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସହଯୋଗ ପାରସ୍ପରିକ ସମ୍ମାନ ଏବଂ ସାର୍ବଭୌମତ୍ୱ ସମାନତା ଉପରେ ଆଧାରିତ ହେବା ଆବଶ୍ୟକ। ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସ୍ୱୀକୃତି ଦେବା ଉଚିତ ଏବଂ ଏକପାଖିଆ ଏଜେଣ୍ଡା ନୁହେଁ ପ୍ରକୃତ ସହଭାଗୀତା ଉପରେ ନିର୍ମିତ ହେବା ଦରକାର। ଏସବୁକୁ ବାଦ୍ ଦେଇ ଯଦି ଆମେ କେବଳ ବେପାର-ବାଣିଜ୍ୟ ଉପରେ ପ୍ରାଧାନ୍ୟ ଦେବା, ତେବେ କେବେ ହେଲେ SCO ଆଗକୁ ବଢିପାରିବ ନାହିଁ। ଏହା ବ୍ୟତୀତ ଚଳିତ ବର୍ଷର SCO ସମ୍ମିଳନୀର ଆୟୋଜନ ପାଇଁ ପାକିସ୍ତାନକୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ଏସ୍ ଜୟଶଙ୍କର। ଏହି ଅଧ୍ୟକ୍ଷତାକୁ ସଫଳ କରିବା ପାଇଁ ଭାରତର ସମସ୍ତ ପ୍ରକାର ସହଯୋଗ ଅଛି ବୋଲି ସେ କହିଛନ୍ତି।

# ଛାତିରେ କଲେ ରତନ ଟାଟାଙ୍କ ଟାଟୁ

**ମୁମ୍ବାଇ, ୧୬।୧୦:** ଭାରତର କିମ୍ବଦନ୍ତୀ ଉଦ୍ୟୋଗପତି ରତନ ଟାଟାଙ୍କ ଦେହାନ୍ତ ଦେଶରେ ଶୋକରଛାୟା ଖେଳାଇ ଦେଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଗତ ବୁଧବାର ତାଙ୍କର ଦେହାନ୍ତ ହୋଇଥିଲା। ଏବେ ରତନ ଟାଟା ଜଣେ ବ୍ୟବସାୟୀ ହୋଇଥିଲେ ମଧ୍ୟ ସାମାଜ ସେବା ପ୍ରତି ଥିବା ତାଙ୍କ ଭଲ ପାଇବାକୁ ସମସ୍ତେ ମନେ ପକାଉଛନ୍ତି।

ଏହି କ୍ରମରେ ଜଣେ ବ୍ୟକ୍ତି ଦେଖାଇଥିବା ଭଲ ପାଇବା ଏବେ ବେଶ ଭାଇରାଲ ହେବାରେ ଲାଗିଛି। ରତନ ଟାଟାଙ୍କୁ ଭଲ ପାଉଥିବା ଜଣେ ବ୍ୟକ୍ତି ତାଙ୍କ ସ୍ମୃତିରେ କରିଛନ୍ତି ଟାଟୁ। ସେ ରତନ ଟାଟାଙ୍କୁ ବହୁତ ଭଲ ପାଉଥିବାରୁ ତାଙ୍କ ଛବିକୁ ନିଜ ଛାତିରେ ଟାଟୁ ଆକାରରେ ସ୍ଥାନିତ କରିଛନ୍ତି। ଏଥିସହ ରତନ ଟାଟାଙ୍କୁ ସେ ବାସ୍ତବ ଜୀବନର ଭଗବାନ ଭାବେ ଆଖ୍ୟା ଦେଇଛନ୍ତି। ବେଶ ପରିଚିତ ଟାଟୁ କଳାକାର ମହେଶ ଚୌହାନ ତାଙ୍କ ଇନଷ୍ଟାଗ୍ରାମରେ ଏହି ଘଟଣା ଭିଡିଓ ଛାଡ଼ିଛନ୍ତି। ନିକଟରେ ତାଙ୍କ ପାଖକୁ ଆସିଥିବା ଜଣେ ବ୍ୟକ୍ତି କେମିତି ରତନ ଟାଟାଙ୍କ ଛବିକୁ ନିଜ ଛାତିରେ ଟାଟୁ ଆକାରେ ସ୍ଥାନ ଦେଇଛନ୍ତି, ସେକଥା ସମସ୍ତଙ୍କୁ ଜଣାଇଛନ୍ତି। ଏହି ଭିଡିଓରେ



ଛାତିରେ ରତନ ଟାଟାଙ୍କ ଟାଟୁ କରିଥିବା ବ୍ୟକ୍ତି ଜଣଙ୍କ କାହିଁକି ଜଣେ ଶିଳ୍ପପତିଙ୍କୁ ରିୟଲ ଲାଇଫ ଗଡ ବା ଭଗବାନ ଆଖ୍ୟା ଦେଇଛନ୍ତି, ତା'ର ଖୁଲାସା ମଧ୍ୟ କରିଛନ୍ତି। ତାଙ୍କ କହିବା କଥା ଯେ କିଛି ବର୍ଷ ତଳେ ତାଙ୍କର ଜଣେ ବନ୍ଧୁ କର୍କଟ ରୋଗରେ ପୀଡ଼ିତ ହୋଇଥିଲେ। ସେ ବନ୍ଧୁଙ୍କ ଚିକିତ୍ସା ଗୋଟିଏ ବଡ଼ ହସ୍ପିଟାଲରେ କରିବାକୁ ଚାହୁଁଥିଲେ। ହେଲେ ବଡ଼ ହସ୍ପିଟାଲରେ ହେଉଥିବା ଖର୍ଚ୍ଚ ଚିକିତ୍ସାରେ ବାଧକ ସାଜିଥିଲା। ଏହି ସମୟରେ ସେ ଟାଟା ଟ୍ରଷ୍ଟ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଟାଟା ଟ୍ରେଷ୍ଟ ଏ ସମ୍ପର୍କରେ ଜାଣିବା ପରେ ତାଙ୍କ ବନ୍ଧୁଙ୍କ ଚିକିତ୍ସା ମାଗଣାରେ ଆରମ୍ଭ ହୋଇଥିଲା। ଏହି ଭିଡିଓରେ ବ୍ୟକ୍ତିତ ଜଣଙ୍କ ଟାଟା ଟ୍ରଷ୍ଟର ଜୀବନ ରକ୍ଷାକାରୀ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏଥିସହ ସେ କେମିତି ନିଜର ବ୍ୟକ୍ତିଗତ ଅଭିଜ୍ଞତା ବଳରେ ରତନ ଟାଟାଙ୍କ ନୀତିକୁ ଅନୁସରଣ କରିଥିଲେ, ସେକଥା କହିଛନ୍ତି। ସେ ରତନ ଟାଟାଙ୍କୁ ରିୟଲ ଲାଇଫ ଗଡ୍ ବୋଲି କହିବା ସହ ତାଙ୍କ ଅବଦାନର ପାଇଁ ଏପରି ଟାଟୁ ଗୋଟିଏ ଛୋଟିଆ ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି। ଭିଡିଓକୁ ଶେୟାର କରି ଚୌହାନ ଲେଖିଛନ୍ତି, "ଭାରତ ଜଣେ କିମ୍ବଦନ୍ତୀଙ୍କୁ ହରାଇଛି।" ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି।

### ମହିଳା ହକି ଇଣ୍ଡିଆ ଲିଗ୍

# ସୁନେଲିତାଙ୍କ ମୁଣ୍ଡରେ ସୁନା କଳସ



**ଭୁବନେଶ୍ୱର, ୧୬।୧୦:** ପ୍ରଥମ ଥର ଲାଗି ଆୟୋଜିତ ହେବାକୁ ଯାଉଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଖେଳାଳି ନିଲାମରେ ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ୨୪ ଲକ୍ଷ ଟଙ୍କାରେ ବିକ୍ରି ହୋଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା କୁକୁଡ଼ା ଗ୍ରାମର ସୁରେଶ ଟପ୍ପୋ ଓ ନେଲିସୁନିତା ଟପ୍ପୋଙ୍କ

- ୨୪ ଲକ୍ଷରେ ଏସ୍‌ଜି ପାଇପର୍ସ ଦଳ କିଣିଲା
- ଉଦିତା ସବୁଠୁ ଦାମୀ
- ଜାନସେନ ସବୁଠୁ ଦାମୀ ବିଦେଶୀ ଖେଳାଳି

ଝିଅ ସୁନେଲିତା ଅଗ୍ରଭାଗରେ ଖେଳୁଥିଲା ବେଳେ ଚଳିତବର୍ଷ ଫେବ୍ରୁଆରିରେ ମାତ୍ର ୧୬ ବର୍ଷ ବୟସରେ ବରିଷ୍ଠସ୍ତରୀୟ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଭୁବନେଶ୍ୱରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଚୀନ୍ ବିପକ୍ଷରେ ଖେଳି ନିଜ ଅଲିଭା ଚମକ ଛାଡ଼ିଥିଲେ। ସେ ମଧ୍ୟ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବେଲଜିୟମ୍ ଏବଂ ଇଂଲଣ୍ଡ ପର୍ଯ୍ୟାୟ ଲାଗି ଭାରତୀୟ ଦଳରେ ନିଜ ସ୍ଥାନ ସୁରକ୍ଷିତ ରଖିଥିଲେ। ସୁନେଲିତା ଗତବର୍ଷ ଜାପାନରେ ଅନୁଷ୍ଠିତ କନିଷ୍ଠ ଏସିଆ କପ୍ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ପଡ଼ିଆ ଭିତରେ ନିଜ ବିଚକ୍ଷଣ ଗତି ଏବଂ ଉନ୍ନତ କଳାକୌଶଳ ପାଇଁ ପରଚିତ ସୁନେଲିତାଙ୍କୁ ନେବା ଲାଗି ଏକାଧିକ ଦଳ ମଙ୍ଗଳବାର ଟଣାଟଣି ହୋଇଥିଲେ। ଶେଷରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏହି ନିଲାମ ଯୁଦ୍ଧରେ ଜିତି ତାଙ୍କୁ ନିଜ ଦଳରେ ସାମିଲ କରିଥିଲା। ସୁନେଲିତା ରେକର୍ଡ ଟଙ୍କାରେ ବିକ୍ରି ହେବା ପରେ ଓଡ଼ିଶା ହକି ଜଗତ ସହ ତାଙ୍କ ଗୁରୁକୁଳ ସୁନ୍ଦରଗଡ଼ ସାଇ ସେଣ୍ଟରରେ ଖୁସିର ଲହରି ଖେଳି ଯାଇଛି। ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଅଲିମ୍ପିଆନ୍ ଦୀପଗ୍ରେସ୍ ଏକ୍କାଙ୍କୁ ଓଡ଼ିଶା ୱାରିୟର୍ସ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜ ଦଳରେ ସାମିଲ କରିଛି। ଅନ୍ୟପକ୍ଷରେ ଗୋଲ୍‌ରକ୍ଷକ ମାଧୁରୀ କିଣ୍ଡୋ ୩.୪ ଲକ୍ଷ, ଜ୍ୟୋତି ଛତ୍ରୀ ୫ ଲକ୍ଷ ଟଙ୍କାରେ ସେହି ଓଡ଼ିଶା ୱାରିୟର୍ସ ଦଳରେ ଯୋଗ ଦେଇଛନ୍ତି। ଅଞ୍ଜଳି ବାରୱା, ମାକ୍ସିମା ଟପ୍ପୋ, ସୁପ୍ରିୟା କୁଜୁର, ପ୍ରତିଭା କିଣ୍ଡୋ, ପ୍ରିୟଙ୍କା ଟପ୍ପୋ, ପ୍ରିୟଙ୍କା କୁଜୁର, ପ୍ରତିଭା ଏକ୍କା, ଅସୀମା ରାଉତ, ରମ୍ବା କୁଜୁର ପ୍ରମୁଖ ନିଜନିଜ ମୂଳ ଦର ୨ଲକ୍ଷ ଟଙ୍କାରେ ବିଭିନ୍ନ ଦଳକୁ ବିକ୍ରି ହୋଇଥିଲେ। ଲିଗ୍‌ର ସବୁଠୁ ଦାମୀ ଖେଳାଳି ହେବାର ଗୌରବ କିନ୍ତୁ ଭାରତୀୟ ଦଳର ପ୍ରତିଭାସଂପନ୍ନ ରକ୍ଷଣଭାଗ ଖେଳାଳି ଉଦିତା ଦୁହାନ ଲାଭ କରିଛନ୍ତି। ତାଙ୍କୁ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଦଳ ସର୍ବାଧିକ ୩୨ ଲକ୍ଷ ଟଙ୍କାରେ କିଣିଛି।

ବିଦେଶୀ ଖେଳାଳିଙ୍କ ମଧ୍ୟରେ ନେଦରଲାଣ୍ଡ୍ସର ଡ୍ରାଗ୍ ଫ୍ଲିକର ବିଶେଷଜ୍ଞ ଇବି ଜାନସେନ ସର୍ବାଧିକ ୨୯ ଲକ୍ଷ ଟଙ୍କାରେ ଓଡ଼ିଶା ୱାରିୟର୍ସ ଦଳକୁ ବିକ୍ରି ହୋଇଛନ୍ତି। ଅନ୍ୟପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଭାରତୀୟ ଖେଳାଳି ଲାଲରେମସିଆମି ୨୫ ଲକ୍ଷ (ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ), ସଂଗୀତା କୁମାରୀ ୨୨ ଲକ୍ଷ (ଦିଲ୍ଲୀ ଏସ୍‌ଜି ପାଇପର୍ସ), ବେଲଜିୟମ୍‌ର ଚାର୍ଲୋଟ୍ ଇଙ୍ଗଲବେଟ୍ ୧୬ ଲକ୍ଷ (ସୁରମା ହକି କ୍ଲବ୍), ଜର୍ମାନୀର ଚାର୍ଲୋଟ୍ ଷ୍ଟାପେନହର୍ଷ୍ଟ ୧୬ ଲକ୍ଷ (ସୁରମା ହକି କ୍ଲବ୍), ଅଷ୍ଟ୍ରେଲିଆର ଜସଲିନ୍ ବାଟ୍ରମ ୧୫ ଲକ୍ଷ (ଓଡ଼ିଶା ୱାରିୟର୍ସ), ଭାରତର ବନ୍ଦନା କଟାରିଆ ୧୦.୫ ଲକ୍ଷ (ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ), ଭାରତୀୟ ଅଧିନାୟିକା ସଲିମା ଟେଟେ ୨୦ ଲକ୍ଷ, ଇସିକା ଚୌଧୁରୀ ୧୬ ଲକ୍ଷ, ନେହା ଗୋୟଲ ୧୦ ଲକ୍ଷ (ସମସ୍ତେ ଓଡ଼ିଶା ୱାରିୟର୍ସ)ରେ ବିକ୍ରି ହୋଇଛନ୍ତି। ସେହିଭଳି ପୂର୍ବତନ ଭାରତୀୟ ଅଧିନାୟିକା ସବିତା ୨୦ ଲକ୍ଷ, ଶର୍ମିଳା ଦେବୀ ୧୦ ଲକ୍ଷ, ନିକି ପ୍ରଧାନ ୧୨ ଲକ୍ଷ (ସମସ୍ତେ ସୁରମା ହକି କ୍ଲବ୍)ରେ ବିକ୍ରି ହେବା ପରେ ଭାରତୀୟ ମହିଳା ହକିରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ସୂଚନାଯୋଗ୍ୟ ଯେ ଚାରିଟି ଦଳକୁ ନେଇ ଖେଳାଯିବାକୁ ଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଏହି ପ୍ରତୀକ୍ଷିତ ନିଲାମ ଲାଗି ୩୫୦ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯୬ଜଣ କିଣାବିକା ହୋଇଛନ୍ତି।



# ବର୍ଷା ଧୋଇଦେଲା ଭାରତ-ନ୍ୟୁଜିଲ୍ୟାଣ୍ଡ ଟେଷ୍ଟର ପ୍ରଥମ ଦିନ

**ବେଙ୍ଗାଲୁରୁ, ୧୬।୧୦:** ଲଗାଣ ବର୍ଷା ଯୋଗୁ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନ ବିନା କ୍ରିକେଟରେ ବାତିଲ ହୋଇଯାଇଛି। ବେଙ୍ଗାଲୁରୁରେ ଲଗାଣ ବର୍ଷା ଯୋଗୁ ମ୍ୟାଚ୍ ଆରମ୍ଭ କରିବା ସମ୍ଭବ ପର ହୋଇପାରି ନାହିଁ। ମଙ୍ଗଳବାର ଠାରୁ ବେଙ୍ଗାଲୁରୁରେ ବର୍ଷା ଲାଗି ରହିଥିବା ବେଳେ ଆଜି ସକାଳୁ ଆହୁରି ତୀବ୍ର ହୋଇଥିଲା। ତଥାପି ଦିନ ୨ଟା ଯାଏ ମ୍ୟାଚ୍ ଆରମ୍ଭ କରିବାକୁ ସମସ୍ତେ ଅପେକ୍ଷା କରିଥିଲେ। ହେଲେ ବର୍ଷା ନ ଛାଡ଼ିବାରୁ ପ୍ରଥମ ଦିନର ଖେଳକୁ ବାତିଲ କରି ଦିଆଯାଇଛି। ଆଜି ସକାଳୁ ବେଙ୍ଗାଲୁରୁରେ ଝିପଝିପ ବର୍ଷା ହେଉଥିଲା। କିନ୍ତୁ ସମୟକ୍ରମେ ଏହାର ପରିମାଣ ବଢ଼ିଥିଲା। ମଧ୍ୟାହ୍ନ ବେଳକୁ ବର୍ଷା ଛାଡ଼ିବାରୁ ପ୍ରଥମ ଦିନର ଖେଳ ଆରମ୍ଭ ହେବ ବୋଲି ଆଶା ସୃଷ୍ଟି ହୋଇଥିଲା। ହେଲେ ପୁଣି ବର୍ଷା ବଢ଼ିବାରୁ ଦିନ ପ୍ରାୟ ୨.୩୦ରେ ମ୍ୟାଚ୍‌ର ପ୍ରଥମ ଦିନ ବିନା ଖେଳରେ ବାତିଲ ହୋଇଥିଲା। ଏବେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ୪ ଦିନିଆ ହୋଇଯାଇଛି। ଆସନ୍ତାକାଲି ଯଦି ପାଗ ଠିକ ରହିବ, ତା'ହେଲେ ଟସ୍ ପଡ଼ି ମ୍ୟାଚ୍ ଆରମ୍ଭ ହେବ। ସେହିପରି ଫୋଲଅନ ରନ ସଂଖ୍ୟା ୨୦୦ ବଦଳରେ ୧୫୦ ହୋଇଯିବ। ବାକି ୪ ଦିନ ମ୍ୟାଚ୍ ୧୫ ମିନିଟ ଆଗୁଆ ଆରମ୍ଭ ହେବ ଓ ୧୫ ମିନିଟ ବିଳମ୍ବରେ ଶେଷ ହେବ। ଏହାର ଅର୍ଥ ପ୍ରତିଦିନ ୯୮ ଓଭର ବୋଲିଂ ହେବ। ସେହିପରି ଧିମା ଓଭର ରେଟକୁ ମେକଅପ କରିବା ପାଇଁ ଅତିରିକ୍ତ ୩୦ ମିନିଟ ଖେଳ ହୋଇପାରିବ।

### ରାଜ୍ୟ କନିଷ୍ଠ ବ୍ୟାଡ୍‌ମିଣ୍ଟନ୍

# ଦିବ୍ୟମ୍, ସ୍ୱିଟିପ୍ରିୟାଙ୍କୁ ଦ୍ୱିମୁକୁଟ




**ଭୁବନେଶ୍ୱର, ୧୬।୧୦:** ସ୍ଥାନୀୟ ପୋଖରୀପୁଟସ୍ଥିତ ମଲ୍ଟିପର୍ପୋଜ୍ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ନିଖିଳ ଓଡ଼ିଶା କନିଷ୍ଠ (୧୯ ବର୍ଷରୁ କମ୍) ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀରର ଦିବ୍ୟମ କେଜ୍ରୀୱାଲ ଓ ସ୍ୱିଟିପ୍ରିୟା ପ୍ରଧାନ ଦୁଇଟି ଲେଖାଏଁ ବର୍ଗରେ ବିଜେତା ହୋଇ ଦ୍ୱିମୁକଟ ହାସଲ କରିଛନ୍ତି। ବାଳକ ବିଭାଗ ଏକକ ଫାଇନାଲ୍‌ରେ ଦିବ୍ୟମ ୨୧-୧୮, ୨୧-୮ରେ ବାଲେଶ୍ୱରର ଜ୍ୟୋତିସୂର୍ଯ୍ୟ ପରମାଣିକଙ୍କୁ ପରାସ୍ତ କରିଥିଲେ। ଏହା ପରେ ଦିବ୍ୟମ ଯୁଗଳ ବର୍ଗ ଫାଇନାଲ୍‌ରେ ବାପୁନ ରାଉତଙ୍କୁ ସାଥି କରି ମୟୂରଭଞ୍ଜ ଯୋଡ଼ି ଶୁଭ୍ରକେତନ ମଲ୍ଲିକ ଓ ଶ୍ରୀୟାଂଶ ଜେନାଙ୍କୁ ୨୨-୨୪, ୨୧-୧୩, ୨୧-୧୪ରେ ପରାସ୍ତ କରିଥିଲେ। ବାଳିକା ଏକକ ଫାଇନାଲ୍‌ରେ ସୁନ୍ଦରଗଡ଼ର ଗୀତାଶ୍ରୀ ଖୋର୍ଦ୍ଧାର ଆଦ୍ୟା ପାଢ଼ୀଙ୍କୁ ୨୧-୭, ୨୧-୧୩ରେ ପରାସ୍ତ କରି ବିଜୟିନୀ ହୋଇଥିଲେ। ରାୟଗଡ଼ାର ସ୍ୱିଟିପ୍ରିୟା ପ୍ରଧାନ ବାଳିକା ଯୁଗଳ ଓ ମିଶ୍ରିତ ଯୁଗଳରେ ଟ୍ରଫି ଜିତି ଦ୍ୱିମୁକୁଟ ପାଇଥିଲେ। ଆଦ୍ୟା ପାଢ଼ୀଙ୍କୁ ସାଥି କରି ସ୍ୱିଟିପ୍ରିୟା ସମ୍ବଲପୁର-ଖୋର୍ଦ୍ଧା ଯୋଡ଼ି ଅଶ୍ୱିକା ମିଶ୍ର-ସିରିନ୍ ସିଦ୍ଦିକ୍‌ଙ୍କୁ ପରାସ୍ତ କରିଥିଲେ। ମିଶ୍ରିତ ଯୁଗଳରେ ଶୁଭ୍ରକେତନ ମଲ୍ଲିକ ଓ ସ୍ୱିଟିପ୍ରିୟା ପ୍ରଧାନ ୨୧-୧୧, ୨୧-୧୬ରେ ସାଇ କେଶବ ମୋଦୀ (ମୟୂରଭଞ୍ଜ) ଓ ସିରିନ୍ ସିଦ୍ଦିକ୍ (ଖୋର୍ଦ୍ଧା)ଙ୍କୁ ପରାସ୍ତ କରିଥିଲେ। ଏକକ ବିଜେତାଙ୍କୁ ୬,୦୦୦ ଟଙ୍କା ଏବଂ ଯୁଗଳ ବିଜେତା ଯୋଡ଼ିଙ୍କୁ ୭,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମୋଟ ୧୦୩ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ମୋଟ ୯୫,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅକ୍ଟୋବର ୧୯ ତାରିଖରୁ ସମାନ ଷ୍ଟାଡିୟମ୍‌ରେ ରାଜ୍ୟ ମିନି (୧୧ ବର୍ଷରୁ କମ୍) ଏବଂ ଉପକନିଷ୍ଠ (୧୩ ବର୍ଷରୁ କମ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାର ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଜନତା ପାର୍ଟିର ମୁଖପାତ୍ର ଯତିନ ମହାନ୍ତି, କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମସଚିବ ଶୈଳେନ୍ଦ୍ର କୁମାର ଜେନା, ସ୍ୱରୂପ ନନ୍ଦନ ବେହେରା, ରାମଗୋବିନ୍ଦ ପରିଡ଼ା ଏବଂ ଧୀରାଜ ପଟ୍ଟନାୟକ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ବ୍ୟାଡମିଣ୍ଟନ୍ ସଂଘ ସଂପାଦକ ନିଳିନ କୁମାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାକୁ ସାଂଗଠନିକ ସଂପାଦକ ପ୍ରଦୀପ କୁମାର ପଟ୍ଟନାୟକ, ସଂଯୋଜକ ଅଜିତ ମହାନ୍ତି, ଅବଦୁଲ ହାକିମ୍, ସୌଭାଗ୍ୟ ଜଗଦେବ ପ୍ରମୁଖ ପରିଚାଳନା କରିଥିଲେ।

# ଆଇପିଏଲ୍ ପୂର୍ବରୁ ନୂଆ ବୋଲିଂ କୋଚ୍ ନିଯୁକ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ




**ମୁମ୍ବାଇ,୧୬।୧୦:** ଆଇପିଏଲ ୨୦୨୫ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ମୁମ୍ବାଇ ଦଳ ପାଇଁ ଏକ ନୂଆ ବୋଲିଂ କୋଚ ନିଯୁକ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବତନ ଟିମ ଇଣ୍ଡିଆର କୋଚ ପାରସ ମହମ୍ବ୍ରେଙ୍କୁ ଏକ ସୁଯୋଗ ଦେଇଛି। ସେ ଦଳର ନୂଆ ବୋଲିଂ କୋଚ। ପାରସ ପୂର୍ବରୁ ମହେଲା ଜୟୱାର୍ଦ୍ଧନେଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା। ସେ ଦଳର ମୁଖ୍ୟ କୋଚ ଅଟନ୍ତି। ପାରସଙ୍କ କୋଚିଂରେ ତାଙ୍କର ଏକ ଭଲ ରେକର୍ଡ ରହିଛି। ସେ ଟି-୨୦ ବିଶ୍ୱକପ ୨୦୨୪ରେ ଟିମ ଇଣ୍ଡିଆ ସହିତ ଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ଏହାର ଅଫିସିଆଲ ୱେବସାଇଟ ମାଧ୍ୟମରେ ସୂଚନା ଦେଇଛି, ପାରସଙ୍କୁ ବୋଲିଂ କୋଚ କରାଯାଇଛି। ମୁମ୍ବାଇର ଲାସିଥ ମାଲିଙ୍ଗା ମଧ୍ୟ ଅଛନ୍ତି। ମାଲିଙ୍ଗାଙ୍କ ସହ ପାରସର ଆଗମନ ସହିତ ବୋଲିଂ କୋଚିଂ ବିଭାଗ ଅଧିକ ଶକ୍ତିଶାଳୀ ହୋଇଛନ୍ତି। ପାରସ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସର ଏକ ଅଂଶ ହୋଇସାରିଛନ୍ତି। ତାଙ୍କର କ୍ରିକେଟ କ୍ୟାରିୟର ମଧ୍ୟ ଭଲ ରହିଛି। ପାରସଙ୍କ କ୍ରିକେଟ କ୍ୟାରିୟର ବେଶୀ ଦିନ ରହିଲା ନାହିଁ। ସେ ଟିମ ଇଣ୍ଡିଆ ପାଇଁ ୨ଟି ଟେଷ୍ଟ ଏବଂ ୩ ଦିନିକିଆ ମ୍ୟାଚ ଖେଳିଥିଲେ। ପ୍ରଥମ ଶ୍ରେଣୀ ମ୍ୟାଚରେ ପାରସ ୨୮୪ ଉଇକେଟ ନେଇଛନ୍ତି। ସେ ୧୦୫ ଇନିଂସରେ ୧୬୬୫ ରନ ମଧ୍ୟ କରିଛନ୍ତି। ୮୩ ତାଲିକା ଏ ମ୍ୟାଚରେ ପାରସ ୧୧୧ ଉଇକେଟ ନେଇଛନ୍ତି। କ୍ରିକେଟ କ୍ୟାରିୟର ପରେ ସେ କୋଚ ଭୂମିକା ଗ୍ରହଣ କରିଥିଲେ। ଆଇପିଏଲ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ବହୁତ ନିରାଶାଜନକ ପ୍ରଦର୍ଶନ କରିଥିଲା। କିନ୍ତୁ ଏହା ପୂର୍ବରୁ ଦଳ ଦୃଢ ପ୍ରଦର୍ଶନ କରିଛି। ଆଗାମୀ ସିଜିନ ପୂର୍ବରୁ ମୁମ୍ବାଇ ମାହେଲା ଜୟୱର୍ଦ୍ଧନେଙ୍କୁ ମୁଖ୍ୟ କୋଚ କରିଥିଲେ।



# ଅଷ୍ଟ୍ରେଲିଆ ଗସ୍ତ ପାଇଁ ଶାମି ଅନ୍‌ଫିଟ୍: ରୋହିତ

**ନୂଆଦିଲ୍ଲୀ,୧୬।୧୦:** ନିକଟରେ ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମି ପୁଣି ଆହତ ହୋଇଥିବା ଜଣାପଡ଼ିଛି। କିନ୍ତୁ ସାମି ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ। ଏବେ ଟିମ ଇଣ୍ଡିଆର ଅଧିନାୟକ ଶାମିଙ୍କୁ କଥାକୁ ଭୁଲ ସାବ୍ୟସ୍ତ କରିଛନ୍ତି। ରୋହିତ ଶର୍ମା ଏକ ସାକ୍ଷାତକାରରେ କହିଛନ୍ତି, ମହମ୍ମଦ ଶାମିଙ୍କ ଆଣ୍ଠୁ ସମ୍ପୂର୍ଣ୍ଣ ରୂପେ ଭଲ ହୋଇନାହିଁ ଏବଂ ତାଙ୍କ ଆଘାତ ଏତେ ଖରାପ ଯେ ଏହି ଖେଳାଳିଙ୍କୁ ଅଷ୍ଟ୍ରେଲିଆ ଗସ୍ତରେ ନେବା ଅତ୍ୟନ୍ତ କଷ୍ଟକର। ରୋହିତ ଶର୍ମା ଶାମିଙ୍କୁ ପୋଲ୍ ଖୋଲି କହିଛନ୍ତି, ସତ କହିବାକୁ ଗଲେ ଅଷ୍ଟ୍ରେଲିଆ ଗସ୍ତରେ ଶାମିଙ୍କ ଉପରେ ନିଷ୍ପତ୍ତି ନେବା ବହୁତ କଷ୍ଟସାଧ୍ୟ। ତାଙ୍କ ଆଣ୍ଠୁରେ ଫୁଲା ଅଛି। ଶାମି ଏନସିଏରେ ଡାକ୍ତର ଏବଂ ଫିଜିଓଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ଆମେ ଆହତ ଶାମିଙ୍କୁ ଅଷ୍ଟ୍ରେଲିଆକୁ ନେବାକୁ ଚାହୁଁନାହୁଁ।

ସୂଚନାଯୋଗ୍ୟ, ଶାମି ପୁନର୍ବାର ଆହତ ହେବାର ଖବର ସୋସିଆଲ ମିଡିଆରେ ବ୍ୟାପି ଥିଲା। ଶାମି ଏହାକୁ ଭିତ୍ତିହୀନ ଗୁଜବ ପ୍ରଚାର କରାଯାଉଛି ବୋଲି କହିଥିଲେ। ଶାମି କହିଥିଲେ, ବିସିସିଆଇ ଏବଂ ମୁଁ କହି ନାହୁଁ ଯେ ମୁଁ ବର୍ଡର-ଗାଭାସ୍କର ସିରିଜରୁ ବାଦ୍‌ପଡ଼ିଛି। ଏଭଳି ଖବର ପ୍ରତି ଧ୍ୟାନ ନ ଦେବାକୁ ଶାମି ପ୍ରଶଂସକମାନଙ୍କୁ ନିବେଦନ କରିଥିଲେ। କିନ୍ତୁ ପ୍ରଶ୍ନ ହେଉଛି ଯଦି ସେହି ଖବର ଭୁଲ ଥିଲା ତେବେ ରୋହିତ ଶର୍ମାଙ୍କ ଏହି ବିବୃତ୍ତି ମଧ୍ୟ ଭୁଲ ଅଟେ। ୨୦୨୩ ବିଶ୍ୱକପ ସମୟରେ ମହମ୍ମଦ ଶାମି ଆହତ ହୋଇଥିଲେ। ବିଶ୍ୱକପ ଫାଇନାଲ ପରଠାରୁ ଶାମି କୌଣସି ମ୍ୟାଚ ଖେଳି ନାହାଁନ୍ତି। ସେ ମଧ୍ୟ ଅସ୍ତ୍ରୋପଚାର କରିଥିଲେ।

# ସିକେ ନାୟୁଡୁ ଟ୍ରଫି: ଉତ୍ତରାଖଣ୍ଡକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୬।୧୦:** ସିକେ ନାୟୁଡୁ ଟ୍ରଫିରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଅଢ଼େଇ ଦିନରେ ଖେଳ ଶେଷ କରିବା ସହ ଏକ ପାଳି ଓ ୬୩ ରନ୍‌ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ଫଳରେ ଏଲିଟ୍ ଗ୍ରୁପ୍ 'ଏ'ରେ ଓଡ଼ିଶା ପୂର୍ଣ୍ଣ ୬ ପଏଣ୍ଟ୍ ସହ ୧ ବୋନସ ପଏଣ୍ଟ୍, ୪ ବ୍ୟାଟିଂ ଓ ୪ ବୋଲିଂ ପଏଣ୍ଟ୍ ପାଇଛି। ସେହିଭଳି ମୋଟ୍ ୧୫ ପଏଣ୍ଟ୍ ସହ ଓଡ଼ିଶା ଏବେ ଶୀର୍ଷରେ ରହିଛି। ଉତ୍ତରାଖଣ୍ଡର ୧୬୦ ରନ୍‌କୁ ପିଛା କରି ଓଡ଼ିଶା ୩୮୨ ରନ୍ କରିବା ସହ ୨୨୨ ରନ୍‌ର ଅଗ୍ରଣୀ ପାଇଥିଲା। ସାଇଦୀପ ମହାପାତ୍ରଙ୍କ ୧୧୯ ରନ୍‌ର ଶତକୀୟ ପାଳି ଉଲ୍ଲେଖନୀୟ ଥିଲା। ତାଙ୍କ ବ୍ୟତୀତ ଓମ୍ ଟି ମୁଣ୍ଡେ ୬୬, ଆଶୁତୋଷ ମାର୍ଣ୍ଡି ୫୯, ବିଶ୍ୱ ବିଭବ ମୁଦୁଲି ୫୫ ରନ୍ ସ୍କୋର କରିଥିଲେ। କିନ୍ତୁ ଉତ୍ତରାଖଣ୍ଡ ଦ୍ୱିତୀୟ ପାଳିରେ ୧୫୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯିବାରୁ ଓଡ଼ିଶା ଗୋଟିଏ ଦିନ ପୂର୍ବରୁ ମ୍ୟାଚ୍ ଜିତିଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରବି ଫସଲର ...

ନିଶ୍ଚିତ କରିବାକୁ କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଥିବା କହିଛନ୍ତି।

କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ, ରବି ଋତୁର ପ୍ରମୁଖ ଫସଲ ଗହମର ଏମଏସପି କ୍ୱିଣ୍ଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ହୋଇଛି। ଏହାର ଅର୍ଥ ଚାଷୀମାନେ ଏଣିକି ଗହମ କ୍ୱିଣ୍ଟାଲ ପିଛା ୨୪୨୫ ଟଙ୍କାରେ ବିକ୍ରି କରିପାରିବେ। ପୂର୍ବରୁ ସେମାନେ କ୍ୱିଣ୍ଟାଲ ପିଛା ୨୨୭୫ ଟଙ୍କା ପାଉଥିଲେ। ଦେଶର ବିଭିନ୍ନ ପ୍ରାନ୍ତରେ ଚାଷୀମାନେ ରବି ଋତୁରେ ଗହମ ଉତ୍ପାଦନ କରୁଛନ୍ତି। ତେଣୁ ଏହା ସେମାନଙ୍କୁ ବେଶ ଫାଇଦା ଦେବ। ବିଶେଷ କରି ଉତ୍ତର ଭାରତରେ ଅଧିକାଂଶ ଚାଷୀ ଗହମ ଚାଷ କରିଥାଆନ୍ତି। କେନ୍ଦ୍ର ସରକାର ସୋରିଷର ଏମଏସ୍‌ପି ମଧ୍ୟ ବୃଦ୍ଧି କରିଛନ୍ତି। ଏବେ ସୋରିଷରେ ଚାଷୀମାନେ କ୍ୱାଣ୍ଟାଲ ପିଛା ଅଧିକ ୩୦୦ ଟଙ୍କା ଏମଏସ୍‌ପି ଆକାରରେ ପାଇବେ। ପୂର୍ବରୁ ସେମାନେ ସୋରିଷ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କାରେ ବିକ୍ରି କରୁଥିଲେ। ହେଲେ ଏବେ ସେମାନଙ୍କୁ ୫୯୫୦ ଟଙ୍କା ମିଳିବ। ସୋରିଷ ସାଧାରଣତଃ ରାଜସ୍ଥାନ, ହରିୟାଣା ଓ ମଧ୍ୟପ୍ରଦେଶରେ ଅଧିକ ଉତ୍ପାଦନ ହୋଇଥାଏ। ସୋରିଷ ଉଭୟ ଚାଷୀ ଓ ଗ୍ରାହକଙ୍କ ପାଇଁ ଗୋଟିଏ ପ୍ରମୁଖ ତୈଳମଞ୍ଜି ଫସଲ। ଅଧିକ ପରିମାଣରେ ଏମଏସପି ଦ୍ୱାରା ଚାଷୀମାନେ ଏହି ପ୍ରମୁଖ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ପ୍ରୋତ୍ସାହିତ ହେବେ। ରବି ଋତୁର ଅନ୍ୟତମ ଫସଲ ଚଣାର ଏମଏସ୍‌ପି ମଧ୍ୟ କେନ୍ଦ୍ର ସରକାର ବଢ଼ାଇଛନ୍ତି। ଚଣାର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୨୧୦ ଟଙ୍କା ବଢ଼ିଛି। ଚାଷୀମାନେ ଏବେ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କା ପାଇବେ। ଚଣା ହେଉଛି ଭାରତର ପ୍ରମୁଖ ଡାଲି ଜାତୀୟ ଖାଦ୍ୟ ଶସ୍ୟ। ସମଗ୍ର ଦେଶରେ ଚଣାର ଚାହିଦା ରହିଛି। ସରକାର ଏହାର ଏମଏସ୍‌ପି ବୃଦ୍ଧି କରି ଚାଷୀଙ୍କୁ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ଉତ୍ସାହିତ କରିଛନ୍ତି। ଚଣା ସାଧାଣତଃ ଅଧିକ ମାତ୍ରାରେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଚାଷ ହୋଇଥାଏ। ଏହାବାଦ ବାର୍ଲିର ଏମଏସ୍‌ପି ୧୩୦ ଟଙ୍କା, ମୁଗର ୨୧୦, ମସୁର ଡାଲିର ଏମଏସ୍‌ପି ୨୭୫ ଟଙ୍କା ଓ କୁସୁମର ଏମଏସ୍‌ପିକୁ କେନ୍ଦ୍ର ସରକାର ୧୪୦ ଟଙ୍କା ବୃଦ୍ଧି କରିଛନ୍ତି। ଏହାର ଅର୍ଥ ଚାଷୀମାନେ ବାର୍ଲିକୁ କ୍ୱିଣ୍ଟାଲ ପିଛା ୧୯୮୦, ମୁଗକୁ କ୍ୱିଣ୍ଟାଲ ପିଛା ୫୬୫୦, ମସୁର ଡାଲିକୁ କ୍ୱିଣ୍ଟାଲ ପିଛା ୬,୭୦୦ ଓ କୁସୁମକୁ କ୍ୱିଣ୍ଟାଲ ପିଛା ୫୯୪୦ ଟଙ୍କାରେ ବିକ୍ରି କରିପାରିବେ।

### ୩% ବଢ଼ିଲା...

ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଚଳିତବର୍ଷ ଏହା ହେଉଛି ଦ୍ୱିତୀୟ ମହଙ୍ଗା ଭତ୍ତା ବୃଦ୍ଧି । ପୂର୍ବରୁ ୨୦୨୪ ପ୍ରଥମାର୍ଦ୍ଧରେ ୪ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଥିଲେ କେନ୍ଦ୍ର ସରକାର।

### ବିଜେଡିର ନୂଆ ଯୋଗୀ ...

ଲେନିନ୍ ମହାନ୍ତି ଏବେ ଅମର ଶତପଥୀଙ୍କ ଭଳି ପ୍ରତିଷ୍ଠାତା ସଦସ୍ୟଙ୍କୁ ବିଜେଡି ଛାଡି ଯିବାପାଇଁ ଆହ୍ୱାନ ଦେଇଥିଲେ । ହେଲେ ଅମର ତା ପୂର୍ବରୁ ବିଜେଡିକୁ ବାଏ ବାଏ କରିଛନ୍ତି । ଲେନିନ୍‌ଙ୍କର ଏଭଳି ରୂପ ଦେଖିଲା ପରେ ଏବେ ବିଜେଡିର ଗୋଟିଏ ଗୋଷ୍ଠି ତାଙ୍କ ପାଞ୍ଜି ବିଶେଷକରି ଓଟିଡିସି ସମୟର ପାଞ୍ଜି ଖେଳେଇବାରେ ସରକାରୀକଳକୁ ସାହାଯ୍ୟ କରିବାପାଇଁ ଆଗଭର ହୋଇଥିବା ସୂଚନା ମିଳୁଛି । ସେଭଳି ଯଦି କିଛି ହୁଏ ତେବେ ଏହି ପୁରୁଣା ଯୋଗୀଙ୍କର ଥାଳ ଯେ ନଭାଙ୍ଗିବ ତାହା କହିହେବନାହିଁ ।

ତେବେ ବିଜେଡିର ନୂଆ ଯୋଗୀଙ୍କର ଏହି ଥାଳ ବାଡିଆ ପଛରେ ଯେଉଁ ମାମଲତକାରମାନେ ରହିଛନ୍ତି ସେମାନେ ନିଜକୁ ସୁରକ୍ଷିତ ସ୍ଥାନରେ ରଖିବାପାଇଁ ନବାଗତଙ୍କୁ ଶୂଳୀରେ ଚଢାଉଥିବା କୁହାଯାଉଛି । କାରଣ ଏହି ନବାଗତମାନେ ଯେଭଳି ବୟାନବାଜି କରୁଛନ୍ତି ନିଶ୍ଚିତ ରାସ୍ତା ହୁଡି ଅବାଟରେ ଯିବେ ଓ ଫସିବେ ବୋଲି ଜଳ ଜଳ ହୋଇ ଦିଶୁଥିବାରୁ ଶତ ଅନୁରୋଧ ସତ୍ତ୍ୱେ ପୁରୁଖା ବିଜେଡି ନେତାମାନେ ଦଳୀୟ ନେତାଙ୍କ ବିରୁଦ୍ଧରେ ପାଟିଖୋଲିବାକୁ ରାଜି ହେଉନାହାନ୍ତି । ତେବେ ବିଜେଡିରେ ନୂଆ ଯୋଗୀମାନଙ୍କର ଜୋରରେ ଥାଳ ବାଡିଆ ଦଳକୁ କେତେଦୂର ସୁରକ୍ଷା ଦେବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ନ୍ୟାୟ ଦେବୀଙ୍କ...

ନ୍ୟାୟ ଦେବୀଙ୍କ ଏହି ଢାଞ୍ଚାର ପରବର୍ତ୍ତୀ ମୂର୍ତ୍ତି ସୁପ୍ରିମକୋର୍ଟର ବିଚାରପତିମାନଙ୍କ ଲାଇବ୍ରେରୀରେ ଲାଗିଛି। ଏହାର ପ୍ରଥମ ଝଲକ ପଦାକୁ ଆସିଛି। ଭାରତୀୟ ନ୍ୟାୟ ଦେବୀଙ୍କୁ ନୂଆ ରୂପ ଦେବାକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡ଼ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ନ୍ୟାୟ ଦେବୀଙ୍କ ସ୍ୱରୂପକୁ ବଦଳା ଯାଇଛି। ପ୍ରଧାନ ବିଚାରପତିଙ୍କ ବିଚାରରେ ଖଣ୍ଡା ହେଉଛି ହିଂସାର ପ୍ରତୀକ।

କିନ୍ତୁ ଅଦାଲତଙ୍କ କାର୍ଯ୍ୟ ହିଂସାତ୍ମକ ନୁହେଁ। କୋର୍ଟ ସବୁବେଳେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଭିତରେ ନ୍ୟାୟ ପ୍ରଦାନ କରିଥାନ୍ତି। ସେହିପରି ନ୍ୟାୟ ଦେବୀଙ୍କ ଆଖିରେ ବନ୍ଧା ଯାଉଥିବା କଳା କପଡ଼ାଟିକୁ ମଧ୍ୟ କାଢ଼ିବାକୁ ସେ କହିଥିଲେ। ସେହି ଅନୁସାରେ ନ୍ୟାୟ ଦେବୀଙ୍କ ନୂଆ ପ୍ରତିମୂର୍ତ୍ତି ତିଆରି କରାଯାଇଛି। ନ୍ୟାୟଦେବୀ ପୂର୍ବରୁ ବାମ ହାତରେ ନ୍ୟାୟ ତରାଜୁ ଧରିଥିଲେ। ଡାହାଣ ହାତରେ ଖଣ୍ଡା ଧରିଥିଲେ। ତାଙ୍କ ଆଖିରେ କଳା ପଟି ବନ୍ଧା ଯାଇଥିଲା। ହେଲେ ଏହାକୁ ବଦଳା ଯାଇଛି। ନ୍ୟାୟ ଦେବୀ ବାମ ହାତରେ ସମ୍ବିଧାନ ଧରିଛନ୍ତି। ଡାହାଣ ହାତରେ ନ୍ୟାୟର ତରାଜୁ ରହିଛି। କିନ୍ତୁ ପୂର୍ବଭଳି ଆଖିରେ କଳାପଟି ନାହିଁ।

କିଛିଦିନ ତଳେ ଇଂରେଜ ଅମଳର ନ୍ୟାୟ ବ୍ୟବସ୍ଥାକୁ ବଦଳାଇ ଦିଆଯାଇଥିଲା। ଏବେ ନ୍ୟାୟଦେବୀଙ୍କ ସ୍ୱରୂପରେ ପରିବର୍ତ୍ତନ ଅଣାଯାଇଛି।

### ସାଇବର ସୈତାନ...

ସନ୍ଦେହକୁ ବଢ଼ାଇଛି । ୨୦୫ ନମ୍ବର ଫ୍ଲାଟ କୁ ବିଭିନ୍ନ ବାହାନାରେ ଏକାଧିକ ଲୋକ ଯା ଆସ କରୁଥିଲେ । ପ୍ରାୟତଃ ସମସ୍ତେ ମୁସଲିମ ସମ୍ପ୍ରଦାୟ ର ଥିଲେ। କିନ୍ତୁ ନା ଘର ମାଲିକ, ନା ସୋସାଇଟିରେ ରହୁଥିବା ବାସୀନ୍ଦା, କେହି ମଧ୍ୟ ଏ ସନ୍ଦିଗ୍ଧ ଙ୍କ ସମ୍ପର୍କରେ ତିଳେ ମାତ୍ର ସୂଚନା ପାଇନଥିଲେ।

କିଛି ଦିନ ତଳେ ଭୁବନେଶ୍ୱର, କଟକ ଓ ରାଞ୍ଚିରେ ସିମ ବକ୍ସ ଜବତ ଘଟଣାରେ ଅଣ୍ଡରୱାର୍ଲଡ଼ ଲିଙ୍କ ନେଇ ପ୍ରମାଣ ମିଳିବା ପରେ ଛାନଭିନ ଚଳାଇଥିଲେ ଏନ୍‌ଆଇଏ । ସେ ଘଟଣାରେ ମାଷ୍ଟରମାଇଣ୍ଡ ଏବେ ମଧ୍ୟ ବାଂଲାଦେଶରେ ଲୁଚିଥିବା ବେଳେ ପୁଣି ଏକ ଫେକ କଲ ସେଣ୍ଟର ଠାବ ଘଟଣା ପୋଲିସ ପାଇଁ ସୃଷ୍ଟି କରିଛି ବଡ଼ ଚ୍ୟାଲେଞ୍ଜ । ସେପଟେ ପୋଲିସ ନିକଟରେ ଭଡାଟିଆ ଙ୍କ ଠିକଣା ଓ ଡାଟାବେସ୍ ନରହିବା ଯୋଗୁଁ ଏଭଳି ପରିସ୍ଥିତି ବାରମ୍ବାର ଉପୁଜୁଥିବା କହିଛନ୍ତି ସ୍ଥାନୀୟ ଲୋକେ । ପୂର୍ବରୁ ଝାଡଖଣ୍ଡ, ବିହାର, ୟୁପି ରୁ ଅପରେଟ କରୁଥିଲେ ସାଇବର ଠକ । ଏବେ କିନ୍ତୁ ଭୁବନେଶ୍ୱରକୁ ସେଫ ପ୍ଲେସ ଭାବିଛନ୍ତି ସାଇବର ସୈତାନ । ଆମେରିକା ସହ ଥାଇଲାଣ୍ଡ, ସିଙ୍ଗାପୁର , ଶ୍ରୀଲଙ୍କା ର କିଛି ଲୋକେ ମଧ୍ୟ ଏହି ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଛି ପୋଲିସ ।

### ବିବାଦ ପାଇଁ ...

ମିଛ ପୋଲିସ କେସ କରିବା ତ କେତେବେଳେ ସୋସିଆଲ ମିଡିଆରେ ସେମାନଙ୍କୁ ବଦନାମ କରାଯାଉଥିଲା। ଆଉ ଏ ଚକ୍ରାନ୍ତକାରୀଙ୍କ ବିବାଦରେ ପୁରୁତାଙ୍କୁ ବାରମ୍ବାର ଅବଗତ କରାଯାଉଥିଲା। ସେ କିନ୍ତୁ ସମାଧାନ କରିବା ପରିବର୍ତ୍ତେ ନିଜ ଚୌକି ବଞ୍ଚାଇବାକୁ ଏହି ଦୁଇ କର୍ପୋରେଟରଙ୍କୁ ମୁଖିଆଙ୍କ ଆଗରେ ଭିଲେନ ବନେଇ ଦେଇଛନ୍ତି।ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଦଳର ସଭାପତିଙ୍କୁ ଏହି କର୍ପୋରେଟର ପଠାଇଥିବା ସ୍ପଷ୍ଟୀକରଣ ଗୋଟିଏ ଗୋଟିଏ ନକଲ ଏବେ ଉତ୍ତର-ଭୁବନେଶ୍ୱରର ପୂର୍ବତନ ବିଧାୟକ ଓ ମଧ୍ୟ-ଭୁବନେଶ୍ୱର ବିଧାୟକଙ୍କ ପାଖରେ ପହଁଚିଛି। ଆଉ ସେମାନେ ଏହାକୁ ନିଜର କିଛି ଏକାନ୍ତ ଅନୁଗତ ଓ ନିକଟତମ ବନ୍ଧୁଙ୍କୁ ଏକାଠି ବସାଇ ପଢ଼ି ଶୁଣାଇଥିବା ଜଣାପଡିଛି। ଏକଥାର ସୁରାକ ମଧ୍ୟ ପାଇସାରିଲେଣି ବାଇଁଆ ଓ ଲିଟୁ।

### ନବୀନଙ୍କ ହାତରୁ ...

ଶୁଭେଚ୍ଛା ଜଣାଇବାକୁ ଆସିଥିବା ଲତିକା ଗଣମାଧ୍ୟମ ଆଗରେ ବୁଧବାର ଏପରି ବିସ୍ଫୋରକ ବୟାନ ଦେଇଛନ୍ତି। ଲତିକା କହିଛନ୍ତି, ନିର୍ବାଚନ ସମୟରେ ରଞ୍ଜିତା ସାହୁ ବିଭୀଷଣ ଭୂମିକା ନିର୍ବାହ କରିଥିଲେ। ବେଇମାନି କରିବା ସହିତ ନିର୍ବାଚନରେ ବିଜେପି ସହ ସାଲିସ୍ କରି କାମ କରିଥିଲେ। ଏବେ ମଧ୍ୟ ସେହି କାମ କରୁଛନ୍ତି। ମୁଁ ଦଳର ସଭାପତିଙ୍କୁ ଭେଟି ଏ ସଂପର୍କରେ ଅବଗତ କରିଛି। ତାଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନଷ୍ଠାନ ନେବା ପାଇଁ ଅନୁରୋଧ କରିଛି। ଯଦି ଦଳର ସଭାପତି କାର୍ଯ୍ୟାନୁଷ୍ଠାନ ନ ନେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

ସେ ଆହୁରି କହିଛନ୍ତି, ସ୍ୱର୍ଗତ ବିଜୁ ବାବୁଙ୍କ ସମୟରୁ ଆସିକା ସଂସଦୀୟ କ୍ଷେତ୍ର ଅନ୍ୟ କାହା ହାତକୁ ଯାଇ ନ ଥିଲା। ଏଭିଳି ଜଣେ ପ୍ରାର୍ଥୀଙ୍କ ପାଇଁ ଆସିକା ସିଟ୍ ହାତରୁ ଗଲା। ରଞ୍ଜିତାଙ୍କ ନିର୍ବାଚନ ପରିଚାଳନା ତ୍ରୁଟି ଯୋଗୁ ଆମେ ସବୁ ସିଟ୍ ହରାଇଲୁ। ସେ ବିଭୀଷଣ ସାଜି ଦଳ ବିରୋଧୀ କାମ କରିଛନ୍ତି। ସମସ୍ତ ପ୍ରମାଣ ସହ ଏନେଇ ମୁଁ ଦଳର ସଭାପତିଙ୍କୁ ଜଣାଇଛି।

ଏବେ ମଧ୍ୟ ସେ ସେହି କାମ କରୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଭାପତିଙ୍କୁ ଅନୁରୋଧ କରିଛି।ରଞ୍ଜିତା ବିଜେପି ଏଜେଣ୍ଟଙ୍କ ସହ ମିଶି ମୋତେ ହରାଇବା ପାଇଁ ପ୍ଲାନ କରିଥିଲେ। ବିଭୀଷଣ ଭାବେ କାମ କରିବା ଦଳ ପାଇଁ କ୍ଷତିକାରକ। ଦଳର ସଭାପତିଙ୍କ ଉପରେ ମୋର ବହୁତ ବିଶ୍ୱାସ ରହିଛି। ସେ ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଲତିକା କହିଛନ୍ତି। ନିର୍ବାଚନ ପରଠୁ ଦଳ ତାଙ୍କୁ କିଛି ଦାୟିତ୍ୱ ଦେଇ ନାହିଁ। ଦଳ ମୋତେ ସବୁ ଦାୟିତ୍ୱ ଦେଇଛି। ମୁଁ ମୋର ଦାୟିତ୍ୱ ସଠିକ୍ ଭାବରେ ତୁଲାଉଛି। ବାକି ନିଷ୍ପତ୍ତି ସଭାପତିଙ୍କ ଉପରେ ଛାଡ଼ି ଦିଆଯାଇଛି। ସଭାପତି ଯାହ ନିଷ୍ପତ୍ତି ନେବେ ଆମେ ତାକୁ ମାନିନେବୁ ବୋଲି ଲତିକା କହିଛନ୍ତି।

ତେବେ ଲତିକାଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ରଞ୍ଜିତା ସାହୁ। ସେ କହିଛନ୍ତି, ଏହା ଦଳ ଭିତର କଥା, ଆମେ ସୁପ୍ରିମୋଙ୍କୁ ଜଣାଇବୁ। ମୁଁ ବିଜେଡି ସଦସ୍ୟ। ନିର୍ବାଚନରେ ପ୍ରାର୍ଥୀ ହୋଇଥଲି। ମୋ ଉପରେ ଆସିଥିବା ଆରୋପ ଠିକ୍ ନୁହେଁ। ଦଳ କିଭଳି ସୁଦୃଢ଼ ହେବ ସେ ନେଇ କାମ କରୁଛୁ ବୋଲି କହିଛନ୍ତି ରଂଜିତା।



ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ଓ ଉତ୍ସବମୁଖର କେନ୍ଦ୍ରାପଡ଼ା

# ମହିଳାଙ୍କୁ ରୋଜଗାର ଦେଉଛି 'ଗୋବର କଣ୍ଢେଇ'



**ବ୍ରହ୍ମପୁର, ୧୬।୧୦ (ସଂଚାର ବ୍ୟୁରୋ) :** ଆଜିକାଲି ମହିଳାମାନେ ଆଉ ଘରେ ନବସି ନିଜେ ରୋଜଗାର କ୍ଷମ ହେବା ପାଇଁ ବିଭିନ୍ନ ପନ୍ଥା ଆପଣାଇଛନ୍ତି। ନିଜ ପରିବାରର ପ୍ରତିପୋଷଣ ପାଇଁ ଆଉ ଘରର ପୁରୁଷଙ୍କ ଉପରେ ନିର୍ଭର ନକରି ନିଜେ ବ୍ୟବସାୟ କରିବା ଆରମ୍ଭ କରିଛନ୍ତି। ନିଜ ହାତ ତିଆରି କଳାକୃତି ମାଧ୍ୟମରେ ବି ମହିଳାମାନେ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଏମିତି ଏକ ଗାଁ ଅଛି ଯେଉଁ ଗାଁରେ ମହିଳାମାନେ ଗୋବରରୁ ବିଭିନ୍ନ ଡିଜାଇନର ଖେଳନା, କଣ୍ଢେଇ ତିଆରି କରୁଛନ୍ତି। ଏହାକୁ ବିକ୍ରି କରି ମାସକୁ ୫ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। କିଏ ଗୋବରକୁ ହାତରେ ଚକୁଟୁଛି ତ କିଏ ଗୋବରର ଲେପ ଦେଇ କଣ୍ଢେଇ ତିଆରି କରୁଛି। କିଏ କିଏ କଣ୍ଢେଇରେ ରଙ୍ଗ ଦେବା ପରେ ଖରାରେ ଶୁଖାଉଛନ୍ତି।



କଣ୍ଢେଇ ତିଆରିରେ ବ୍ୟସ୍ତ ଥିବା ଏହି ମହିଳାମାନେ ହେଉଛନ୍ତି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଚଢିଆପଲ୍ଲୀ ଗ୍ରାମର। ଦେବାଦେବୀ, ପଶୁପକ୍ଷୀ, ପଶୁମୁଖା ଭଳି କେତେକଣ ସୁନ୍ଦର ସୁନ୍ଦର ଖେଳଣା ରହିଛି। ଏ ସବୁ ପ୍ଲାଷ୍ଟିକ କି ରବରରେ ତିଆରି ହୋଇନି ବରଂ ଗୋବରରେ ତିଆରି ହୋଇଛି। ଏଠାକାର ମହିଳାମାନେ କାହିଁ କେତେ ବର୍ଷରୁ ଏହି ଗୋବର କଣ୍ଢେଇ ବ୍ୟବସାୟ କରି ଆସୁଛନ୍ତି। ଗୋବରକୁ ଲେପ ଦେଇ ଭିନ୍ନ ଭିନ୍ନ ଖେଳଣା ତିଆରି କରି ଖରାରେ ଶୁଖାନ୍ତି। ପରେ ହାତରେ ତୁଳି ଧରି ରଙ୍ଗ ଲଗାଇ ବଜାରରେ ବିକ୍ରି କରନ୍ତି। ପ୍ଲାଷ୍ଟିକର ଯୁଗରେ ବି ଗୋବର କଣ୍ଢେଇ ର ଚାହିଦା ବହୁତ ଭଲ ରହିଛି। ଯାନୀଜାତ, ପର୍ବପର୍ବାଣି ସମୟରେ ଏହି କଣ୍ଢେଇ ବିକ୍ରି କରାଯାଉଛି। ଯୌତୁକରେ ଏହି କଣ୍ଢେଇ ଖେଳନାକୁ ଶାଶୁ ଘରକୁ ଆଣୁଥିଲା ବୋହୂ। ଏବେ ବି ଗ୍ରାମାଞ୍ଚଳରେ ଏହି ପରମ୍ପରା ରହିଛି। ତେଣୁ ଏହି କଣ୍ଢେଇ ର ବିକ୍ରି ଭଲ ରହିଛି।

ସୂଚନା ଅନୁସାରେ ଆଗରୁ ଗାଁର ଚାରିରୁ ପାଞ୍ଚ ଜଣ ମହିଳା ଏହି ଖେଳଣା ତିଆରି କରୁଥିଲେ। ଏବେ ଗାଁ ର ୫୦ରୁ ଅଧିକ ମହିଳା ଟ୍ରେନିଂ ପାଇ ଗୋବର କଣ୍ଢେଇ ବ୍ୟବସାୟ ଆରମ୍ଭ କଲେଣି। ଗୋବର ଆଉ କାଠ ରେ ଏହାକୁ ନିର୍ମାଣ କରାଯାଉଥିବାରୁ ଏହା ଅତି ସହଜରେ ମାଟିରେ ମିଶି ଯାଉଛି। ପ୍ଲାଷ୍ଟିକ ଠାରୁ ଏହା ଅନେକ ଗୁଣରେ ପରିବେଶ ପାଇଁ ଭଲ। କିନ୍ତୁ ଏହି କାରିଗରଙ୍କ ଉପରେ ସରକାର ସ୍ୱତନ୍ତ୍ର ନଜର ଦେଇ ପ୍ରୋତ୍ସାହନ ରାଶି ଯୋଗାଇଦେବା ସହ ବିକ୍ରି ବ୍ୟବସ୍ଥାର ବ୍ୟବସ୍ଥା କରାଇଲେ ଭଲ ରୋଜଗାର ହୋଇପାରନ୍ତା।

# ବନ୍ଦ ଘରୁ ମହିଳାଙ୍କ ଶବ ଉଦ୍ଧାର



**ବୋରିଗୁମ୍ମା, ୧୬।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଥାନା ଅନ୍ତର୍ଗତ ଝିଲିମିଲି ଗ୍ରାମରେ ଗୋଟିଏ ବନ୍ଦ ହୋଇ ରହିଥିବା ଘରୁ ମହିଳା ମୃତ ଦେହ ଉଦ୍ଧାର କରାଯାଇଛି। ଖବର ପାଇ ଥାନା ଆଇଆଇସି ଯୁଗଳ କିଶୋର ସା, ଏଏସଆଇ ଚନ୍ଦନ ପ୍ରସାଦ ମାଝୀ ଝିଲିମିଲି ଗ୍ରାମକୁ ଯାଇଥିଲେ। ବନ୍ଦ ହୋଇ ରହିଥିବା ଘର ଭିତରେ ମହିଳାଙ୍କ କିପରି ମୃତ୍ୟୁ ହେଲା ତାହା ସନ୍ଦେହ ଜନକ ହୋଇଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ସ୍ୱାମୀ ବଳରାମ ପ୍ରତିଦିନ ମଦ ପିଇ ନିଜ ସ୍ତ୍ରୀ ରୋଜିକୁ ମାରପିଟ କରୁଥିବା କହିଛନ୍ତି । ତାଲା ଭାଙ୍ଗି ମହିଳାଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିଥିଲେ। ମୃତ ମହିଳାଙ୍କ ନାମ ରୋଜି ରାଉତ(୪୨ ବର୍ଷ)। ଗତ ଦୁଇ ଦିନ ହେଲା ରୋଜି ରାଉତଙ୍କୁ ତାଙ୍କ ସ୍ୱାମୀ ବଳରାମ ପାଇକ ଘରର ବାହାରପଟୁ ତାଲା ଦେଇ କୁଆଡେ ପଳାଇଥିଲେ। ଆଜି ମୃତ ମହିଳାଙ୍କ ସମ୍ପର୍କୀୟ ଥାନାରେ ପହଞ୍ଚି ଥିଲେ । ଏନେଇ ଥାନାରେ ଏକ ଅପମୃତ ରୁଜୁ କରାଯାଇଥିବା ଜଣାପଡିଛି ।

# ସିନାପାଲିରେ ରାବଣ ପୂଜା ଅନୁଷ୍ଠିତ



**ନୂଆପଡା, ୧୬।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲାରେ ରାବଣ ପୂଜା କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତା ଦୀର୍ଘ ୪୭ ବର୍ଷ ହେଲା ସିନାପାଲିର ବହୁଜନ ଦଳିତ ଯୁବକ ଯୁବତୀ ଦୁର୍ଗା ପୂଜା ସମୟରେ ଲଙ୍କାର ରାଜା ରାବଣକୁ ପୂଜା କରିଆସୁଛନ୍ତି। ଚଳିତବର୍ଷ ମଧ୍ୟ ସିନାପାଲି ରାବଣ ଛକରେ ୧୦ ଫୁଟ ରାବଣ ପ୍ରତିମୂର୍ତ୍ତି ନିର୍ମାଣ କରି ପୂଜା କରିଛନ୍ତି । ରାବଣଙ୍କୁ ଜଣେ ପ୍ରଜାବତ୍ସଳ ରାଜା, ଜଣେ ଜ୍ଞାନୀ ବୋଲି ଚିତ୍ରଣ କରୁଛନ୍ତି।

ଅନେକ ବର୍ଷ ହେବ ପୁରପଲ୍ଲୀ ଠୁ ଆରମ୍ଭ କରି ସହର ନଗର ପର୍ଯ୍ୟନ୍ତ ଯାଏ ୯ ଦିନ ଧରି ଦୁର୍ଗା ପୂଜା ହୋଇ ଆସୁଛି । ଦଶମୀ ଦିନ ହର୍ଷ ଉଲ୍ଲାସରେ ରାବଣ ଦହନ କରାଯାଏ । ରାବଣ ଜଣେ ଅତ୍ୟାଚାରି ସେ ସୀତା ମାତାଙ୍କୁ ଅପହରଣ କରି ନେଇଥିବାରୁ ପ୍ରତିବର୍ଷ ଏପରି ଦହନ କରାଯାଏ ବୋଲି ଜନ ମାନସରେ ଦୃଢ଼ ଧାରଣା ରହିଛି। ବହୁଜନ ଏବଂ ଦଳିତ ଯୁବକ ଯୁବତୀ ହଠାତ ଏହାର ବିପରୀତମୁଖୀ ହୋଇ ରାବଣ ପୂଜା କରିବା ସମସ୍ତଙ୍କୁ ଚକିତ କରିବା ସ୍ୱାଭାବିକ। ବହୁଜନ ଏବଂ ଦଳିତ ଯୁବକ ଯୁବତୀ ଅକାଟ୍ୟ ଯୁକ୍ତି କରୁଛନ୍ତି। ରାବଣ ନିଜ ଭଉଣୀ ସୂର୍ପଣଖା ପ୍ରତି ହୋଇଥିବା ଅତ୍ୟାଚାର ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ । ଭଉଣୀ ସୂର୍ପଣଖାକୁ ନ୍ୟାୟ ଦେବା ପାଇଁ ସୀତାଙ୍କୁ କୌଶଳ କ୍ରମେ ହରଣ କଲେ। ପୁଷ୍ପକ ବିମାନରେ ନେଇ ଅଶୋକ ବଣରେ ସୁସମ୍ମାନରେ ରଖି ସୀତା ଙ୍କର ରହିବା ପାଇଁ ସୁବ୍ୟବସ୍ଥା କରିଥିବା ପୁରାଣରେ ବର୍ଣ୍ଣିତ ହୋଇଛି ।

ଭାରତୀୟ ପୁରଣ ଶାସ୍ତ୍ର ରେ ଅନେକ ମୁଖ୍ୟ ଚରିତ୍ର ମାନଙ୍କ ମଧ୍ୟ ସଙ୍ଗୀନ ଅପରାଧ ମାନ ରହିଥିଲେ ହେ ସେମାନଙ୍କୁ ଦହନ କିମ୍ବା ଅସମ୍ମାନ କରାଯାଉ ନାହିଁ । ତେବେ ରାବଣ କ୍ଷେତ୍ର ରେ ଏପରି କାହିଁକି, ରାବଣ ତ ଭଉଣୀ ପାଇଁ ନିଜ ଜୀବନକୁ ଜଳାଞ୍ଜଳି ଦେଲେ ସୀତା ମାତାଙ୍କୁ, ମା ଭଉଣୀର ସମ୍ମାନ ଦେଇ ପୁଣି ପ୍ରଭୁ ରାମଙ୍କ ହାତରେ ମୃତ୍ୟୁ ହୋଇ ସ୍ୱର୍ଗବାସି ହେଲେ । ଜଣେ ସ୍ୱର୍ଗବାସି ହେଲେ ଜଣେ ସ୍ୱର୍ଗବାସିର ପ୍ରତିମାକୁ ପ୍ରତିବର୍ଷ ଦହନ କରି ଉଲ୍ଲାସ ମନାଇବା, ଦୁର୍ବଳ ମାନସିକ ପରି ତାର ପରିଚୟ ବୋଲି ଯୁକ୍ତି ବାଢୁଛନ୍ତି ପୂଜାର ଆୟୋଜକ ମଣ୍ଡଳୀ । ତେବେ ଦୁନିଆରେ କୌଣସି ଏକ ବିଚାର, ସଂସ୍କୃତି, ପାରମ୍ପରା ଚିରସ୍ଥାୟୀ ନୁହେଁ। ଆବାହମାନ କାଳରୁ ଏହା ପରିବର୍ତ୍ତନ ହୋଇ ହୋଇ ଆସିଛି । ଆଗକୁ ବି ହେବ ଏହା ମଧ୍ୟ ସେହି ଧାରା ର ଏକ ସାଂସ୍କୃତିକ ପରିବର୍ତ୍ତନ ସୂଚନା ବୋଲି ମନେହୁଏ । ସମ୍ବିଧାନରୁ ଅଧିକାର ପ୍ରାପ୍ତ ଆଧୁନିକ ଯୁଗର ଶିକ୍ଷିତ ପିଢ଼ି ପ୍ରତିଟି ବିଚାର ସଂସ୍କୃତି, ପରମ୍ପରା କୁ ମହାତ୍ମା ବୁଦ୍ଧଙ୍କ ବିଚାରରେ - ଜାନୋ ଛାନୋ ଫର ମାନୋ ପଦ୍ଧତି ର ମାନସିକ ତାରେ ପହଞ୍ଚି ଛନ୍ତି ବୋଲି ପୂଜାକମିଟି ର ଯୁବକ ମାନେ ମତ ବ୍ୟକ୍ତ କରୁଛନ୍ତି।




## ବସ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ପାଟଣାଗଡ, ୧୬।୧୦ (ସଂଚାର ବ୍ୟୁରୋ):** ବେଲପଡା ରାସ୍ତା ର ପୋଡ଼ଛାପର ଛକ ପାଖରେ ଏକ ଘରୋଇ ବସ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ପୋଡ଼ଛାପର ଗାଁର ନିବାଶ ଧରୁଆ । ବେଲପଡା ପଟରୁ ଯାଇଥିବା ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରୁ ବସ ଡ୍ରାଇଭର ଫେରାର ମାରିଥିବା ସୂଚନା ମିଳିଛି । ଯାତ୍ରୀମାନେ ଗାଡି ନିକଟରେ ଅପେକ୍ଷା କରି ରହିଥିବା ବେଳେ ଘଟଣାସ୍ଥଳରେ ବେଲପଡା, ପାଟଣାଗଡ଼ ପୁଲିସ ପହଁଚି ମୃତଦେହକୁ ପାଟଣାଗଡ଼ ଡାକ୍ତରଖାନା ଆଣିଛନ୍ତି । ମାଁ ମଙ୍ଗଳା ନାମକ ବସଟି ବେଲପଡା ପଟୁ ପାଟଣାଗଡ଼ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ବାଇକ ଆରୋହୀଙ୍କୁ ଧକ୍କା ଦେଇ ଦଳି ଦେଇଥିଲା । ଫଳରେ ଘଟଣା ସ୍ଥଳ ରେ ହିଁ ବାଇକ ଆରୋହୀ ଙ୍କ ମୃତ୍ୟୁ ଘଟିଛି ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭେଡେନ, ୧୬।୧୦ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଭେଡେନ ବ୍ଲକ ଅଧିନ କଦଳୀପାଲି ଗ୍ରାମର ବିଲ ମଝିରେ ଥିବା ଗୋଟିଏ ନିମ୍ବ ଗଛରେ ଜଣେ ଯୁବତୀଙ୍କ ମୃତଦେହ ବୁଧବାର ଦିନ ଝୁଲୁଥିବା ଗାଁର କେତେକ ଲୋକ ଦେଖି ଭେଡେନ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଂଚି ଘଟଣାର ତଦନ୍ତ କରୁଥିବା ବେଳେ ମୃତ ଯୁବତୀ ସହ ପ୍ରେମ ସମ୍ପର୍କ ଥିବା ଉକ୍ତ ଗ୍ରାମର ଜଣେ ଯୁବକ ଓ ତାଂକ ବାପାକୁ ଭେଡେନ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ସନ୍ଧ୍ୟାରେ ସାଇଣ୍ଟିଫିକ ଦଳ କଦଳିପାଲିକୁ ଆସି ଘଟଣାର ତଦନ୍ତ କରୁଛନ୍ତି । ଉଲ୍ଲେଖନୀୟ ଯେ ଏହି ଯୁବତୀ କଦଳୀପାଲି ଗ୍ରାମର ଜଣେ ଯୁବକଙ୍କୁ ଫେସବୁକ୍‌ରେ ପ୍ରେମ କରୁଥିବା ଅଭିଯୋଗ କରି ମଙ୍ଗଳବାର ଦିନ ଅପରାହ୍ନରେ ଏକ ସ୍କୁଟିରେ କଦଳିପାଲିକୁ ଆସି ପୁଅ ଘର ଆଗରେ ବିବାହ ପାଇଁ ଜିଦ ଧରିଥିଲେ। ଏହାପରେ ସେ ଫୋନରେ କଥା ହେଇ ହେଇ କୁଆଡେ ଚାଲି ଯାଇଥିଲେ । ମଙ୍ଗଳବାର ଦିନ ତାଙ୍କ ଓଢଣୀରେ ସେ ଆତ୍ମହତ୍ୟା କରିଥିବା ଦେଖା ଯାଇଥିଲା।

# ଲଗାମଛଡ଼ା ଶବ୍ଦ ପ୍ରଦୂଷଣ

**କଳାହାଣ୍ଡି, ୧୬।୧୦ (ସଂଚାର ବ୍ୟୁରୋ):** ଜଳ, ବାୟୁ, ମୃତ୍ତିକା ପ୍ରଦୂଷଣ ଭଳି ସମ୍ପ୍ରତି ଶବ୍ଦ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରି ଏହା ଜୀବ ଜଗତ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଉଛି । କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳ ମଧ୍ୟ ଶବ୍ଦ ପ୍ରଦୂଷଣ ସୀମା ଉଲଂଘନ କଲାଣି । ଏହାଦ୍ୱାରା ଜନସାଧାରଣ ସମେତ ଜୀବଜନ୍ତୁ ଦହଗଞ୍ଜ ହେବାର ଦେଖାଯାଉଛି। ବିଶେଷ କରି ବିଭିନ୍ନ ପୂଜା ପାର୍ବଣ ସମୟରେ ଶବ୍ଦ ପ୍ରଦୂଷଣ ମାତ୍ରା ଆଶାତିତ ଭାବରେ ବୃଦ୍ଧି ପାଇଥାଏ । ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନିକ ନିଷ୍କ୍ରିୟତା ଏବଂ ଜନସଚେତନତାର ଘୋର ଅଭାବ ଯୋଗୁଁ ଦିନକୁ ଦିନ ଶବ୍ଦ ପ୍ରଦୂଷଣ ସୀମା ଅତିକ୍ରମ କରୁଛି । ପୂଜା ପାର୍ବଣ ସାମାଜିକ ଓ ରାଜନୈତିକ ଉତ୍ସବ କୀର୍ତ୍ତନ, ଭାଗବତ ସମେତ ଶିଶୁର ଏକୋଶିଆ, ନାମକରଣ, ଅର୍ଣ୍ଣପ୍ରସନ ପୂଜା ପାଠ ଆଦି ବିନା ଡାକବାଜି ଯନ୍ତ୍ରରେ ପାଳନ କରାଯାଉ ନାହିଁ । ଏହା ପ୍ରତିଯୋଗିତା କଲା ଭଳି ରାତିରେ ଚାଲିଛି । ଡିଜେ ଭଳି ଡାକବାଜି ଯନ୍ତ୍ରର କାନଫଟା ହୃଦୟ ଥରିଲା ଭଳି ଧ୍ୱନି ସାଙ୍ଗକୁ ଭୟଙ୍କର ଶବ୍ଦ କରୁଥିବା ବାଣ ଫଟକାର ଢ଼ୋ ଢ଼ୋ ଧ୍ୱନିରେ ଉତ୍ସବ ପାଳନ କରିଥିବା ବ୍ୟକ୍ତି ଖୁସିରେ ଉଦଣ୍ଡ ନୃତ୍ୟ କରୁଥିବା ବେଳେ ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦେଖିବାକୁ କେହି ନାହାଁନ୍ତି ।

ସୂଚନାଯୋଗ୍ୟ ଯେ, ୨୦୦୫ ମସିହା ଅକ୍ଟୋବର ମାସରେ ସୁପ୍ରିମ କୋର୍ଟ ରାତି ୧୦ଟା ପରେ ତୀବ୍ର ଧ୍ୱନି ସୃଷ୍ଟିକାରି ଉପକରଣ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିଛନ୍ତି । କିନ୍ତୁ ଏହି



ନିଷେଧାଦେଶର ଖୋଲାଖୋଲି ଉଲଘଂନ କରାଯାଇ ଗାଁ ରୁ ସହର ଯାଏଁ ସବୁଠି ରାତି ୧୦ ଟା ପରେ ବାହାଘର ଆଦି ବିଭିନ୍ନ ଶୋଭା ଯାତ୍ରା ବାହାରି ଉତ୍କଟ ଧ୍ୱନି ସୃଷ୍ଟିକାରି ଡାକବାଜି ଯନ୍ତ୍ର ବ୍ୟବହାର ଏବଂ ବାଣ ଫଟକା ଫୁଟାଉଥିବାର ଦୃଶ୍ୟ ଅଭାବ ନାହିଁ । ଏହାକୁ ରୋକିବା ପାଇଁ ଆବଶ୍ୟକ ଜନସେଚତନତା ସୃଷ୍ଟି କରାଯାଉ ନାହିଁ । ବୈଜ୍ଞାନିକ ମାନଙ୍କ କହିବାନୁଯାଇ ପ୍ରାଣୀମାନେ ଅତି ବେଶୀରେ ୧୦୦ ଡେସିବଲ ଶବ୍ଦ ସହ୍ୟ କରି ପାରନ୍ତି । ୧୩୦ ଡେସିବଲ ଶବ୍ଦ ତୀବ୍ରତା ଧ୍ୱନି ଶ୍ରୁତିକଟୁ ହୋଇଥିବା ବେଳେ ତା ଠାରୁ ଅଧିକ ତୀବ୍ରତା ଥିବା ଧ୍ୱନି ଶରୀର ପକ୍ଷେ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ।

ବିଶେଷଜ୍ଞମାନଙ୍କ ମତରେ ତୀବ୍ର ଧ୍ୱନି ଯୋଗୁଁ ପ୍ରାଣୀ ମାନଙ୍କ ଠାରେ ନିଦ୍ରାହୀନତା, ଉଦବେଗ ଅବସାଦ, ଆଦି ଲକ୍ଷଣ ଦେଖାଦେବା ସହିତ ବୃଦ୍ଧ ଶିଶୁ ରୋଗୀ ଏଥି ଯୋଗୁଁ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହା ଛଡା ଏହାର ପ୍ରଭାବ ରେ ରକ୍ତ ଚାପ ବୃଦ୍ଧି, ଶ୍ରୁତି ଶକ୍ତି ହରାଇବା, ମୁଣ୍ଡ ବୁଲାଇବା, ବାନ୍ତି ହେବା, ମୁଣ୍ଡ ବିନ୍ଧା, ବଜହଜମି,ଶୀଘ୍ର କ୍ଲାନ୍ତ ହେବା, ଶ୍ୱାସ ରୋଗ ହେବା ଆଦି ସମସ୍ୟା ଦେଖାଯାଇ ଥାଏ । ସ୍ୱାସ୍ଥ୍ୟ ସଂସ୍ଥାର ନିୟମନୁଯାଇ ଦିନ ବେଳା ୪୫ ଏବଂ ରାତିବେଳା ୩୫ ଡେସିବିଲ ପରିମାଣରେ ଶବ୍ଦ ସ୍ୱାସ୍ଥ୍ୟ ପ୍ରତି କୌଣସି କ୍ଷତି ସାଧନ କରେ ନାହିଁ । ଠିକ ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ସଂସ୍ଥାର ଅଧିନିୟମନୁଯାଇ ଡାକ୍ତରଖାନା, ବିଦ୍ୟାଳୟ, ବିଚାରଳୟ, ମଠ, ମନ୍ଦିର ଆଦି ଅଂଚଳରେ ଦିନ ବେଳା ୫୦ ଓ ରାତିରେ ୪୦ ଡେସିବିଲ, ବାସଗୃହ ଅଂଚଳରେ ୫୫ ଡେସିବିଲ, ବ୍ୟବସାୟିକ ଅଂଚଳରେ ୬୫ ଡେସିବିଲ ଓ ରାତିରେ ୪୫ ଡେସିବିଲ ଏବଂ କଲକାରଖାନା ଅଞ୍ଚଳରେ ଦିନ ବେଳେ ୭୫ ଓ ରାତିରେ ୭୦ ଡେସିବିଲ ଶବ୍ଦର ସୀମା ରଖା ଯାଇଛି । ଶବ୍ଦ ପ୍ରଦୂଷଣ ଆଇନ ଉଲଘଂନ କଲେ ୧ ଲକ୍ଷ ଟଙ୍କା ଜରିମାନା ଏବଂ ୫ ବର୍ଷ କାରାଦଣ୍ଡର ବ୍ୟବସ୍ଥା ରହିଛି ।



# ନବୀନଙ୍କ ଜନ୍ମଦିନ ପାଳିଲା ବ୍ରହ୍ମପୁର ବିଜେଡି

## ସମୂହ ଦୀପଦାନ ସହ ୧୯୨ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର, ୧୬।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଜୁ ଜନତା ଦଳ ପକ୍ଷରୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ନବୀନ ବାବୁଙ୍କ ଦୀର୍ଘାୟୁ କାମନା କରି ମା ବୁଢ଼ୀ ଠାକୁରାଣୀ ମନ୍ଦିରରେ ସମୂହ ଦୀପଦାନ ସହ ଡାଇମଣ୍ଡ ଜୁବୁଲି ଟାଉନ୍ ହଲରେ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ କେକ୍ କାଟି ଦଳ ମୁଖିଆଙ୍କୁ ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ ବିଜେଡି ନେତା ଓ କର୍ମୀ। ଆୟୋଜିତ ରକ୍ତ ଦାନ ଶିବିରରେ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇ ରକ୍ତଦାନ କରିଥିଲେ। ମୋଟ ୧୯୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ , ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ମମତା ବିଷୋୟୀ, ବିଜୟ ଚନ୍ଦ୍ର ସାମଲ, ସୋନାଲି ଗନ୍ତାୟତ, ଭଗବାନ ଗନ୍ତାୟତ, ଜଗନ୍ନାଥ ସାବତ, ଅନୀଲ କୁମାର ସାହୁ, ଅଜିତ ପଣ୍ଡା,କୈଳାସ ରଣା ଅଜୁ ମହାରଣା, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରମୋଦ ମହାରଣା, ସୁନ୍ୟଚନ୍ଦ୍ର ଦାସ, ମଦନମୋହନ ଦଳେଇ, କେ ଏଙ୍କାଟି ରେଡ୍ଡୀ, ଦୂର୍ଗା ପ୍ରସାଦ ପଣ୍ଡା, ନିରଞ୍ଜନ ଜେନା, ସୁରେନ୍ଦ୍ର ପଟ୍ଟନାୟକ, ଚନ୍ଦ୍ର ମୋହନ ସାହୁ, ରାକେଶ କୁମାର ସାହୁ, ଉମା ମିଶ୍ର , ପି ଭିମୁଡୁ, ପି ଜାନକୀଙ୍କ ସମେତ ବିଜୁ ପରିବାରର ବହୁ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ।

# ନିଆରା ଢଙ୍ଗରେ ନବରାତ୍ର ଓ ଶାରଦୀୟ ଦୁର୍ଗାପୂଜା ପାଳିତ

**ବୋରିଗୁମ୍ମା, ୧୬।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଭେଙ୍କଟ ନଗର ରେ ବାସ କରୁଥିବା ବରିଷ୍ଠ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିଜ ବାସଭବନରେ ନିଆରା ଢଙ୍ଗରେ ନବରାତ୍ର ଓ ଶାରଦୀୟ ଦୁର୍ଗା ପୂଜା କରିଥିଲେ।ମୋଟ ୧୭ ଗୋଟି ପରିବାର ସାମୁହିକ ଭାବେ ନବରାତ୍ର ଓ ଶାରଦୀୟ ପୂଜା କରିଥିବା ବେଳେ ଶେଷ ଦିନରେ ଛଅ ସମାଜସେବୀ ଙ୍କୁ ସମ୍ମାନିତ କରିବା ସହ ଔପଢୌକନ ସହ ଉପହାର ପ୍ରଦାନ କରିଥିଲେ। ନବରାତ୍ର



ପ୍ରଥମ ଦିବସ ରୁ ଅଭିଷେକ, କଳସ ସ୍ଥାପନ, ସଂକଳ୍ପ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମହାମନ୍ତ୍ର ଜପ,ସାଇ ସତଚରିତ ପାରାୟଣ ଆରମ୍ଭ ହୋଇଥିଲା।ଗତ ୧୧ ତାରିଖରେ ଯଜ୍ଞାରମ୍ଭ ଓ ପୂର୍ଣ୍ଣାହୁତି କରାଯାଇ ନାମ ସଂକୀର୍ତ୍ତନ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ସାଇ ଆତ୍ମା ଦର୍ଶନ ଚାରିଟେବଲ ଓ ରାମୋଜି ସିନ୍ଧେ ସାଇ ପରିବାର ର ପ୍ରତିଷ୍ଠାତା ସାଇସେବକ ରଞ୍ଜନ ପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସାଇସେବକ ରଞ୍ଜନ ପାତ୍ର ଛଅ ଜଣ ସମାଜସେବୀ ଶିଶୁ ସେବିକା ଆମ୍ମାଜି ଦାସ,ଶବ ବାହକ ସୋମନାଥ ଦିଶାରୀ, ସୀମାଞ୍ଚଳ ସାହୁ,ଶବ ବାହକ ଗାଡିର ଡ୍ରାଇଭର ମନୋଜ କୁମାର ସାହୁ, ସତ୍ୟେନ୍ଦ୍ର କୂଳଦୀପ ଅବୈତନିକ ମନ୍ଦିର ସଫେଇ ବ୍ୟକ୍ତି ତିଳ ଗଣ୍ଡା ଙ୍କୁ ସମ୍ମାନିତ କରାଯାଇଥିଲା।ସମ୍ମାନ ସ୍ୱରୂପ ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା।ସାଇସେବକ ରଞ୍ଜନ ପାତ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଛଅ ଟି କୁଷ୍ଠାଶ୍ରମ ର ପ୍ରତିଷ୍ଠା କରିବା ସହ ଏକ ହଜାର ରୁ ଉର୍ଦ୍ଧ୍ୱ କୁଷ୍ଠ ରୋଗୀକ୍ରାନ୍ତ ପରିବାର ର ସଂରକ୍ଷଣ କର୍ତ୍ତା ଅଟନ୍ତି। ଶେଷ ଦିନରେ ମୋଟ ଛଅ ଗୋଟି ନାମ ସଂକୀର୍ତ୍ତନ ଦଳଯୋଗ ଦେଇଥିବା ବେଳେ ବୋରିଗୁମ୍ମା ଅଞ୍ଚଳ ର ପ୍ରାୟ ୧୫ଶହ ରୁ ସାଇ ଭକ୍ତ ପ୍ରସାଦ ସେବନ କରିଥିଲେ।ଚଳିତ ନବରାତ୍ର ଓ ଶାରଦୀୟ ପୂଜା କୁ ବୋରିଗୁମ୍ମା ଭେଙ୍କଟ ନଗର ସାଇ ଗାୟତ୍ରୀ ପରିବାର ପରିଚାଳନା କରିଥିଲେ।




## ଆଗରେ ଆନ୍ଦୋଳନ, ପଛରେ ବୋହି ନେଲେ ପେଟି ପେଟି ମଦ

**କାମାକ୍ଷାନଗର, ୧୬।୧୦ (ସଂଚାର ବ୍ୟୁରୋ):** ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ପଞ୍ଚାୟତ କୁଣ୍ଡା ଛକରେ ଦୀର୍ଘ ବର୍ଷ ହେଲା ଥିବା ମଦ ଦୋକାନ ବନ୍ଦ କରିବାକୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ସେପ୍ଟେମ୍ବର ୧ତାରିଖ ରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧି କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ମହିଳା ମାନେ ଆନ୍ଦୋଳନ କରିଥିବା ବେଳେ ପୁରୁଷ ପଛ ପଟ କବାଟ ଭାଙ୍ଗି ପେଟି ପେଟି ମଦ ବୋହି ନେଇଥିଲେ। ପୋଲିସ ନିରବଦ୍ରଷ୍ଟା ସାଜିଥିଲା। ନେତୃତ୍ୱ ନେଇଥିଲେ ୱାର୍ଡ ମେମ୍ବର ପ୍ରମୋଦ ନାୟକ, ମାନସ ନାୟକ ଜୟନ୍ତ ବାରିକ୍ ରମାକାନ୍ତ ଦଳେଇ, ପବିତ୍ର ମୋହନ ରାଉତ୍ ନିରଞ୍ଜନ ରାଉତ। ସୂଚନାଯୋଗ୍ୟ ଏହାର କିଛି ଦୂରରେ ୨ଟି ଅସ୍ଥାୟୀ ମଦ ବିକ୍ରୀ ଦୋକାନ ରହିଥିଲେ ବି ମହିଳାଙ୍କ ନଜର ସେଠାରେ ପଡୁ ନାହିଁ କିପରି। ଏହି ଆନ୍ଦୋଳନ ପଛରେ ଦଶହରା ଦିନର ଗଣ୍ଡଗୋଳ ବି କାରଣ ହୋଇପାରେ ।

# ନବୀନଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

**ଖୋର୍ଦ୍ଧା, ୧୬।୧୦ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ରାଜ୍ୟ ସଭାପତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୮ବର୍ଷ ଜନ୍ମ ଦିବସ ଅବସରରେ ସ୍ଥାନୀୟ ଇଗଲ କ୍ଲବ ପରିସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ମାନ୍ୟବର ବିଧାୟକ ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ।



କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ବିଜୁ ଜନତା ଦଳର ଭୁବନେଶ୍ୱର ଲୋକସଭା ପାର୍ଥି ଶ୍ରୀଯୁକ୍ତ ମନ୍ମଥ ରାଉତରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଭିଷେକ ସିଂ ସାମନ୍ତ , ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଟାଙ୍ଗି ବ୍ଲକ ଅଧ୍ୟକ୍ଷା ରୀନା ମାନ୍ଧାତା, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂ, ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌମ୍ୟରଂଜନ ମହାନ୍ତି , ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ , ପୌର ପରିଷଦ ଖୋର୍ଦ୍ଧାର କାଉନସିଲର ପ୍ରବୀଣା ଜଗଦ୍ଦେବ ରାୟ , ଅମୀୟ ମହାନ୍ତି , ଅନୀଲ ଅଗ୍ରୱାଲ , ପ୍ରମୋଦ ବଳିଆରସିଂ , ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ଖୋର୍ଦ୍ଧା ଡ଼ି ଏଚ ଏଚ ବ୍ଲଡ଼ ବ୍ୟାଙ୍କ ସହାୟତାରେ ଅନୁଷ୍ଠିତ ରକ୍ତଦାନ ଶିବିରରୁ ୯୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଅବ୍ୟକ୍ତ ହରିହର ଖାଡାଙ୍ଗାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ସତ୍ୟପ୍ରକାଶ ସାହୁ ,ଶୁଭକାନ୍ତ ମହାପାତ୍ର , ହିମାଂଶୁ ରାୟ, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ସମସ୍ତ କ୍ଲବ ସଦସ୍ୟ ସହିତ ସ୍ଥାନୀୟ ବିଜୁ ଜନତା ଦଳର ପୁରୁଖା କର୍ମୀମାନେ ସହଯୋଗ କରିଥିଲେ ।

# ଜିଏ ପ୍ଲଟ୍ ହାତେଇ ନେଉଛନ୍ତି ବିଲ୍ଡର

**ଭୁବନେଶ୍ୱର, ୧୬।୧୦ :** ରାଜଧାନୀରେ ମୁଣ୍ଡ ଗୁଞ୍ଜିବାପାଇଁ ସରକାରଙ୍କ ଠାରୁ ଜମି ଖଣ୍ଡିଏ ନେଇଥିବା ଲୋକେ ଏବେ ସେହି ଜମିକୁ ରାତାରାତି ଫ୍ରି ହୋଲ୍ଡ କରି ବିଲଡରଙ୍କ ହାତରେ ଟେକି ଦେଉଛନ୍ତି। ଯେଉଁମାନେ ଫ୍ରି ହୋଲ୍ଡ ପାଇଁ ଟଙ୍କା ଯୋଗାଡ କରିପାରୁ ନାହାନ୍ତି ସେମାନଙ୍କ ପାଇଁ ବିଲ୍ଡର ଆଗୁଆ ପଇସା ଯୋଗାଇ ଦେଉଛନ୍ତି। ପରବର୍ତ୍ତୀ ସମୟରେ ସେହି ଜମି ଉପରେ ବଡ ବଡ ଆପାର୍ଟମେଣ୍ଟ ନିର୍ମାଣ ହୋଇ ବେପାର କରାଯାଉଛି।

ସାଧାରଣ ପ୍ରଶାସନ ପକ୍ଷରୁ ଲୋକଙ୍କ ଘର କରି ରହିବାପାଇଁ ଶସ୍ତାରେ ଜମି ଯୋଗାଇ ଦିଆଯାଇଛି। ଜମି ନେବା ସମୟରେ ଲୋକେ ହାତକାଟି ଲେଖିଦେଇଛନ୍ତି ଯେ ସେମାନଙ୍କର ରାଜଧାନୀରେ ବାସଗୃହ ଖଣ୍ଡିଏ ନଥିବାରୁ ଘର କରି ରହିବାପାଇଁ ଜମି ଖଣ୍ଡେ ଦିଆଯାଉ। ସରକାର ଲିଜ୍‌ରେ ଯୋଗାଇ ଦେଇଥିବା ଏହି ଜମି ଉପରେ ଏବେ ମାଳ ମାଳ ଆପାର୍ଟମେଣ୍ଟ ଛିଡା ହେବାରେ ଲାଗିଛି।

ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଜିଏ ପ୍ଲଟ ଉପରେ ୨୫୩ଟି ଆପାର୍ଟମେଣ୍ଟ ନିର୍ମାଣ ଲାଗି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅନୁମତି ପ୍ରଦାନ କରିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୯ଟି ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଆହୁରି ଅନେକ ବିଲଡର ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଅନୁମତି ପାଇବା ସକାଶେ ଧାଡି ଲଗାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ୪୯ଜଣ ଆପାର୍ଟମେଣ୍ଟ ମାଲିକଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇ ସାରିଲାଣି।

ରାଜଧାନୀର ବିଭିନ୍ନ ୟୁନିଟ୍‌ରେ ଥିବା ଜିଏ ପ୍ଲଟ ଉପରେ ଆପାର୍ଟମେଣ୍ଟ ନିର୍ମାଣ ଲାଗି ଅନୁମତି ଦିଆଯିବା ଫଳରେ ସେହିସବୁ ଅଞ୍ଚଳରେ ଗୋଟିଏ କିମ୍ବା ଦୁଇମହଲା ଘର କରି ରହିଥିବା ଲୋକଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଛି। ଯେଉଁ ପ୍ଲଟ ଉପରେ ଗୋଟିଏ କିମ୍ବା ଦୁଇଟି ପରିବାର ରହିବାକଥା ସେଠାରେ ଆପାର୍ଟମେଣ୍ଟ ନିର୍ମାଣ ଯୋଗୁଁ ୩୦/୪୦ ପରିବାର ରହୁଛନ୍ତି। ଫଳରେ ସେହି ଅଞ୍ଚଳରେ ସ୍ୱରେଜ ଠାରୁ ଆରମ୍ଭକରି ଜଳ ଯୋଗାଣ ଓ ପାର୍କିଂ ସମସ୍ୟା ଉପୁଜୁଛି। ଲୋକେ ରାସ୍ତା ଉପରେ ଶହ ଶହ ଗାଡି ରଖୁଛନ୍ତି।

ଜିଏ ପ୍ଲଟରେ ଆପାର୍ଟମେଣ୍ଟ ନିର୍ମାଣ ଯୋଗୁଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏବେ ସ୍ୱରେଜ ସମସ୍ୟା ଦେଖା ଦେଉଛି। କାରଣ ଜମି ଆବଣ୍ଟନ ସମୟରେ ସରକାର ଯେତିକି ଲୋକଙ୍କୁ ଦୃଷ୍ଟିରେ ରଖି ସ୍ୱରେଜ ଓ ପାଣି ଲାଇନ୍ ବିଛାଇଥିଲେ ଏବେ ତାହାଠାରୁ ୧୦ରୁ ୨୦ଗୁଣ ଅଧିକ ଲୋକ ରହୁଛନ୍ତି। ଫଳରେ ସ୍ୱରେଜ ଲାଇନ୍ ବାରମ୍ବାର ଜାମ୍ ହେବା ସହିତ ଜଳ ଯୋଗାଣରେ ବି ସମସ୍ୟା ଦେଖା ଦେଉଛି। ସେହିଭଳି ଅଧିକ ଲାଭ ଆଶାରେ କେତେକ ଆପାର୍ଟମେଣ୍ଟ କମ୍ ପାର୍କିଂ ଅଞ୍ଚଳ ରଖୁଥିବାରୁ ଲୋକେ ବାଧ୍ୟହୋଇ ରାସ୍ତା ଉପରେ ନିଜ ନିଜ ଗାଡି ରଖୁଛନ୍ତି। ଏହା ଫଳରେ ଆଖପାଖ ଅଞ୍ଚଳରେ ରହୁଥିବା ଲୋକେ ବିଶେଷକରି ଯେଉଁମାନେ ପରିବାର ସହିତ ଗୋଟିଏ କିମ୍ବା ଦୁଇ ମହଲା ଘରେ ରହୁଛନ୍ତି ସେମାନେ ଭିତରେ ନକେଦମ ହେଉଛନ୍ତି।

ସେହିଭଳି ଜିଏ ପ୍ଲଷ୍ଟରେ ୫/୭ ମହଲାର ଆପାର୍ଟମେଣ୍ଟ ପାଇଁ ଅନୁମତି ପ୍ରଦାନ ଫଳରେ ଏହା ଆଖପାଖରେ ଛୋଟ ଛୋଟ ଘର କରିଥିବା ଲୋକେ ଆଉ ସହଜରେ ଟିକେ ଖୋଲା ପବନ କିମ୍ବା ସୂର୍ଯ୍ୟକିରଣ ପାଉନାହାନ୍ତି। ତେବେ ଛୋଟ ଛୋଟ ଜିଏ ପ୍ଲଟରେ ବଡ ବଡ ଆପାର୍ଟମେଣ୍ଟ କିଭଳି ଅନୁମତି ଦିଆଯାଉଛି ଓ ବିଡିଓ ଏବଂ ବିଏମ୍‌ସି ଭଳି ସଂସ୍ଥା ସବୁ ଦେଖି ନଦେଖିଲା ଭଳି ରହୁଛନ୍ତି ତାହା ଏବେ ରାଜଧାନୀବାସୀଙ୍କୁ ଆଶ୍ଚର୍ଯ୍ୟ କରୁଛି। (ତଥ୍ୟ)



# ୭୯ ବର୍ଷରେ ନବୀନ: ସବୁଆଡୁ ଶୁଭେଚ୍ଛାର ସୁଅ

**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୮ ବର୍ଷ ପୂର୍ଣ୍ଣ କରିଛନ୍ତି। ଏହି ଅବସରରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ଏହାବ୍ୟତିତ ବିଜେଡି ନେତା, ବିଭିନ୍ନ ବର୍ଗର ଲୋକ ଓ ଛାତ୍ର ଛାତ୍ରୀ ନବୀନ ନିବାସକୁ ଯାଇ ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଅରବିନ୍ଦ ମହାପାତ୍ର, ସୁନୀଲ ମହାନ୍ତି, ସୌଭିକ ବିଶ୍ୱାଳ, ରମେଶ ମାଝି, ଶ୍ରୀମୟୀ ମିଶ୍ର, ମନ୍ମଥ ରାଉତରାୟ, ସୁଧୀର ସାମଲ, ଲତିକା ପ୍ରଧାନ, ଲୋପାମୁଦ୍ରା ବକ୍ସିପାତ୍ର, ଭୃଗୁ ବକ୍ସିପାତ୍ର, ପ୍ରଜାପିତା ବ୍ରହ୍ମା କୁମାରୀ ଅନୁଷ୍ଠାନର ସଭ୍ୟା, ବିଏମ୍‌ସି କର୍ପୋରେଟରଙ୍କ ସମେତ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କୁ ଭେଟି ତାଙ୍କ ଦୀର୍ଘଜୀବନ କାମନା କରିଥିଲେ।

# ଶ୍ରୀକ୍ଷେତ୍ର ଜଗିବ ସିସିଟିଭି



**ପୁରୀ,୧୬।୧୦ (ସଂଚାର ବ୍ୟୁରୋ) :** ଉଚ୍ଚ କ୍ଷମତାସମ୍ପନ୍ନ ସିସିଟିଭି ସର୍ଭେଲାନ୍ସରେ ରହିବ ସହର। କମାଣ୍ଡ ଓ କଣ୍ଟ୍ରୋଲ ରୁମ୍ ସହିତ ଯୋଡିହେବ ସମସ୍ତ ସିସିଟିଭି। ଏଥିପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ 'ସିସିଟିଭି ଯୋଜନା'। ବୁଧବାର ଏହି ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ସିସିଟିଭି ଯୋଜନା କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ସହରର ବିଭିନ୍ନ ପ୍ରବେଶ ପଥ ଯଥା ସମଙ୍ଗ, ମାଳତୀପାଟପୁର, ମଙ୍ଗଳାଘାଟ ଆଦି ସ୍ଥାନରେ ୬୨୦ ସିସିଟିଭି କ୍ୟାମେରା ଲାଗିବ। ଅପ୍‌ଟିକାଲ ଫାଇବର ସହ ସିସିଟିଭି କ୍ୟାମେରାର ସଂଯୋଗ କରାଯିବ। ଏହାର କମାଣ୍ଡ କଣ୍ଟ୍ରୋଲ ସେଟ୍‌ଅପ୍ ରହିବ। ଯାହା ଦ୍ୱାରା ସବୁ ବିଭାଗ ନିଜ କାର୍ଯ୍ୟ କରିପାରିବେ। ଯାହାଦ୍ୱାରା ସହର ଅପରାଧମୁକ୍ତ, ସୁରକ୍ଷିତ ଓ ଟ୍ରାଫିକ୍ ସୁପରିଚାଳନା ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶ୍ରୀମନ୍ଦିରରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି ଲାଗିଛି। ଏବେ ଶ୍ରୀମନ୍ଦିର ଭିତର ଓ ବାହାର କାଠ ନିକଟରେ ଦର୍ଶନ ନିୟନ୍ତ୍ରିତ କରିବାକୁ ସିସିଟିଭି କ୍ୟାମେରା ଲାଗିଛି। ଏଥିସହ ଶ୍ରୀମନ୍ଦିର ଭିତରେ ଓ ବାହାରେ ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ପଥ, ନାଟମଣ୍ଡପରେ ସିସିଟିଭି କ୍ୟାମେରା ଲାଗିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

■ କାର୍ତ୍ତିକରେ ଶୃଙ୍ଖଳିତ ଦର୍ଶନ ପାଇଁ କଟକଣା

# ୧୮ରୁ ୨ ଦ୍ୱାରରେ ଶ୍ରୀମନ୍ଦିରକୁ ପ୍ରବେଶ



**ପୁରୀ,୧୬।୧୦ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସରେ ଭକ୍ତ ଓ ହବିଷ୍ୟାଳିଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିଛି ଶ୍ରୀମନ୍ଦିର ପ୍ରଶାସନ। ଅକ୍ଟୋବର ୧୮ ତାରିଖରୁ କେବଳ ସିଂହଦ୍ୱାର ଏବଂ ପଶ୍ଚିମ ଦ୍ୱାରରେ ପ୍ରବେଶ ଅନୁମତି ଦିଆଯିବ। ଶ୍ରଦ୍ଧାଳୁ ଭକ୍ତମାନେ ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବେ । ସିଂହଦ୍ୱାରରେ ପ୍ରସ୍ଥାନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ଏହି କଟକଣା ଶ୍ରୀମନ୍ଦିର ସେବକ ଏବଂ ସେବକଙ୍କ ପରିବାର ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

ପୁଣ୍ୟ ମାସ କାର୍ତ୍ତିକର ଆଗମନ ହେବାକୁ ଯାଉଥିବା ବେଳେ ମହାପ୍ରଭୁଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ସମ୍ପାଦନ ସହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ବ୍ରତଧାରୀଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେଣୁ ଏହାକୁ ନଜରରେ ରଖି ନିଆଯାଇଥିବା ଏହି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ସହ ସହଯୋଗ ପ୍ରଦାନ କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

# ଏଥର ବିଶ୍ୱସ୍ତରୀୟ ହେବ ବାଲିଯାତ୍ରା

▶ ଝୁମାଇବେ ବଲିଉଡ୍ ସିଙ୍ଗର
▶ ଅସ୍ମିତାକୁ ନେଇ ହେବ ଡ୍ରୋନ୍ ଶୋ'

**କଟକ, ୧୬।୧୦ (ସଂଚାର ବ୍ୟୁରୋ):** ଚଳିତବର୍ଷ ଅଧିକ ଆକର୍ଷଣୀୟ ହେବ ଐତିହାସିକ ବାଲିଯାତ୍ରା। ନଭେମ୍ବର ୧୫ ତାରିଖରୁ ବାଲିଯାତ୍ରା ଆରମ୍ଭ ହେଉଛି। ଇତିମଧ୍ୟରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥର ବଲିଉଡ୍ କଣ୍ଠଶିଳ୍ପୀ ସୁରେଶ ୱାଡେକର, ସୋନୁ ନିଗମ୍, ଅନୁପ ଜଲୋଟାଙ୍କ ପରି ଗୀତରେ ଝୁମିବ ବାଲିଯାତ୍ରା।



ଏଥର ମୋଟ୍ ୧୧୦୦ ପ୍ଲଟ୍ ଆବଣ୍ଟନ ହେବାକୁ ଥିବା ବେଳେ ବାଲିଯାତ୍ରା ଉତ୍ସବ ପାଇଁ ଇଣ୍ଟିଗ୍ରେଟେଡ୍ ଟେଣ୍ଡର ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୯ ତାରିଖରୁ ଚାଲିବ ପ୍ଲଟ୍ ନିଲାମ ପ୍ରକ୍ରିୟା। ଏହା ସହ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଟକ-ଇନ-କଟକ ପ୍ୟାଭିଲିଅନରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ସିନେମାର ଥିମ୍ ପ୍ରଦର୍ଶିତ ହେବ। ଏହା ସହ ସାସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ କଳାକାରଙ୍କ ସହିତ ପିୟୁଷ ମିଶ୍ର ଏବଂ ଓଲିଉଡ୍‌ର ଆଗ ଧାଡିର କଳାକାରମାନେ ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ବାଲିଯାତ୍ରାର ଐତିହ୍ୟ ଓ ଅସ୍ମିତାକୁ ନେଇ ପ୍ରଥମ ଥର ପାଇଁ ୫୦୦ ଡ୍ରୋନ ମାଧ୍ୟମରେ ଡ୍ରୋନ ଶୋ' ଏବଂ ଲେଜର ଶୋ' ହେବ। ଚଳିତବର୍ଷ ପାର୍କିଂ ଫି କମିବ ବୋଲି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କହିଛନ୍ତି। ଉପର ବାଲିଯାତ୍ରା ପଡ଼ିଆର ୮ ଏକର ଓ ତଳ ପଡ଼ିଆରେ ୪୩ ଏକ ଜମିରେ ବାଲିଯାତ୍ରା ଆୟୋଜିତ ହୋଇଥାଏ। ଅନ୍ୟପକ୍ଷରେ ନିଲାମ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ପୁରୁଣା ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରାଯାଇଛି। ପ୍ରଶାସନ ବାଲିଯାତ୍ରାକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ନ ଦେଖି ଏହାର ଐତିହ୍ୟ ଓ ଗରିମା ବଜାୟ ରଖିବା ପାଇଁ ଦାବି କରିଛନ୍ତି କଟକର ବୁଦ୍ଧିଜୀବୀ।

# ବଦଳିଲା ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟସୂଚୀ

**ବାରିପଦା,୧୬।୧୦ (ସଂଚାର ବ୍ୟୁରୋ):** ଆସନ୍ତା ୨୩ ତାରିଖରେ ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି । ବହୁ ପ୍ରତୀକ୍ଷିତ ମୟୂରଭଞ୍ଜର ତିନୋଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡିଛି । ୨୩ ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ । ନିଜ ବାପଘରକୁ ଯାଇ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ । ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ। ଅପରାହ୍ଣ ୪ଟାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ସେଠାରୁ ଅପରାହ୍ଣ ୫ଟାରେ ବାହାରି ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ । ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଗଣେଶଙ୍କୁ ଆରତି କରି ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ । ୨୪ ତାରିଖ ବୁଧବାର ରାଷ୍ଟ୍ରପତି ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୯ଟା ୧୫ରେ ପହଞ୍ଚି ବାଙ୍ଗରିପୋଷି-ଗୋରୁମହିଷାଣୀ, ବୁଢାମରା-ଚକୁଲିଆ ଓ ବାଦାମ ପାହାଡ-କେନ୍ଦୁଝରଗଡ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ଏ ନେଇ ରେଳ ବିଭାଗର ଅଧିକାରୀ ମାନେ ବାଙ୍ଗିରିପୋଷି ଆସି ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୋଲିସ ବିଭାଗ ତତ୍ପରତା ଦେଖେଇଛି। ସୁରକ୍ଷା ଦୃଷ୍ଟିରୁ ଅଧିକାରୀ ମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ଅଧିକାରୀ ମାନେ ଘନ ଘନ ବୈଠକ କରୁଛନ୍ତି । ଏ ନେଇ ପୋଲିସ ଉପ ନିର୍ଦ୍ଦେଶକ ବାଙ୍ଗିରିପୋଷି ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ୨୪ ତାରିଖ ପୁରୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି ।

# ୨୩ରୁ ପୁଣି ଲଘୁଚାପ ବର୍ଷା



**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ଆସନ୍ତା ୨୧ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ୨୨ ତାରିଖରେ ଏହା ଲଘୁଚାପ ରୂପ ନେବ। ୨୩ ତାରିଖରେ ଅବପାତରେ ପରିଣତ ହୋଇ ଉତ୍ତର ବା ଉତ୍ତର ପଶ୍ଚିମକୁ ଗତି କରିବ ବୋଲି ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହା ପ୍ରଭାବରେ ୨୩ରୁ ୨୫ ତାରିଖ ଯାଏ ରାଜ୍ୟରେ ପାଗ ମେଘୁଆ ରହିବା ସହିତ ପବନ ଓ ବର୍ଷା ହେବ ବୋଲି ଆକଳନ କରାଯାଇଛି।

# ହାତୀଛୁଆର ଗଳିତ ଶବ ଉଦ୍ଧାର

**କଟକ, ୧୬।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଆଠଗଡ଼ ଡିଭିଜନ ଅନ୍ତର୍ଗତ ବଡମ୍ବା ରେଞ୍ଜରେ ଏକ ହାତୀ ଶାବକର ଗଳିତ ଶବ ଉଦ୍ଧାର କରାଯାଇଛି। ମାଣିଆବନ୍ଧ ସେକ୍ସନର କାଦୁଆପଡ଼ା ବିଟ୍ ଠାରୁ ୩କିମି ଜଙ୍ଗଲ ଭିତରେ ହାତୀଛୁଆର ଗଳିତ ଶବକୁ ବନ ବିଭାଗର କର୍ମଚାରୀମାନେ ବୁଧବାର ସକାଳେ ଠାବ କରିଛନ୍ତି। ହାତୀଟି ପ୍ରାୟ ୮ରୁ ୧୦ ଦିନ ପୂର୍ବରୁ ମରିଥିବା ସନ୍ଦେହ କରାଯାଉଛି। ହାତୀଟିର ବୟସ ଦେଢ଼ ବର୍ଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ହାତୀ ଶରୀରର ବିଭିନ୍ନ ଅଂଶ ନଷ୍ଟ ହୋଇ ଯାଇଥିବା ଚିତ୍ରରୁ ସ୍ପଷ୍ଟ ହୋଇଛି। କିନ୍ତୁ ହାତୀଟି କେଉଁ କାରଣରୁ ମୃତ୍ୟୁ ହୋଇଛି, ସେନେଇ ଜଣା ପଡ଼ିନାହିଁ। ଶବକୁ ପୋତିଦିଆଯାଇଛି।

ମାଣିଆବନ୍ଧ ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି, ଜଙ୍ଗଲରେ ପାଟ୍ରୋଲିଂ କରୁଥିବା କର୍ମଚାରୀମାନେ ହାତୀ ଶାବକର ମୃତଦେହ ଠାବ କରିଥିଲେ। ହାତୀଟିର ବୟସ ପ୍ରାୟ ଦେଢ଼ ବର୍ଷ ହେବ। ଏହା ପରେ ବଡ଼ମ୍ବା, ଗୋପପୁର ଓ ମାଣିଆବନ୍ଧରୁ ପଶୁ ଚିକିତ୍ସକମାନେ ଘଟଣାସ୍ଥଳକୁ ଯାଇଥିଲେ। ମୃତ ହାତୀ ଶାବକର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଓୟୁଏଟି ପଠାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଦୁଇଦିନ ପୂର୍ବେ ସୁନ୍ଦରଗଡ଼ ଜିଲ୍ଲା ବନ୍ଧମୁଣ୍ଡାରେ ଟ୍ରେନ୍ ଧକ୍କାରେ ଏକ ହାତୀଛୁଆ ପ୍ରାଣ ହରାଇଥିଲା। ଏହା ସହିତ ଆଉ ଏକ ଛୁଆ ଓ ମାଈ ହାତୀ ଆହତ ହୋଇଥିଲେ। ଏବେ ବଡ଼ମ୍ବା ଅଞ୍ଚଳରେ ହାତୀ ଛୁଆର ମୃତ୍ୟୁ ପ୍ରାଣୀପ୍ରେମୀଙ୍କୁ ଚିନ୍ତାରେ ପକାଇଛି।

## ପାଣ୍ଡିଆନ୍ ଆମ ନେତା ନ ଥିଲେ

# ସତ୍‌ସାହସ ଥିଲେ ନେତାଙ୍କୁ ଦୋଷ ଦିଅ



**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ଲଗାତାର ଅମର ଶତପଥୀ ଓ ପ୍ରସନ୍ନ ପାଟ୍ଟଶାଣୀ ବିଜେଡିକୁ କଟୁ ସମାଲୋଚନା କରୁଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନ୍‌ଙ୍କ ବିରୋଧରେ ବିଷୋଦଗାର କରୁଥିବା ଦେଖିବାକୁ ମିଳିଛି। ତାଙ୍କୁ କଡ଼ା ଜବାବ ଦେଇଛନ୍ତି ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସେ ଉଭୟ ନେତାଙ୍କୁ ପ୍ରତି ଆକ୍ରମଣ କରିବା ସହିତ ସଫା ସଫା କହିଛନ୍ତି, ପାଣ୍ଡିଆନ୍ ଆମର ନେତା ନ ଥିଲେ। ଯଦି ସତ୍‌ସାହସ ଅଛି ନେତାଙ୍କୁ ଦୋଷ ଦିଅନ୍ତୁ।

ଗଣମାଧ୍ୟମକୁ ଦେବାଶିଷ ସାମନ୍ତରାୟ କହିଛନ୍ତି, ମତାମତ ଦେବା ପୂର୍ବରୁ ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଭାବିବା ଆବଶ୍ୟକ ଥିଲା। ସବୁବେଳେ କ୍ଷମତାଲୋଭୀ ହେବା ଉଚିତ ନୁହେଁ। ଏନ୍‌ସିପିରେ ଥିବା ବେଳେ ସେ ବିଜୁ ଜନତା ଦଳ ଓ ନବୀନ ପଟ୍ଟନାୟକଙ୍କ ବିରୋଧରେ ବାରମ୍ବାର ବିଷୋଦ୍‌ଗାର କରିଥିଲେ। ପୁଣି ବିଜେଡିକୁ କିପରି ଫେରିଲେ? ଠିକ୍ ସେମିତି ପ୍ରସନ୍ନ ପାଟ୍ଟଶାଣୀ ବିଜେଡିରୁ ଅନେକ ଫାଇଦା ପାଇଛନ୍ତି। ଅନେକଥର ସାଂସଦ ହୋଇଛନ୍ତି। ଦଳ ବହୁ ପରିଶ୍ରମ କରି ତାଙ୍କୁ ସାଂସଦ କରିଛି। ଆଜି ଟିକେଟ ନ ମିଳିବାରୁ ସେ ଦଳ ଛାଡ଼ିଦେବା କେତେଦୂର ଯୁକ୍ତିଯୁକ୍ତ?

ପାଣ୍ଡିଆନ୍‌ଙ୍କୁ ନେଇ ପ୍ରସନ୍ନ ପାଟ୍ଟଶାଣୀ ଦେଇଥିବା ମନ୍ତବ୍ୟ ଉପରେ ଶ୍ରୀ ସାମନ୍ତରାୟ କହିଛନ୍ତି, ଯଦି ଦୋଷ ଦେବାର ସତ୍‌ସାହସ ଅଛି, ତାହାହେଲେ ନିଜ ନେତାଙ୍କୁ ଦୋଷ ଦିଅ। ପାଣ୍ଡିଆନ୍ ଆମ ନେତା ନ ଥିଲେ। ପାଣ୍ଡିଆନ୍ କେବେ ବି ନେତା ନ ଥିଲେ। ଆମ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ଏବେ ରାଜ୍ୟବାସୀ ବିଜେଡିକୁ ବିରୋଧୀ ଦଳର କାମ କରିବା ପାଇଁ ଭୋଟ ଦେଇଛନ୍ତି। ତେଣୁ ଦଳ ସୁସଙ୍ଗଠିତ ହେଉଛି। ବର୍ତ୍ତମାନ ଯିଏ ଛାଡ଼ିବା କଥା ଛାଡ଼ନ୍ତୁ। ଦଳ ପାଇଁ କିଛି ଫରକ ପଡ଼ିବ ନାହିଁ।

# ନନ୍ଦନକାନନରେ ଆହତ ହାତୀର ଚିକିତ୍ସା



**ରାଉରକେଲା, ୧୬।୧୦ (ସଂଚାର ବ୍ୟୁରୋ):** ସୋମବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ବନ୍ଧମୁଣ୍ଡା ନିକଟରେ ମାଲଗାଡ଼ି ଧକ୍କାରେ ଛୁଆହାତୀର ମୃତ୍ୟୁ ହେବା ପରେ ଦୁଇ ହାତୀ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ବନ ବିଭାଗ ତତ୍ପରତା ଦେଖାଇ ବିଳମ୍ବିତ ରାତିରେ ଛୋଟ ହାତୀକୁ ଟ୍ରାଙ୍କୁଲାଇଜ୍ କରିଛି। ଏହାସହିତ ମା' ହାତୀ ବିଳମ୍ବିତ ରାତିରେ ପଲକୁ ପଳାଇଥିବା ସୂଚନା ରହିଛି। ଟ୍ରାଙ୍କୁଲାଇଜ୍ ପରେ ହାତୀ ଛୁଆକୁ ନନ୍ଦନକାନନ ଅଣାଯାଇଛି। ଏଠାରେ ତାକୁ ଚିକିତ୍ସା କରାଯିବ।

ସୂଚନାଯୋଗ୍ୟ, ରାତିରେ ଛୁଆହାତୀର ମୃତ୍ୟୁ ପରେ ୨୪ ଟିକିଆ ହାତୀପଲ ସକାଳେ ସନ୍ତୋଷପୁର ସ୍ଥିତ ଜାରାଟୋଲି ଆଡ଼କୁ ପଳାଇ ଯାଇଥିଲେ। ମାତ୍ର ଗୋଟିଏ ମାଈହାତୀ ନିଜ ଛୁଆ ସହିତ ଘଟଣାସ୍ଥଳ ନିକଟରେ ରାତି ସାରା ଜଗି ରହିଥିଲା। ସକାଳ ହେବା ପରେ ଏହି ଦୁଇହାତୀକୁ ବନ ବିଭାଗ ପକ୍ଷରୁ ଖାଦ୍ୟ ଏବଂ ପାଣି ବ୍ୟବସ୍ଥା କରାଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ରାଉରକେଲା ଡିଏଫ୍‌ଓ କହିଛନ୍ତି ଯେ ହାତୀ ପଲଙ୍କ ଯାତାୟାତ ସଂପର୍କରେ ବନ୍ଧମୁଣ୍ଡା ରେଳବାଇ କଣ୍ଟ୍ରୋଲ ରୁମ୍‌କୁ ଆଗୁଆ ସୂଚନା ଦିଆଯାଇଥିଲା। ଏହାପରେ ମଧ୍ୟ ହାତୀ ଚଳାଚଳ ଜୋନ୍‌ରେ ଦ୍ରୁତଗତିରେ ଟ୍ରେନ୍ ଚାଲିଥିଲା। ଉଲ୍ଲେଖନୀୟ ଯେ ଗତ କିଛିଦିନ ଧରି ବନ୍ଧମୁଣ୍ଡା, ବିଶ୍ରା, ଭାଲୁଲତା, ଜରେଇକେଲା, ବରସୁଆଁ, ବିମଳାଗଡ଼ ଆଦି ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ବଢ଼ିବାରେ ଲାଗିଛି।

## ମଶା ଦମନରେ କେତେ ସଫଳ ସିଏମ୍‌ସି ?

# ସହରବାସୀଙ୍କ ସୁରକ୍ଷା ନା ମହାମାରୀକୁ ପ୍ରଶୟ

**କଟକ, ୧୬। ୧୦ (ସଂଚାର ବ୍ୟୁରୋ):** ଦୀର୍ଘଦିନ ଧରି ମଶା ଉପଦ୍ରବ କଟକ ସହରର ଏକ ପ୍ରମୁଖ ସମସ୍ୟା ଭାବେ ପରିଗଣିତ ହୋଇ ଆସୁଛି। ସେ ପ୍ରଶାସନିକ ଅଧିକାରୀ ହୁଅନ୍ତୁ ବା ରାଜନେତା କଟକ ସହର ସମସ୍ୟା ଉପରକୁ ନଜର ପକାଇଲେ ସମସ୍ତଙ୍କ ମୁହଁରେ ମଶା ଉପଦ୍ରବ ବିଷୟ ଆସେ। ଯାହାକି ପ୍ରାୟ ଦୁଇ ତିନି ବର୍ଷ ଶିଖର ଛୁଇଁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରତ୍ୟେକ ୱାର୍ଡରେ ବର୍ତ୍ତମାନ ଜନ ପ୍ରତିନିଧି ଥାଇ ଏବଂ ପ୍ରତିବର୍ଷ ସିଏମସି ପକ୍ଷରୁ ଲକ୍ଷାଧିକ ଟଙ୍କା ମଶା ଦମନ ପାଇଁ ଖର୍ଚ୍ଚ ହେଉଥିଲେ ମଧ୍ୟ ମଶା ଦାଉରୁ ସହରବାସୀଙ୍କୁ ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ସିଏମସି। ଏଭଳି ବିଫଳତାକୁ ବର୍ତ୍ତମାନ ମହାମାରୀକୁ ଏକ ପ୍ରକାର ପ୍ରଶୟ ବୋଲି କୁହାଯାଉଛି। ତେବେ ଏହା ପଛରେ ଦୁର୍ନୀତିର ଆଭାସ ରହୁଛି ସାଧାରଣରେ ମତ ପ୍ରକାଶ ପାଇଛି।

ଗତ ଦୁଇତିନି ବର୍ଷ ସମେତ ଚଳିତବର୍ଷ ମଧ୍ୟ ମଶା ପ୍ରାଦୁର୍ଭାବ ସହରରେ ଯଥେଷ୍ଟ ରହିଛି। ଦିନ ଯେତିକି ଗଡୁଛି ମଶାଙ୍କ ଉପଦ୍ରବ ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ତେବେ ଅଭିଜ୍ଞଙ୍କ ମତ ଅନୁଯାୟୀ ମଶା ଦମନ ପାଇଁ ଯେଉଁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା କଥା ସେସବୁ ପ୍ରତି ସିଏମସି ଆଦୌ ଗୁରୁତ୍ୱ ଦେଇନାହିଁ। କେବଳ ଲୋକ ଦେଖାଣିଆ ସଚେତନ କରାଯାଉଛି। ହେଲେ ଅସଲ ଉଦ୍ଦେଶ୍ୟ ଆଉ କିଛି ରହୁଛି। ସଚେତନତା କାର୍ଯ୍ୟକ୍ରମ କରି ସିଏମସି ଦାୟିତ୍ୱ ଶେଷ କରୁଥିବା ବେଳେ ସଠିକ ସମୟରେ ମଶା ତେଲ ପଡୁନାହିଁ। ସେହିଭଳି ମଶା ଧୂଆଁ ମଧ୍ୟ ସହରବାସୀଙ୍କ ପାଇଁ ବର୍ତ୍ତମାନ ସ୍ୱପ୍ନ ପାଲଟିଛି। ଉକ୍ତ ପ୍ରସଙ୍ଗକୁ ନେଇ ବିଗତ ଦିନରେ କର୍ପୋରେଟରମାନେ ସିଏମସିରେ ସ୍ୱର ଉତ୍ତୋଳନ ମଧ୍ୟ କରିଥିଲେ। ଏହା ବ୍ୟତୀତ ବିଗତ ଦିନର ଗଣମାଧ୍ୟମ ପୃଷ୍ଠା ମଶା ତେଲ ଓ ମଶା ଧୂଆଁକୁ ନେଇ ହୋଇଥିବା ଦୁର୍ନୀତିକୁ ମଧ୍ୟ ବଖାଣେ।






ସବୁଠାରୁ ବଡ଼ କଥା ହେଉଛି ଯେ ସିଏମସି ନିର୍ବାଚନ ପରେ ଖୋଦ ମେୟର ସୁବାସ ସିଂହ କଟକରେ ମଶା ଦମନ ପାଇଁ ପୂର୍ବତନ ନଗରପାଳ ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କୁ ନିମନ୍ତ୍ରଣ କରି ଏକ ବୈଠକ ଅନୁଷ୍ଠିତ କରିବା ସହ ମଶା ପ୍ରାଦୁର୍ଭାବ କିପରି ରୋକିହେବ ତାର ପରାମର୍ଶ ନେଇଥିଲେ। ମାତ୍ର ମେୟରଙ୍କ ବୈଠକ ସିଏମସି ସମ୍ମିଳନୀ କକ୍ଷ ଓ ଗଣମାଧ୍ୟମ ପୃଷ୍ଠାରେ ସୀମିତ ରହି ଯାଇଥିବା ବେଳେ ତ୍ରିଲୋଚନ ଯେଉଁ ଉପଦେଶ ଦେଇଥିଲେ ତାହା କେବଳ ଉପଦେଶରେ ରହିଗଲା। ଯାହା ତ୍ରିଲୋଚନଙ୍କ ପ୍ରତି ଏକ ଅସମ୍ମାନ ବୋଲି ପୂର୍ବତନ କର୍ପୋରେଟର ଓ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି। ଏହା ସହ ସେ କହିଛନ୍ତି ଗତବର୍ଷ ଡେଙ୍ଗୁ ରେକର୍ଡ ବ୍ରେକ କରିଥିଲା। ଏହାପରେ ମଧ୍ୟ ଚଳିତବର୍ଷ ପରିସ୍ଥିତିରେ ସୁଧାର ଦେଖିବାକୁ ମିଳୁନାହିଁ। ସହରରେ ବଣବୁଦା ପରିପୂର୍ଣ୍ଣ, ସଫେଇର ନାଁ ଗନ୍ଧ ନାହିଁ। ମଶା ତେଲ କି ମଶା ଧୂଆଁ ଦେଖିବାକୁ ମିଳୁନି। କେବଳ ସଚେତନତାରେ କାମ ଶେଷ କରୁଛି କଟକ ମ୍ୟୁନିସିପାଲ କର୍ପୋରେସନ।

ଏହା ବ୍ୟତୀତ ସହରରେ ମଶା ନିୟନ୍ତ୍ରଣକୁ ନେଇ କଣ କହୁଛି ସୂଚନା ଅଧିକାର ଆଇନ ତାର ସ୍ପଷ୍ଟୀକରଣ ରଖିଛନ୍ତି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ। ଶ୍ରୀ ସାହୁ କହିଛନ୍ତି ଯେ ମଶା ଦମନକୁ ନେଇ ଯେଉଁ ତଥ୍ୟ ସିଏମସିକୁ ମଗା ଯାଇଥିଲା ତାହା ମିଳିଲା ନାହିଁ। ଯେଉଁଥିପାଇଁ ଅପିଲ ମଧ୍ୟ ହୋଇଛି। ନାଳ ନର୍ଦ୍ଦମା ସଫେଇ ହେଉ ନାହିଁ। ବିଗତ ଦିନରେ ମଶା ତେଲ ଦାୟିତ୍ୱ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦିଆଯାଉଥିଲା। ଏଣୁ ଏହାର ବିଲ ଭାଉଚର ସିଏମସିକୁ ସୂଚନା ଅଧିକାର ଆଇନ ଅନୁଯାୟୀ ମଗା ଯାଇଥିଲା। ଅନ୍ୟପକ୍ଷରେ ନକଲି ମଶା ତେଲ ବିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଥିବା ବେଳେ ଦୁର୍ନୀତି ପଛର ଖଳନାୟକ କିଏ ବୋଲି ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏହାସହ ସିଏମସି ନଗର ସ୍ୱାସ୍ଥ୍ୟ ଅଧିକାରୀ ମଶା ଦମନରେ ମଧ୍ୟ କେତେ ଦକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର